ବର୍ଷ-୨୪, ସଂଖ୍ୟା-୨୫୪
ଭୁବନେଶ୍ୱର
୧୭ ଅକ୍ଟୋବର, ୨୦୨୪ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 254
Bhubaneswar
17 October, 2024 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## କେନ୍ଦ୍ର କର୍ମଚାରୀଙ୍କୁ ଦୀପାବଳି ଭେଟି

### ୩% ବଢ଼ିଲା ମହଙ୍ଗା ଭତ୍ତା

ନୂଆଦିଲ୍ଲୀ, ୧୬।୧୦(ମହାଭାରତ): ଦୀପାବଳି ପୂର୍ବରୁ କର୍ମଚାରୀଙ୍କୁ ଭେଟି ଦେଇଛନ୍ତି କେନ୍ଦ୍ର ସରକାର। ମହଙ୍ଗା ଭତ୍ତାକୁ ୩% ବୃଦ୍ଧି କରିଛନ୍ତି। ଆଜି କ୍ୟାବିନେଟ ବୈଠକ ପରେ ଏହି ଘୋଷଣା କରାଯାଇଛି। ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ମହଙ୍ଗା ଭତ୍ତା ବୃଦ୍ଧି କରିଛନ୍ତି ସରକାର। ଏହି ବୃଦ୍ଧି ସହ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୩%କୁ ବୃଦ୍ଧି ହୋଇଛି। କେନ୍ଦ୍ର ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ସରକାରୀ କର୍ମଚାରୀ ଏହି ସୁବିଧା ପାଇବେ।

ଏହାର ଅର୍ଥ ଅକ୍ଟୋବର ମାସର ଦରମା ମହଙ୍ଗା ଭତ୍ତା ସହ ମିଳିବ। ଏହା ସହ ତିନି ମାସର ବକେୟା ଭତ୍ତା ମଧ୍ୟ ମିଳିବ। ଏହି ଘୋଷଣା ପରେ ପେନସନ ପାଉଥିବା ଅବସରପ୍ରାପ୍ତ କର୍ମଚାରୀ ମଧ୍ୟ ଉପକୃତ ହେବେ। ସେମାନଙ୍କର ମଧ୍ୟ ମହଙ୍ଗା ଭତ୍ତା ବୃଦ୍ଧି କରାଯାଇଛି।

ସର୍ବଭାରତୀୟ ଗ୍ରାହକ ଦର ସୂଚକାଙ୍କ ଜରିଆରେ ମହଙ୍ଗା ଭତ୍ତାର ହିସାବ କରାଯାଏ। ଏହି ସୂଚକାଙ୍କ ଖୁଚରା ବଜାରର ମୂଲ୍ୟକୁ ଟ୍ରାକ କରି ମହଙ୍ଗା ଭତ୍ତା ବୃଦ୍ଧି ନେଇ ନିଷ୍ପତ୍ତି ନିଏ। ମହଙ୍ଗା ଭତ୍ତା ବର୍ଷକୁ ଦୁଇ ଥର ସଂଶୋଧିତ କରାଯାଏ। କର୍ମଚାରୀଙ୍କୁ ସେମାନଙ୍କ ଜୀବନ ଧାରଣ କ୍ଷମତାରେ ଆର୍ଥିକ ସହାୟତା ପାଇଁ ମହଙ୍ଗା ଭତ୍ତାର ବ୍ୟବସ୍ଥା କରାଯାଇଛି। କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି କେବଳ ସେମାନଙ୍କ ଟେକ୍ ହୋମ ଦରମା ପରିମାଣକୁ ବୃଦ୍ଧି କରିବ ନାହିଁ ବରଂ ଅନ୍ୟ ଭତ୍ତାରେ ମଧ୍ୟ ବୃଦ୍ଧି ଆଣିବ। କର୍ମଚାରୀଙ୍କ ଆର୍ଥିକ ସ୍ଥିତିକୁ ସ୍ୱଚ୍ଛଳ କରିବା ପାଇଁ ମହଙ୍ଗା ଭତ୍ତା ବୃଦ୍ଧି କରାଯାଏ।

## ପାକିସ୍ତାନରେ ଆତଙ୍କବାଦୀ ପ୍ରସଙ୍ଗ ଉଠାଇଲେ ଜୟଶଙ୍କର

ଇସଲାମାବାଦ, ୧୬।୧୦(ମହାଭାରତ): ପାକିସ୍ତାନରେ ଆୟୋଜିତ ସାଙ୍ଘାଇ କର୍ପୋରେସନ ଅର୍ଗାନାଇଜେନ (ଏସ୍‌ସିଓ) ବୈଠେକରେ ନିଜ ଅନ୍ଦାଜ ଦେଖାଇଛନ୍ତି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର। ପାକିସ୍ତାନକୁ ଆକ୍ଷେପ କରି ଆତଙ୍କବାଦ କେବେ ହେଲେ ବାଣିଜ୍ୟ ଏବଂ ଯୋଗାଯୋଗ ବୃଦ୍ଧି କରିବ ନାହିଁ ବୋଲି ସେ କହିଛନ୍ତି।



ସେ ଆହୁରି କହିଛନ୍ତି, ଯଦି ଦୁଇ ଦେଶର ସୀମାରେ ଆତଙ୍କବାଦ ଏବଂ ବିଚ୍ଛିନ୍ନତାବାଦ ମନୋଭାବ ରହେ, ତେବେ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ସମ୍ପର୍କକୁ ସହଯୋଗ କରିବା ସମ୍ଭବ ନୁହେଁ। ବିକାଶ ଏବଂ ଅଭିବୃଦ୍ଧି ସର୍ବଦା ଶାନ୍ତି ଏବଂ ସ୍ଥିରତା ଉପରେ ନିର୍ଭର କରେ। ଆତଙ୍କବାଦର ବିନାଶ ନ ହେଲେ, ବିକାଶ ହୋଇପାରିବ ନାହିଁ। ବର୍ତ୍ତମାନ ସମୟରେ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦ ବିରୋଧରେ ଲଢ଼େଇ କରିବା ଏସ୍‌ସିଓର ମୂଳ ଲକ୍ଷ୍ୟ। ଜଗତୀକରଣ ଏବଂ ପୁନଃ ସନ୍ତୁଳନ ବଜାୟ ରଖିବା ମୂଳ ମୁଦ୍ଦା, ଏସ୍‌ସିଓ ସଦସ୍ୟ ରାଷ୍ଟ୍ର ଏହାକୁ ଆଗକୁ ନେବାର ଆବଶ୍ୟକତା ରହିଛି। ଏଥିପାଇଁ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସଙ୍କୋଚ ବାର୍ତ୍ତାଳାପ, ବିଶ୍ୱାସ, ଉତ୍ତମ ସମ୍ପର୍କ ଏବଂ ଚର୍ଚ୍ଚାର ପ୍ରତି ପ୍ରତିବଦ୍ଧତା ଆବଶ୍ୟକ କରେ। ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦ ଭଳି ତିନି ଶତ୍ରୁକୁ ପ୍ରତିହତ କରିବା ପାଇଁ ଏସ୍‌ସିଓକୁ କୌଣସି ପ୍ରକାର ଆପୋଷ ବୁଝାମଣା କରିବା ଆବଶ୍ୟକ ନୁହେଁ ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ସହଯୋଗ ପାରସ୍ପରିକ ସମ୍ମାନ ଏବଂ ସାର୍ବଭୌମତ୍ୱ ସମାନତା ଉପରେ ଆଧାରିତ ହେବା ଆବଶ୍ୟକ। ଆଞ୍ଚଳିକ ଅଖଣ୍ଡତା ଏବଂ ସାର୍ବଭୌମତ୍ୱକୁ ସ୍ୱୀକୃତି ଦେବା ଉଚିତ ଏବଂ ଏକପାଖିଆ ଏଜେଣ୍ଡା ନୁହେଁ ପ୍ରକୃତ ସହଭାଗୀତା ଉପରେ ନିର୍ମିତ ହେବା ଦରକାର। ଏସବୁକୁ ବାଦ୍ ଦେଇ ଯଦି ଆମେ କେବଳ ବେପାର-ବାଣିଜ୍ୟ ଉପରେ ପ୍ରାଧାନ୍ୟ ଦେବା, ତେବେ କେବେ ହେଲେ ଏସ୍‌ସିଓ ଆଗକୁ ବଢ଼ିପାରିବ ନାହିଁ।

ଏହା ବ୍ୟତୀତ ଚଳିତ ବର୍ଷର ଏସ୍‌ସିଓ ସମ୍ମିଳନୀର ଆୟୋଜନ ପାଇଁ ପାକିସ୍ତାନକୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି ଏସ୍ ଜୟଶଙ୍କର। ଏହି ଅଧ୍ୟକ୍ଷତାକୁ ସଫଳ କରିବା ପାଇଁ ଭାରତର ସମସ୍ତ ପ୍ରକାର ସହଯୋଗ ଅଛି ବୋଲି ସେ କହିଛନ୍ତି।

## ସାଧାରଣ ବିମାନରେ ଯାତ୍ରା କଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୧୬।୧୦(ମହାଭାରତ): ସାଧାରଣ ବିମାନରେ ଯାତ୍ରା କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ସ୍ୱତନ୍ତ୍ର ବିମାନରେ ଯାତ୍ରା ନକରି ପତ୍ନୀଙ୍କ ସହ ସାଧାରଣ ବିମାନରେ ଯାତ୍ରା କଲେ ମୁଖ୍ୟମନ୍ତ୍ରୀ। ସରକାରୀ ଅର୍ଥକୁ ବଞ୍ଚାଇବା ପାଇଁ ମୋହନ ମାଝୀ ଏଭଳି ପଦକ୍ଷେପ ନେଇଛନ୍ତି। ତେବେ ୪ଦିନିଆ ହରିୟାଣା ଗସ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବିମାନର ବ୍ୟବସ୍ଥା ହୋଇଥିଲା। କିନ୍ତୁ ସ୍ୱତନ୍ତ୍ର ବିମାନରେ ନଯାଇ ସାଧାରଣ ଯାତ୍ରୀଙ୍କ ଭଳି ସାଧାରଣ ବିମାନରେ ଯାତ୍ରା କରିଛନ୍ତି ମୁଖ୍ୟମନ୍ତ୍ରୀ ଓ ତାଙ୍କ ପତ୍ନୀ। ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ବୁକିଂ ହୋଇଥିଲା ସ୍ୱତନ୍ତ୍ର ବିମାନ। ଯାହାର ଦିନକୁ ଭଡ଼ା ୯୧ଲକ୍ଷ ୨୨ହଜାର ଟଙ୍କା ଥିଲା। ସେହିପରି ଅନ୍ୟ ଏକ ସ୍ୱତନ୍ତ୍ର ବିମାନ ଫାଲକନ୍-୨୦୦ରେ ମୁଖମନ୍ତ୍ରୀ ଯିବା ପାଇଁ ବିଚାର କରାଯାଇଥିଲା। ଯାହାର ଭଡ଼ା ଥିଲା ୬୮ ଲକ୍ଷ ୫୫ ହଜାର ଟଙ୍କା। ଦୁଇଟି ଯାକ ସ୍ୱତନ୍ତ୍ର ବିମାନର ଭଡ଼ା ବହୁତ ଅଧିକ ଥିବାରୁ ସରକାରୀ ଅର୍ଥ ବଞ୍ଚେଇବା ପାଇଁ ସରକାରୀ ଅର୍ଥର ଅଯଥା ଖର୍ଚ୍ଚ ନକରି ସାଧାରଣ ବିମାନରେ ଯିବା ପାଇଁ ନିଷ୍ପତ୍ତି ନେଲେ ମୁଖ୍ୟମନ୍ତ୍ରୀ।

## ଶପଥ ନେଲେ ଓମାର ଅବଦୁଲ୍ଲା

ନୂଆଦିଲ୍ଲୀ, ୧୬।୧୦(ମହାଭାରତ): କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ପାଇବାର ୬ ବର୍ଷ ପରେ ଜମ୍ମୁ-କଶ୍ମୀରକୁ ମିଳିଲା ପ୍ରଥମ ମୁଖ୍ୟମନ୍ତ୍ରୀ। ନ୍ୟାସନାଲ କନଫରେନ୍ସ (ଏନସି) ବିଧାୟକ ଓମାର ଅବଦୁଲ୍ଲା ଆଜି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ତାଙ୍କ ସହ ସୁରିନ୍ଦର ସିଂହ ଚୌଧୁରୀ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି।

ଆଜି ଶ୍ରୀନଗରର ଶେର-ଇ-କଶ୍ମୀର ଅନ୍ତର୍ଜାତୀୟ ସମ୍ମିଳନୀ କେନ୍ଦ୍ରରେ ଶପଥ ଗ୍ରହଣ ସମାରୋହର ଆୟୋଜନ କରାଯାଇଥିଲା। ଉପରାଜ୍ୟପାଳ ମନୋଜ ସିହ୍ନା ଓମାର ଅବଦୁଲ୍ଲାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି।

ଓମାର ଅବଦୁଲ୍ଲାଙ୍କ ସମେତ ପାଞ୍ଚ ଜଣ ବିଧାୟକ ମଧ୍ୟ ଶପଥ ନେଇଛନ୍ତି। ସେମାନଙ୍କ ମଧ୍ୟରେ ସ୍ୱାଧୀନ ବିଧାୟକ ସତୀଶ ଶର୍ମା ଏବଂ ଅନ୍ୟ ଚାରି ଜଣ ନ୍ୟାସନାଲ କନଫରେନ୍ସର ସାକିନୋ ଇଟୋ, ଜାଭିଦ ଦାର୍, ସୁରିନ୍ଦର ସିଂହ ଚୌଧୁରୀ ଏବଂ ଜାଭିଦ ରାଣା ଶପଥ ନେଇଛନ୍ତି। କିନ୍ତୁ କଂଗ୍ରେସ ଏନସି ସହ ମେଣ୍ଟ ଭାବେ ସରକାର ଗଠନ କରିଥିଲେ ମଧ୍ୟ ଦଳର କୌଣସି ବିଧାୟକ ଶପଥ ନେଇନାହାନ୍ତି।

ଏହି ସମାରୋହରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ ସମେତ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ,



ପ୍ରିୟଙ୍କା ଗାନ୍ଧି, ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତି, ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଭାବରେ ଏହା ଓମାର ଅବଦୁଲ୍ଲାଙ୍କ ଦ୍ୱିତୀୟ ଶପଥ ଗ୍ରହଣ। କିନ୍ତୁ ରାଜ୍ୟକୁ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ମିଳିବା ପରେ ସେ ହେଉଛନ୍ତି ପ୍ରଥମ ମୁଖ୍ୟମନ୍ତ୍ରୀ। ୨୦୧୯ରେ ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହୋଇଥିଲା। ଏହାପରେ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ପରିଗଣିତ ହୋଇଥିଲା। ଓମାର ଅବଦୁଲ୍ଲା ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଏହି ସମୟରେ ନ୍ୟାସନାଲ କନଫରେନ୍ସ ଏବଂ କଂଗ୍ରେସ ମିଳିତ ଭାବେ ସରକାର ଗଠନ କରିଥିଲେ। ଚଳିତ ନିର୍ବାଚନରେ ମଧ୍ୟ ଦୁଇ ଦଳ ଏକାଠି ଲଢ଼ିଥିଲେ ଏବଂ ମିଳିତ ଭାବେ ସରକାର ଗଠନ କରିଛନ୍ତି। କିନ୍ତୁ କଂଗ୍ରେସ ପକ୍ଷରୁ କୌଣସି ଜଣେ ହେଲେ ବିଧାୟକ ପ୍ରାଥମିକ ପର୍ଯ୍ୟାୟରେ ଶପଥ ନେଇନାହାନ୍ତି।

ମନ୍ତ୍ରୀ ପଦ ବଣ୍ଟନକୁ ନେଇ ମେଣ୍ଟରେ ମତାନ୍ତର ଥିବା କୁହାଯାଉଛି। କଂଗ୍ରେସକୁ ଗୋଟିଏ ମନ୍ତ୍ରୀ ପଦ ଅଫର୍ ହୋଇଥିଲେ ମଧ୍ୟ ଦଳ ଏହାକୁ ପ୍ରତ୍ୟାଖ୍ୟାନ କରି ଦେଇଥିବା ଚର୍ଚ୍ଚା ହେଉଛି। ସେପଟେ ଶପଥ ଗ୍ରହଣ ପୂର୍ବରୁ ଓମାର ଅବଦୁଲ୍ଲା କହିଥିଲେ ଯେ, ମନ୍ତ୍ରୀ ପଦ ଆବଣ୍ଟନ ନେଇ କଂଗ୍ରେସ ସହ ଆଲୋଚନା ଚାଲିଛି।

## ନ୍ୟାୟଦେବୀଙ୍କ ଆଖିରୁ ହଟିଲା କଳାପଟି

**ନୂଆଦିଲ୍ଲୀ, ୧୬।୧୦:** ଆଉ ଅନ୍ଧ ହୋଇ ରହିବନି ଭାରତୀୟ ଆଇନ। ନ୍ୟାୟଦେବୀଙ୍କ ଆଖିରୁ ହଟିଲା କଳାପଟି, ହାତରେ ଖଣ୍ଡା ବଦଳରେ ଧରିଲେ ସମ୍ବିଧାନ ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ.ଚନ୍ଦ୍ରଚୂଡ଼ଙ୍କ ପରାମର୍ଶରେ ନ୍ୟାୟଦେବୀଙ୍କ ସ୍ୱରୂପକୁ ବଦଳାଇ ଦିଆଯାଇଛି। ପ୍ରଧାନ ବିଚାରପତିଙ୍କ ବିଚାରରେ, ଖଣ୍ଡା ହେଉଛି ହିଂସାର ପ୍ରତୀକ। କିନ୍ତୁ ଅଦାଲତଙ୍କ କାର୍ଯ୍ୟ ହିଂସାତ୍ମକ ନୁହେଁ ବରଂ ସାମ୍ବିଧାନିକ ବିଧି ବ୍ୟବସ୍ଥା ଭିତରେ ଏହା ନ୍ୟାୟ ପ୍ରଦାନ କରିଥାନ୍ତି। ସେହିପରି ନ୍ୟାୟଦେବୀଙ୍କ ଆଖିରେ ବନ୍ଧା ଯାଉଥିବା କଳା କପଡ଼ାଟିକୁ କାଢ଼ି ଦିଆଯାଇଛି। କିନ୍ତୁ ହାତରେ ଧରିଥିବା ନ୍ୟାୟ ତରାଜୁ ପୂର୍ବପରି ରହିଛି।

## ସିସିଟିଭି ନଜରରେ ରହିବ ପୁରୀ ସହର



ପୁରୀ, ୧୬।୧୦(ମହାଭାରତ): ପୂରା ପୁରୀ ସହରକୁ ଜଗିବ ସିସିଟିଭି। ସିସିଟିଭି ନଜରରେ ରହିବ ଶ୍ରୀକ୍ଷେତ୍ର। ହାଇ କାପାସିଟି ସିସିଟିଭି ସର୍ଭେଲାନ୍ସରେ ରହିବ ସହର। କମାଣ୍ଡ ଓ କଣ୍ଟ୍ରୋଲ ରୁମ୍ ସହିତ ଯୋଡିହେବ ସମସ୍ତ ସିସିଟିଭି। ଏଥିପାଇଁ କାର୍ଯ୍ୟକାରୀ ହେବ 'ସିସିଟିଭି ଯୋଜନା'। ଆଜି ଏନେଇ ସୂଚନା ଦେଇଛନ୍ତି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ।

ଜିଲ୍ଲାପାଳଙ୍କ କହିବା ଅନୁସାରେ ପୁରୀ ପାଇଁ ଖୁବ ଶୀଘ୍ର କାର୍ଯ୍ୟକାରୀ ହେବ 'ସିସିଟିଭି ଯୋଜନା'। ଏହି ସିସିଭି ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି। ସହରର ବିଭିନ୍ନ ପ୍ରବେଶ ପଥ ଯଥା ସମଙ୍ଗ, ମାଳତୀପାଟପୁର, ମଙ୍ଗଳାଘାଟ ଆଦି ସ୍ଥାନରେ ୬୨୦ ସିସିଟିଭି କ୍ୟାମେରା ଲାଗିବ। ଅପ୍ଟିକାଲ ଫାଇବର ସହ ସିସିଟିଭି କ୍ୟାମେରାର ସଂଯୋଗ କରାଯିବ। ଏହାର କମାଣ୍ଡ କଣ୍ଟ୍ରୋଲ ସେଟ୍‌ଅପ୍ ରହିବ। ଯାହା ଦ୍ୱାରା ସବୁ ବିଭାଗ ନିଜ କାର୍ଯ୍ୟ କରିପାରିବେ୍ୟ ଯାହାଦ୍ୱାରା ସହର ଅପରାଧମୁକ୍ତ, ସୁରକ୍ଷିତ ଓ ଟ୍ରାଫିକ୍ ସୁପରିଚାଳନା ହୋଇପାରିବ ବୋଲି ଜିଲ୍ଲାପାଳ କହିଛନ୍ତି। ଶ୍ରୀମନ୍ଦିରରେ ପର୍ଯ୍ୟାପ୍ତ ପରିମାଣର ସିସିଟିଭି ଲାଗିଛି। ଏବେ ଶ୍ରୀମନ୍ଦିର ଭିତର ଓ ବାହାର କାଠ ନିକଟରେ ଦର୍ଶନ ନିୟନ୍ତ୍ରିତ କରିବାକୁ ସିସିଟିଭି କ୍ୟାମେରା ଲାଗିଛି। ଏଥିସହ ଶ୍ରୀମନ୍ଦିର ଭିତରେ ଓ ବାହାରେ ସମସ୍ତ ପ୍ରବେଶ ଏବଂ ପ୍ରସ୍ଥାନ ପଥ, ନାଟମଣ୍ଡପରେ ସିସିଟିଭି କ୍ୟାମେରା ଲାଗିବାକୁ ଟେଣ୍ଡର ଆହ୍ୱାନ କରାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି।

## ତୈଳ ଟ୍ୟାଙ୍କରରେ ବିସ୍ଫୋରଣ, ୯୫ ମୃତ

ନାଇଜେରିଆ, ୧୬।୧୦(ମହାଭାରତ): ତୈଳ ଟ୍ୟାଙ୍କରରେ ହୋଇଛି ଭୟଙ୍କର ବିସ୍ଫୋରଣ। ରାସ୍ତାରେ ପେଟ୍ରୋଲ ଭର୍ତ୍ତି ଟ୍ୟାଙ୍କର ଓଲଟି ପଡ଼ିବା ପରେ ବିସ୍ଫୋରଣ ହୋଇଛି। ଏଥିରେ ବର୍ତ୍ତମାନ ସୁଦ୍ଧା ୯୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି।



ନାଇଜେରିଆର ମାଜିୟା ଗାଁରେ ଏତେ ବଡ଼ ଘଟଣା ଘଟିଛି। ତୈଳ ବୋଝେଇ ଟ୍ୟାଙ୍କର ଡ୍ରାଇଭର ଗାଡ଼ିକୁ ପୋରଥାରକୋର୍ଟରୁ ଯୋବେ ରାଜ୍ୟର ନଗୁରୁକୁ ନେଇ ଯାଇଥିଲେ। ତେବେ ସେ ବାଟ ବାଉଳା ହୋଇ ତାଉରା ଅଧୀନ ମାଜିୟା ଗାଁରେ ପହଞ୍ଚି ଯାଇଥିଲେ। ରାତି ୧୨.୩୦ରେ ସେ ଗାଁରେ ପହଞ୍ଚିବା ପରେ କେଉଁ ଆଡ଼େ ଯିବେ ଜାଣି ପାରି ନଥିଲେ। ସେ ଆଗକୁ ଯାଉଥିବା ବେଳେ ହଠାତ ଗାଡ଼ିଟି ଗାଁ ରାସ୍ତାରେ ଓଲଟି ପଡ଼ିଥିଲା। ଫଳରେ ତୈଳ ବୋଝେଇ ଟ୍ୟାଙ୍କରରେ ଭୟଙ୍କର ବିସ୍ଫୋରଣ ହୋଇଥିବା ସ୍ଥାନୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଏହି ବିସ୍ଫୋରଣରେ ୯୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ୫୦ ଜଣ ଆହତ ହୋଇଥିବା ଜିଗାୱା ପୁଲିସ ନିଶ୍ଚିତ କରିଛି। ପୁଲିସର କହିବା କଥା ଯେ ଗାଡ଼ିଟି ଓଲଟି ପଡ଼ିବା ପରେ ଟ୍ୟାଙ୍କରରେ ଥିବା ପେଟ୍ରୋଲ ଗାଁ ଭିତରେ ବହିବାରେ ଲାଗିଥିଲା। ଗାଁ ରାସ୍ତା ଠାରୁ ଆରମ୍ଭ କରି ଗଟର ଓ ଡ୍ରେନରେ ତେଲ ସବୁ ଭର୍ତ୍ତି ହୋଇଥିଲା।

ଗାଁ ଲୋକମାନେ ଏହା ଦେଖି ତେଲ ବୋହିବା ଆରମ୍ଭ କରି ଦେଇଥିଲେ। ତେଲ ନେବାକୁ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିଲା। ଏହି ସମୟରେ ହଠାତ ନିଆଁ ଲାଗିଯାଇଥିଲା। ଚାରିଆଡ଼େ ତେଲ ପଡ଼ିଥିବାରୁ ନିଆଁ ଆଖି ପିଛୁଳାକେ ବ୍ୟାପିଯିବା ସହ ବିସ୍ଫୋରଣ ହୋଇଥିଲା।

## ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ପାଇଁ କଟକଣା

**ପୁରୀ, ୧୬।୧୦(ମହାଭାରତ):** ଆଉ ଦିନକ ପରେ ଧର୍ମ ମାସ କାର୍ତ୍ତିକ ଆରମ୍ଭ ହୋଇଯିବ। ଶ୍ରଦ୍ଧାଳୁମାନେ କାର୍ତ୍ତିକ ବ୍ରତ ଆରମ୍ଭ କରିବେ। ଗୋଟିଏ ଓଳି ଖାଇ ମହାପ୍ରଭୁଙ୍କ ନିକଟରେ ଲୟ ରଖିବେ କାର୍ତ୍ତିକ ବ୍ରତ ପାଇଁ ଧର୍ମାନୁଷ୍ଠାନ ଗୁଡ଼ିକରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହାରି ମଧ୍ୟରେ ବିଶ୍ୱ ପ୍ରସିଦ୍ଧ ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ପାଇଁ କଟକଣା ଲାଗୁ କରାଯାଇଛି।

ଆସନ୍ତା ୧୮ ତାରିଖଠାରୁ କେବଳ ୨ଟି ଦ୍ୱାର ଦେଇ ଶ୍ରୀମନ୍ଦିର ପ୍ରବେଶ ଅନୁମତି ରହିବ। ସିଂହଦ୍ୱାର ଓ ପଶ୍ଚିମ ଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ। ତେବେ ସିଂହଦ୍ୱାର ବ୍ୟତୀତ ଅନ୍ୟ ୩ ଦ୍ୱାରରେ ଶ୍ରଦ୍ଧାଳୁ ପ୍ରସ୍ଥାନ କରିପାରିବେ। ସିଂହଦ୍ୱାର ଦେଇ ପ୍ରସ୍ଥାନକୁ ସଂପୂର୍ଣ୍ଣ ବାରଣ କରାଯାଇଛି। ତେବେ ଶ୍ରୀମନ୍ଦିର ପ୍ରଶାସନର ଏ ବ୍ୟବସ୍ଥା ଶ୍ରୀମନ୍ଦିର ସେବକ/ସେବକ ପରିବାର ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି କୁହାଯାଇଛି।

ସୂଚନାରୁ ପ୍ରକାଶ, ପୂର୍ବ ସରକାର ଗୋଟିଏ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ ଅନୁମତି ଦେଇଥିଲେ। ଯେଉଁଥିପାଇଁ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ଦୀର୍ଘ ସମୟ ଧରି ଧାଡ଼ିରେ ଛିଡ଼ା ହେବାକୁ ପଡୁଥିଲା। ଯାହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ନୂଆ ସରକାର ଆସିବା ଶ୍ରୀମନ୍ଦିର ଚାରି ଦ୍ୱାର ଶ୍ରଦ୍ଧାଳୁଙ୍କ ପାଇଁ ଖୋଲି ଦେଇଥିଲେ।

## ଅମର-ପ୍ରସନ୍ନଙ୍କୁ ସମାଲୋଚନା କଲେ ସାଂସଦ ଦେବାଶିଷ

ଭୁବନେଶ୍ୱର, ୧୬।୧୦(**ମହାଭାରତ**): ଲଗାତାର ଭାବେ ଗତ କିଛି ଦିନ ହେଲା ଅମର ଶତପଥୀ ଓ ପ୍ରସନ୍ନ ପାଟଶାଣୀ ବିଜେଡିକୁ କଟୁ ସମାଲୋଚନା କରୁଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ଭି.କେ ପାଣ୍ଡିଆନ୍‌ଙ୍କ ବିରୋଧରେ ବିଷୋଦଗାର କରୁଥିବା ଦେଖିବାକୁ ମିଳିଛି। ଆଜି ଏହାର ଜବାବ ଦେଇଛନ୍ତି ବିଜେଡି ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ। ସେ ଉଭୟ ନେତାଙ୍କୁ ପ୍ରତି ଆକ୍ରମଣ କରିବା ସହିତ ସଫା ସଫା କହିଛନ୍ତି, ପାଣ୍ଡିଆନ୍ ଆମର ନେତାନଥିଲେ। ଯଦି ସତ ସାହସ ଅଛି ନେତାଙ୍କୁ ଦୋଷ ଦିଅନ୍ତୁ ବୋଲି ଶ୍ରୀ ସାମନ୍ତରାୟ କହିଛନ୍ତି।



ଗଣମାଧ୍ୟମକୁ ଦେବାଶିଷ ସାମନ୍ତରାୟ ଆଜି କହିଛନ୍ତି, ମତାମତ ଦେବା ପୂର୍ବରୁ ବରିଷ୍ଠ ନେତା ଅମର ପ୍ରସାଦ ଶତପଥୀ ଭାବିବା ଉଚିତ ଥିଲା। ସବୁବେଳେ କ୍ଷମତା ଲୋଭି ହେବା ଉଚିତ ନୁହେଁ। ଏନସିପିରେ ଥିବା ବେଳେ ସେ ବିଜୁ ଜନତା ଦଳ ଓ ନବୀନ ପଟ୍ଟନାୟକଙ୍କୁ ଅନେକ ବିଷୋଦଗାର କରିଥିଲେ। ପୁଣି ବିଜେଡିକୁ କିପରି ଫେରିଲେ ? ଠିକ୍ ସେମିତି ପ୍ରସନ୍ନ ପାଟଶାଣୀ ବିଜେଡିରୁ ଅନେକ ଫାଇଦା ପାଇଛନ୍ତି। ଅନେକ ବାର ସେ ସାଂସଦ ହୋଇଛନ୍ତି। ଦଳ ତାଙ୍କ ପାଇଁ ଅନେକ ପରିଶ୍ରମ କରି ସାଂସଦ କରିଛି। ଆଜି ଟିକେଟ ନ ମିଳିବାରୁ ସେ ଦଳ ଛାଡ଼ିଦେବା କେତେଦୂର ଯୁକ୍ତିଯୁକ୍ତ ବୋ ସେ ପ୍ରଶ୍ନ କରିଛନ୍ତି।

ଭି.କେ ପାଣ୍ଡିଆନ୍‌ଙ୍କୁ ନେଇ ପ୍ରସନ୍ନ ପାଟଶାଣୀ ଦେଇଥିବା ମନ୍ତବ୍ୟ ଉପରେ ଶ୍ରୀ ସାମନ୍ତରାୟ କହିଛନ୍ତି, ଯଦି ଦୋଷ ଦେବାର ସତସାହସ ଅଛି, ତାହାହେଲେ ନିଜ ନେତାଙ୍କୁ ଦୋଷ ଦିଅ। ପାଣ୍ଡିଆନ୍ ଆମ ନେତା ନଥିଲେ। ପାଣ୍ଡିଆନ୍ କେବେ ବି ନେତା ନଥିଲେ। ଆମ ନେତା ହେଉଛନ୍ତି ନବୀନ ପଟ୍ଟନାୟକ। ଏବେ ରାଜ୍ୟବାସୀ ବିଜେଡିକୁ ବିରୋଧୀ ଦଳର କାମ କରିବା ପାଇଁ ଭୋଟ ଦେଇଛନ୍ତି। ତେଣୁ ଦଳ ସୁସଙ୍ଗଠିତ ହେଉଛି। ବର୍ତ୍ତମାନ ଯିଏ ଛାଡ଼ିବା କଥା ଛାଡ଼ନ୍ତୁ। ଦଳ ପାଇଁ କିଛି ଫରକ ପଡ଼ିବ ନାହିଁ ବୋଲି ଶ୍ରୀ ସାମନ୍ତରାୟ କହିଛନ୍ତି।

## ବିଭିନ୍ନ ଖାଦ୍ୟ ଶସ୍ୟର ଏମଏସପି ବୃଦ୍ଧି

ନୂଆଦିଲ୍ଲୀ, ୧୬।୧୦(ପିଆଇବି): ଦେଶର ଚାଷୀଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ରବି ଫସଲଗୁଡ଼ିକ ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମଏସପି ବୃଦ୍ଧି ପ୍ରସ୍ତାବ ଉପରେ ଆଜି କେନ୍ଦ୍ର କ୍ୟାବିନେଟ ମୋହର ମାରିଛି। ଆସନ୍ତା ୨୦୨୫-୨୬ ସିଜିନ ପାଇଁ ବିଭିନ୍ନ ପ୍ରକାରର ରବି ଫସଲର ଏମଏସପି ବୃଦ୍ଧି କରାଯାଇଛି।

ଚାଷୀଙ୍କ ଆୟବୃଦ୍ଧି ଓ ରବି ଋତୁରେ ଫସଲ ଉତ୍ପାଦନ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ଚାଷୀମାନେ ନିଜ ଉତ୍ପାଦ ଉପରେ ଯେମିତି ଉପଯୁକ୍ତ ଦାମ ପାଇ ପାରିବେ, ତା'କୁ ନିଶ୍ଚିତ କରିବାକୁ କେନ୍ଦ୍ର ସରକାର ଏପରି ପଦକ୍ଷେପ ନେଇଥିବା କହିଛନ୍ତି।

କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି ଅନୁଯାୟୀ, ରବି ଋତୁର ପ୍ରମୁଖ ଫସଲ ଗହମର ଏମଏସପି କ୍ୱିଣ୍ଟାଲ ପିଛା ୧୫୦ ଟଙ୍କା ବୃଦ୍ଧି ହୋଇଛି। ଏହାର ଅର୍ଥ ଚାଷୀମାନେ ଏଣିକି ଗହମ କ୍ୱିଣ୍ଟାଲ ପିଛା ୨୪୨୫ ଟଙ୍କାରେ ବିକ୍ରି କରିପାରିବେ। ପୂର୍ବରୁ ସେମାନେ କ୍ୱିଣ୍ଟାଲ ପିଛା ୨୨୭୫ ଟଙ୍କା ପାଉଥିଲେ। ଦେଶର ବିଭିନ୍ନ ପ୍ରାନ୍ତରେ ଚାଷୀମାନେ ରବି ଋତୁରେ ଗହମ ଉତ୍ପାଦନ କରୁଛନ୍ତି। ତେଣୁ ଏହା ସେମାନଙ୍କୁ ବେଶ ଫାଇଦା ଦେବ। ବିଶେଷ କରି ଉତ୍ତର ଭାରତରେ ଅଧିକାଂଶ ଚାଷୀ ଗହମ ଚାଷ କରିଥାଆନ୍ତି। କେନ୍ଦ୍ର ସରକାର ସୋରିଷର ଏମଏସପି ମଧ୍ୟ ବୃଦ୍ଧି କରିଛନ୍ତି। ଏବେ ସୋରିଷରେ ଚାଷୀମାନେ କ୍ୱିଣ୍ଟାଲ ପିଛା ଅଧିକ ୩୦୦ ଟଙ୍କା ଏମଏସପି ଆକାରରେ ପାଇବେ। ପୂର୍ବରୁ ସେମାନେ



ସୋରିଷ କ୍ୱିଣ୍ଟାଲ ପିଛା ୫୬୫୦ ଟଙ୍କାରେ ବିକ୍ରି କରୁଥିଲେ। ହେଲେ ଏବେ ସେମାନଙ୍କୁ ୫୯୫୦ ଟଙ୍କା ମିଳିବ।

ସୋରିଷ ସାଧାରଣତଃ ରାଜସ୍ଥାନ, ହରିୟାଣା ଓ ମଧ୍ୟପ୍ରଦେଶରେ ଅଧିକ ଉତ୍ପାଦନ ହୋଇଥାଏ। ସୋରିଷ ଉଭୟ ଚାଷୀ ଓ ଗ୍ରାହକଙ୍କ ପାଇଁ ଗୋଟିଏ ପ୍ରମୁଖ ତୈଳମଞ୍ଜି ଫସଲ। ଅଧିକ ପରିମାଣରେ ଏମଏସପି ଦ୍ୱାରା ଚାଷୀମାନେ ଏହି ପ୍ରମୁଖ ଫସଲ ଅଧିକରୁ ଅଧିକ ଉତ୍ପାଦନ କରିବାକୁ ପ୍ରୋତ୍ସାହିତ ହେବେ।

ରବି ଋତୁର ଅନ୍ୟତମ ଫସଲ ଚଣାର ଏମଏସପି ମଧ୍ୟ କେନ୍ଦ୍ର ସରକାର ବାଢ଼ାଇଛନ୍ତି। ଚଣାର ଏମଏସପି କ୍ୱିଣ୍ଟାଲ ପିଛା ୨୧୦ ଟଙ୍କା ବଢ଼ିଛି। ଚାଷୀମାନେ ଏବେ କ୍ୱିଣ୍ଟାଲ ପିଛା ୫୬୫୦ ଟଙ୍କା ପାଇବେ। ଚଣା ହେଉଛି ଭାରତର ପ୍ରମୁଖ ଡାଲି ଜାତୀୟ ଖାଦ୍ୟ ଶସ୍ୟ। ସମଗ୍ର ଦେଶରେ ଚଣାର ଚାହିଦା ରହିଛି। ସରକାର ଏହାର ଏମଏସପି ବୃଦ୍ଧି କରି ଚାଷୀଙ୍କୁ ଅଧିକରୁ ଅଧିକ ଉତ୍ପାଦନ କରିବାକୁ ଉତ୍ସାହିତ କରିଛନ୍ତି। ଚଣା ସାଧାରଣତଃ ଅଧିକ ମାତ୍ରାରେ ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ଚାଷ ହୋଇଥାଏ।

ଏହାବାଦ ବାର୍ଲିର ଏମଏସପି ୧୩୦ ଟଙ୍କା, ମୁଗର ୨୧୦, ମସୁର ଡାଲିର ଏମଏସ୍ପି ୨୭୫ ଟଙ୍କା ଓ କୁସୁମର ଏମଏସ୍ପିକୁ କେନ୍ଦ୍ର ସରକାର ୧୪୦ ଟଙ୍କା ବୃଦ୍ଧି କରିଛନ୍ତି। ଏହାର ଅର୍ଥ ଚାଷୀମାନେ ବାର୍ଲିକୁ କ୍ୱିଣ୍ଟାଲ ପିଛା ୧୯୮୦, ମୁଗକୁ କ୍ୱିଣ୍ଟାଲ ପିଛା ୫୬୫୦, ମସୁର ଡାଲିକୁ କ୍ୱିଣ୍ଟାଲ ପିଛା ୬,୭୦୦ ଓ କୁସୁମକୁ କ୍ୱିଣ୍ଟାଲ ପିଛା ୫୯୪୦ ଟଙ୍କାରେ ବିକ୍ରି କରିପାରିବେ।

## ଗଞ୍ଜାମ ବିଜେଡିରେ ବିସ୍ଫୋରଣ

### ଆସ୍କା ପରାଜୟ ପାଇଁ ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ ଦାୟୀ : ଲତିକା

ଭୁବନେଶ୍ୱର, ୧୬।୧୦(ମହାଭାରତ): ଚରମ ସୀମାରେ ପହଞ୍ଚିଛି ବିଜେଡି କଳି। ପରାଜୟକୁ ନେଇ ବରିଷ୍ଠଙ୍କଠାରୁ ଆରମ୍ଭ କରି କନିଷ୍ଠ ସମସ୍ତେ ମୁହଁ ଖୋଲୁଛନ୍ତି। ସିଧା ସୁପ୍ରିମୋଙ୍କ ନିକଟରେ ପରାଜୟ ପାଇଁ କିଛି ନେତାଙ୍କୁ ଦାୟୀ କରୁଛନ୍ତି। ସେହିପରି ଭାବରେ କବିସୂର୍ଯ୍ୟନଗରର ପୂର୍ବତନ ବିଧାୟିକା ଲତିକା ପ୍ରଧାନ ଆସିକା ସଂସଦୀୟ କ୍ଷେତ୍ରରେ ବିଜେଡିର ପରାଜୟ ପାଇଁ ଆସ୍କାର ବିଜେଡି ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁଙ୍କୁ ଦାୟୀ କରିଛନ୍ତି।



ବିଜେଡି ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁଙ୍କୁ ବିଭୀଷଣ ବୋଲି କହିଛନ୍ତି। ନିର୍ବାଚନ ସମୟରେ ବିଭୀଷଣ ସାଜି ରଂଜିତା ଦଳୀୟ ପ୍ରାର୍ଥୀଙ୍କୁ ହରାଇଛନ୍ତି ବୋଲି ନବୀନଙ୍କୁ ଅବଗତ କରିଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇବାକୁ ଆସିଥିବା କବିସୂର୍ଯ୍ୟନଗରର ପୂର୍ବତନ ବିଧାୟିକା ଗଣମାଧ୍ୟମ ଆଗରେ ଆଜି ଏପରି ବିସ୍ଫୋରକ ବୟାନ ଦେଇଛନ୍ତି। ଲତିକା କହିଛନ୍ତି, ନିର୍ବାଚନ ସମୟରେ ରଞ୍ଜିତା ସାହୁ ବିଭୀଷଣ ଭୂମିକା ନିର୍ବାହ କରିଥିଲେ। ବେଇମାନି କରିବା ସହିତ ନିର୍ବାଚନରେ ବିଜେପି ସହ ସାଲିସ୍ କରି କାମ କରିଥିଲେ। ଏବେ ମଧ୍ୟ ସେହି କାମ କରୁଛନ୍ତି। ମୁଁ ଦଳର ସଭାପତିଙ୍କୁ ଭେଟି ଏ ସଂପର୍କରେ ଅବଗତ କରିଛି। ତାଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କରିଛି। ଯଦି ଦଳର ସଭାପତି କାର୍ଯ୍ୟାନୁଷ୍ଠାନ ନ ନେବେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ।

ସେ ଆହୁରି କହିଛନ୍ତି, ସ୍ୱର୍ଗତ ବିଜୁ ବାବୁଙ୍କ ସମୟରୁ ଆସିକା ସଂସଦୀୟ କ୍ଷେତ୍ର ଅନ୍ୟ କାହା ହାତକୁ ଯାଇ ନଥିଲା। ଏଭିଳି ଜଣେ ପ୍ରାର୍ଥୀଙ୍କ ପାଇଁ ଆସିକା ସିଟ୍ ପଳାଇଲା। ରଞ୍ଜିତାଙ୍କ ନିର୍ବାଚନ ପରିଚାଳନା ତ୍ରୁଟି ଯୋଗୁ ଆମେ ସବୁ ସିଟ୍ ହରାଇଲୁ। ସେ ବିଭୀଷଣ ସାଜି ଦଳ ବିରୋଧୀ କାମ କରିଛନ୍ତି। ସମସ୍ତ ପ୍ରମାଣ ସହ ଏନେଇ ମୁଁ ଦଳର ସଭାପତିଙ୍କୁ ଜଣାଇଛି। ଏବେ ମଧ୍ୟ ସେ ସେହି କାମ କରୁଛନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସଭାପତିଙ୍କୁ ଅନୁରୋଧ କରିଛି।

ରଞ୍ଜିତା ବିଜେପି ଏଜେଣ୍ଟଙ୍କ ସହ ମିଶି ମୋତେ ହରାଇବା ପାଇଁ ପ୍ଲାନ କରିଥିଲେ। ବିଭୀଷଣ ଭାବେ କାମ କରିବା ଦଳ ପାଇଁ କ୍ଷତିକାରକ୍ୟ ଦଳର ସଭାପତିଙ୍କ ଉପରେ ମୋର ବହୁତ ବିଶ୍ୱାସ ରହିଛି। ସେ ତାଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଲତିକା କହିଛନ୍ତି। ନିର୍ବାଚନ ପରଠୁ ଦଳ ତାଙ୍କୁ କିଛି ଦାୟିତ୍ୱ ଦେଇ ନାହିଁ। ଦଳ ମୋତେ ସବୁ ଦାୟିତ୍ୱ ଦେଇଛି। ମୁଁ ମୋର ଦାୟିତ୍ୱ ସଠିକ୍ ଭାବରେ ତୁଲାଉଛି। ବାକି ନିଷ୍ପତ୍ତି ସଭାପତିଙ୍କ ଉପରେ ଛାଡ଼ି ଦିଆଯାଇଛି। ସଭାପତି ଯାହ ନିଷ୍ପତ୍ତି ନେବେ ଆମେ ତାକୁ ମାନିନେବୁ ବୋଲି ଲତିକା କହିଛନ୍ତି। ଲତିକା ପ୍ରଧାନ ଆଣିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି ରଞ୍ଜିତା ସାହୁ। ସେ କହିଛନ୍ତି, ଏହା ଦଳ ଭିତର କଥା, ଆମେ ସୁପ୍ରିମୋଙ୍କୁ ଜଣାଇବୁ। ମୁଁ ବିଜେଡି ସଦସ୍ୟ। ନିର୍ବାଚନରେ ମୁଁ ବିଜେଡିର ପ୍ରାର୍ଥୀ ହୋଇଥିଲି। ମୋ ଉପରେ ଆସିଥିବା ଆରୋପ ଠିକ୍ ନୁହେଁ। ଦଳ କିଭଳି ସୁଦୃଢ଼ ହେବ ସେ ନେଇ ଆମେ କାମ କରୁଛୁ କହିଛନ୍ତି ରଂଜିତା।

## ଆଳୁ ହାଲୁଆ

ଆବଶ୍ୟକୀୟ ସାମଗ୍ରୀ: ମାଛ, ଧଳା ସୋରିଷ, ନଡିଆ ପୋଆବଶ୍ୟକ ସାମଗ୍ରୀ: ଘିଅ - ୧୦୦ ଗ୍ରାମ, ଆଳୁ - ୫୫୦ ଗ୍ରାମ, କ୍ଷୀର - ୨୨୦ମି.ଲି, ଚିନି - ୧୪୦ ଗ୍ରାମ, ଅଳେଇଚ ପାଉଡର - ୧/୨ ଟେବୁଲ ଚାମଚ, ବାଦାମ - ୧୫ ଗ୍ରାମ, କାଜୁ

ପ୍ରସ୍ତୁତି ପ୍ରଣାଳୀ :

ପ୍ରଥମେ କଡାରେ ୧୦୦ ଗ୍ରାମ ଘିଅ ଗରମ କରନ୍ତୁ ୫୫୦ ଗ୍ରାମ ସିଝା ଏବଂ ଚକଟି ହୋଇଥିବା ଆଳୁ ପକାନ୍ତୁ ଏବଂ ଫ୍ରାଏ କରନ୍ତୁ ଯେତେ ପର୍ଯ୍ୟନ୍ତ ଏହା ଭଲ ଭାବରେ ଭାଜି ନ ହୋଇଛି । ଏହାକୁ ପ୍ରାୟ ୭-୮ ମିନିଟ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । ଏହାପରେ ଏଥିରେ ୨୨୦ ମିଲି କ୍ଷୀର, ୧୪୦ ଗ୍ରାମ ଚିନି, ୧/୨ ଟେବୁଲ ଚାମଚ ଅଳେଇଚ ପାଉଡର ପକାଇ ଭଲ ଭାବେ ମିକ୍ସ କରନ୍ତୁ । ହାଲୁଆକୁ ଲଗାତର ୫ରୁ୭ ମିନିଟ୍ ପର୍ଯ୍ୟନ୍ତ ଚଲାନ୍ତୁ। ଏଥିରେ ଚିନି ପକାଇ ଭଲ ଭାବେ ମିକ୍ସ କରନ୍ତୁ । ଏବେ ଏଥିରେ ୧୫ ଗ୍ରାମ ବାଦାମ, ୧୫ ଗ୍ରାମ କାଜୁ ମିକ୍ସ କରନ୍ତୁ ଏବଂ ଏହାକୁ ଆଉ ଥରେ ୩ରୁ୫ ମିନିଟ ପର୍ଯ୍ୟନ୍ତ ଭାଜନ୍ତୁ । ଏବେ ଆପଣଙ୍କର ହାଲୁଆ ପ୍ରସ୍ତୁତ ହୋଇଯାଇଛି । ଏଥିରେ ଆପଣ ବାଦାମ ଏବଂ କାଜୁ ପକାଇ ଗାର୍ନିସ କରି ସର୍ଭ କରନ୍ତ



### ଖବର

## ସୁଶାନ୍ତଙ୍କ ଘରେ ରହୁଥିବା ଅଦା ଶର୍ମାଙ୍କ ପ୍ରତିକ୍ରିୟା





'ଦ କେରଲା ଷ୍ଟୋରି'ର ଅଭିନେତ୍ରୀ ଅଦା ଶର୍ମା କିଛି ମାସ ପୂର୍ବେ ମୁମ୍ବାଇର ସୁଶାନ୍ତ ସିଂ ରାଜପୁତଙ୍କ ଘରକୁ ରହିବାକୁ ଯାଇଛନ୍ତି। କିଛି ବର୍ଷ ପୂର୍ବେ ଏହି ଘରେ ସୁଶାନ୍ତ ସିଂଙ୍କର ମୃତ୍ୟୁ ହୋଇଥିଲା। ଚାରି ବର୍ଷ ପର୍ଯ୍ୟନ୍ତ ସୁଶାନ୍ତଙ୍କ ଘର ଖାଲି ରହିଥିଲା। ଏଠାରେ ରହିବାକୁ କେହି ରାଜି ହେଉ ନଥିଲେ। କିନ୍ତୁ ଦୀର୍ଘ ୪ବର୍ଷ ପରେ ଅଦା ଶର୍ମା ସୁଶାନ୍ତଙ୍କ ଘରକୁ ରହିବାକୁ ଆସିଛନ୍ତି। ଏହାକୁ ନେଇ ଲୋକେ ତାଙ୍କୁ ଟ୍ରୋଲ ବି କରୁଛନ୍ତି। ଟ୍ରୋଲ କରୁଥିବା ଲୋକଙ୍କୁ ଅଦା କହିଛନ୍ତି, ଜଣେ ଅଭିନେତ୍ରୀ ଭାବରେ, କିମ୍ବା ଜଣେ ବ୍ୟକ୍ତି ଭାବରେ ଆପଣମାନେ ଯାହାସବୁ କହୁଛନ୍ତି ସେସବୁର ମୁଁ ପ୍ରତିକ୍ରିୟା ଦେଇପାରିବି ନାହିଁ । ଆମ ସମସ୍ତଙ୍କୁ ଜୀବନରେ ଅନେକ ପରିସ୍ଥିତିର ସାମ୍ନା କରିବାକୁ ହୋଇଥାଏ। ଜୀବନଟାକୁ ଆମେ ଯେତେ ସହଜ ଭାବୁ ସେତେ ହୋଇ ନଥାଏ। ଆମ ଦେଶ ଏକ ସ୍ୱତନ୍ତ୍ର ଦେଶ ଏବଂ ସମସ୍ତଙ୍କୁ ନିଜ ମତ ଦେବାର ଅଧିକାର ଅଛି।ମୁଁ କ'ଣ ତାହାକୁ ପ୍ରମାଣ କରିବାକୁ ଏଠାକୁ ଆସି ନାହିଁ। ମୋତେ ଯାହା କରିବାର ଥିଲା କଲି। ସୁଶାନ୍ତଙ୍କ ଘରକୁ ଆସିବାପରେ ଲୋକେ ମୋତେ ଅନେକ ପ୍ରକାର ପ୍ରଶ୍ନ ପଚାରୁଛନ୍ତି। ଯେମିତି କି ଘରେ କେବେ ସୁଶାନ୍ତଙ୍କୁ ଅନୁଭବ କରିଛ କି ? କିଛି ଅସ୍ୱାଭାବିକ ଅନୁଭବ ହୋଇଛି କି ? ଏସବୁ ପ୍ରଶ୍ନର ଉତ୍ତର ଦେଇ କହିବି ହିଁ ହୋଇଛି। କିନ୍ତୁ ଭୟ ଡର ଏଭଳି ପ୍ରଶ୍ନ ପଚାରିବା ଉଚିତ ନୁହେଁ। ଏଭଳି ପ୍ରଶ୍ନର ଉତ୍ତର ଦେବା ମୁଁ ଜରୁରୀ ଭାବୁ ନାହିଁ।

## ରାବିଡ଼ି ମାଲପୁଆ

ଆବଶ୍ୟକ ସାମଗ୍ରୀ: ମଇଦା, ଖୁଆ, କ୍ଷୀର, ଚିନି, କେସର, ଗୁଜୁରାତି ଗୁଣ୍ଡ, କଟା ପେସ୍ତା ବାଦାମ, କଟା ଆଲମଣ୍ଡ, ଚିନି, ପାନମଧୁରୀ ଓ ତେଲ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ରାବିଡ଼ି ତିଆରି କରିବା ପାଇଁ ଏକ ପ୍ୟାନରେ କ୍ଷୀର ଗରମ କରନ୍ତୁ। ଏହାକୁ ହାଲକା ଆଞ୍ଚରେ ଫୁଟାନ୍ତୁ। ଏବେ ଏଥିରେ ଚିନି, କେସର, ଗୁଜୁରାତି ଗୁଣ୍ଡ, କଟା ପେସ୍ତା ଏବଂ କଟା ଆଲମଣ୍ଡ ପକାଇ ଭଲ ଭାବେ ମିଶାଇ ଫୁଟାନ୍ତୁ। କ୍ଷୀର ମରି ରାବିଡ଼ି ବହଳିଆ ହୋଇଆସିଲେ ଏହାକୁ ଏକ ପାତ୍ରରେ ବାହାର କରି ଫ୍ରିଜରେ ଥଣ୍ଡା ହେବା ପାଇଁ ଘଣ୍ଟାଏ ଛାଡ଼ି ଦିଅନ୍ତୁ।ଏଥିପାଇଁ ପ୍ରଥମେ ଏକ ପାତ୍ରରେ ମଇଦା, ଖୁଆ, ଚିନି ଓ ପାନମଧୁରୀକୁ ମିଶାନ୍ତୁ। ଏଥିରେ ପାଣି ଗୋଳାଇ ଭଲ ଭାବେ ନରମ କରି ଚକଟି ଦିଅନ୍ତୁ। ଏହି ମିଶ୍ରଣରୁ ଛୋଟ ଛୋଟ ଗୋଳା ପ୍ରସ୍ତୁତ କରି ରୁଟି ବେଲିଲା ପରି ବେଲି ଦିଅନ୍ତୁ। ଏବେ ଏକ କଡ଼େଇରେ ଘିଅ କିମ୍ବା ତେଲ



ଗରମ କରି ସେଥିରେ ମାଲପୁଆଗୁଡ଼ିକୁ ପକାଇ ଛାଣନ୍ତୁ। ମାଲପୁଆର ରଙ୍ଗ ଗୋଲଡେନ୍ ରେଡ୍ ହେବା ଯାଏ କମ୍ ଆଞ୍ଚରେ ଛାଣନ୍ତୁ। ଛାଣିବା ପରେ ଏହାକୁ ଏକ ପ୍ଲେଟକୁ ବାହାର କରି ରଖନ୍ତୁ। ଶିରା ପ୍ରସ୍ତୁତ କରିବା ପାଇଁ ଚିନିରେ ଅଳ୍ପ ପାଣି ମିଶାନ୍ତୁ। ଏବେ ଏଥିରେ ଅଳ୍ପ କେସର ଏବଂ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହାକୁ ଭଲଭାବେ ଫୁଟାନ୍ତୁ। ପ୍ରସ୍ତୁତ ହୋଇଗଲା ଶିରା। ବର୍ତ୍ତମାନ ଏହି ଶିରାରେ ମାଲପୁଆଗୁଡ଼ିକୁ ପକାନ୍ତୁ। ମାଲପୁଆ ନରମ ହୋଇଗଲେ ଏକ ପ୍ଲେଟକୁ କାଢ଼ି ଆଣନ୍ତୁ। ଏବେ ଏହା ଉପରେ ରାବିଡ଼ି ଢାଳନ୍ତୁ। କଟା ଆଲମଣ୍ଡ୍ ଏବଂ କଟା ପେସ୍ତାରେ ଏହାକୁ ସଜାନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଯାଇଛି ଆପଣଙ୍କ ରାବିଡ଼ି ମାଲପୁଆ।

## ନିୟମିତ ସପୁରୀ ଜୁସ୍ ପିଇଲେ ରହିବେ ଫିଟ୍

ଜଣେ ବ୍ୟକ୍ତି ସୁସ୍ଥ ରହିବାକୁ କଣ କଣ ନ କରେ। ସମସ୍ତ ପ୍ରକାରର ଉପାୟ ଆପଣାଏ। ବିଶେଷ କରି ଶୀତଦିନେ ସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରି ପରିସ୍ଥିତିରେ ଶରୀରରେ ଭିଟାମିନ୍ ଏବଂ ମିନେରାଲ୍ସ ଯାହା ଦରକାର, ତାହା ଶରୀରରେ କଦାପି ଅଭାବ ହେବା ଉଚିତ୍ ନୁହେଁ। ଶରୀରକୁ ଉପକାର କରୁଥିବା ଏହି ଜିନିଷ ମଧ୍ୟରୁ ଗୋଟିଏ ହେଉଛି ପାଇନାପଲ ତଥା ସପୁରୀ ଜୁସ୍। ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ଏବଂ ହଜମ ପାଇଁ ସବୁଠାରୁ ଫାଇଦା । ସପୁରୀ ଜୁସ୍ ହେଉଛି ବ୍ରୋମେଲାଇନ୍ ର ଏକମାତ୍ର ଖାଦ୍ୟ ଉତ୍ସ । ଶୀତଦିନେ ଘଟୁଥିବା ଅନେକ ରୋଗର ଚିକିତ୍ସା ପାଇଁ ଏହି ଏନଜାଇମ୍ ବ୍ୟବହୃତ ହୁଏ। ଏପରି ପରିସ୍ଥିତିରେ, ଆମେ ଆପଣଙ୍କୁ ଏଠାରେ କହିବୁ ସପୁରୀ ଜୁସ୍ ପିଇବା ଦ୍ୱାରା କଣ ଫାଇଦା ମିଳେ।



କେଉଁ ଭିଟାମିନ୍ ଏବଂ ମିନେରାଲ୍ସ ମିଳିଥାଏ ?

ସପୁରୀ ଜୁସରେ ଆଇରନ, ଭିଟାମିନ୍ ସି, ମାଙ୍ଗାନିଜ୍, କପର, ଫୋଲେଟ୍, ପୋଟାସିୟମ୍, ଭିଟାମିନ୍ କେ, ଭିଟାମିନ୍ ବି-୬, ଭିଟାମିନ୍ ବି -୧ (ଥିଏମାଇନ୍), କ୍ୟାଲସିୟମ୍, ଫସଫରସ୍, କୋଲାଇନ୍, ମ୍ୟାଗ୍ନେସିୟମ୍ ରହିଥାଏ। ବ୍ରଣ ମୁକ୍ତ ହୁଏ- ଅନେକ ଲୋକ ଜାଣିପାରିବେ ନାହିଁ ଯେ ସପୁରୀ ରସ ପିଇବା ଦ୍ୱାରା ବ୍ରଣ ପରି ସମସ୍ୟାରୁ ମୁକ୍ତି ଦିଏ ଉଜ୍ଜ୍ୱଳ ତ୍ୱଚା ଫେରାଏ। ବୟସ ବଢିବା ସହିତ ଚର୍ମର ସତେଜ ରୁହେ ଏବଂ କୁଞ୍ଚନ ଦେଖାଯାଏ ନାହିଁ । ଯଦି ଆପଣ ନିୟମିତ ଭାବେ ସପୁରୀ ଜୁସ୍ ପିଅନ୍ତି । ତେବେ ଆପଣଙ୍କ ତ୍ୱଚାକୁ ସୁସ୍ଥ କୋମଳ ରଖିବ।

ପେଟ ଯନ୍ତ୍ରଣାରୁ ମୁକ୍ତି ମିଳିବ: ଅନେକ ଥର କୌଣସି ଫାଷ୍ଟଫୁଡ୍ ଖାଇବା ଦ୍ୱାରା ପେଟ ଭାରୀ ହୋଇଯାଏ । ଏହା ପେଟକୁ ଯନ୍ତ୍ରଣା ଦିଏ । ଏହି ସମୟରେ ସପୁରୀ ଜୁସ କରି ପିଇବା ଦ୍ୱାରା ଆପଣଙ୍କୁ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ । ଏଥିରେ ହଜମ ପାଇଁ ଫାଇବର ଏବଂ ଭିଟାମିନ୍ ସି ର ଏକ ସମୃଦ୍ଧ ଉତ୍ସ ଥାଏ। ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ଯଦି ଆପଣ ପ୍ରତିଦିନ ପିଅନ୍ତି ତାହାଲେ କୋଷ୍ଠକାଠିନ୍ୟ, ଗ୍ୟାସ୍ ଭଳି ସମସ୍ୟା ଦୂର ହୋଇଯିବ ।

ପ୍ରତିରୋଧକ ଶକ୍ତି: ଯେଉଁମାନେ ପ୍ରତିଦିନ ସପୁରୀ ଜୁସ୍ ପିଉଛନ୍ତି ସେମାନଙ୍କଠାରୁ ରୋଗ ମଧ୍ୟ ଦୂରରେ ରହିଥାଏ । ସେମାନଙ୍କର ପ୍ରତିରୋଧକୁ ଶକ୍ତି ବୃଦ୍ଧି ହୁଏ। ଏହା ଅନେକ ରୋଗକୁ ମଧ୍ୟ ଲଢିଥାଏ ।

## ନର୍ମଦା ନଦୀକୁ ଶିବଙ୍କ ବରଦାନ



ପବିତ୍ର ନର୍ମଦା ନଦୀର ସୃଷ୍ଟିକୁ ନେଇ ଏକାଧିକ ମାନ୍ୟତା ରହିଛି । ଏହି ନଦୀ ଅସଂଖ୍ୟ ଲୋକଙ୍କ ଜୀବନଧାରା ପାଲଟିଛି । ନର୍ମଦାର ସୃଷ୍ଟି କାହାଣୀ ମଧ୍ୟ ବେଶ୍ ରୋଚକ । ନର୍ମଦା ନଦୀର ଜନ୍ମ ଏବଂ ପୃଥିବୀରେ ଅବତରଣକୁ ନେଇ ଏକାଧିକ ପୌରାଣିକ କାହାଣୀ ରହିଛି । ପ୍ରଥମ ମାନ୍ୟତା ଅନୁଯାୟୀ, ତପସ୍ୟାମଗ୍ନ ଥିଲାବେଳେ ଭଗବାନ ଶିବଙ୍କ ଶରୀରରୁ ବାହାରିଥିବା ଝାଳରୁ ନର୍ମଦା ନଦୀ ପ୍ରକଟ ହୋଇଥିଲେ । ନର୍ମଦା ନଦୀ ପ୍ରକଟ ହେବା ପରେ ନିଜର ଅପୂର୍ବ ସୌନ୍ଦର୍ଯ୍ୟ ମାଧ୍ୟମରେ ଏପରି ଚମତ୍କାର ଲୀଳା ପ୍ରଦର୍ଶନ କରିଥିଲେ ଯେ ଶିବ-ପାର୍ବତୀ ମଧ୍ୟ ଚକିତ ହୋଇଯାଇଥିଲେ । ପୌରାଣିକ ମାନ୍ୟତା ଅନୁଯାୟୀ ଏହି ନଦୀର ନାମକରଣ କରି ଶିବ କହିଥିଲେ ଯେ ଦେବୀ ! ତୁମେ ଆମକୁ ସୁଖ ପ୍ରଦାନ କରିଛ, ତେଣୁ ତୁମ ନାମ ନର୍ମଦା ହେବ । 'ନର୍ମ'ର ଅର୍ଥ- ସୁଖ ଏବଂ 'ଦା'ର ଅର୍ଥ ପ୍ରଦାନକାରୀ । ନର୍ମଦାର ଅନ୍ୟ ନାମ ମଧ୍ୟ ରେୱା ।

ଅନ୍ୟ ଏକ ମାନ୍ୟତା ଅନୁଯାୟୀ, ମୈକଲ ପର୍ବତରେ ଭଗବାନ ଶଙ୍କର ଏକ ୧୨ ବର୍ଷର ଦିବ୍ୟ କନ୍ୟାକୁ ସୃଷ୍ଟି କରିଥିଲେ । ମହାରୂପବତୀ ହୋଇଥିବା କାରଣରୁ ବିଷ୍ଣୁ ଆଦି ଦେବଗଣ ଏହି କନ୍ୟାର ନାମକରଣ କରି 'ନର୍ମଦା' ରଖିଥିଲେ । ଦିବ୍ୟ କନ୍ୟା ନର୍ମଦା ଉତ୍ତରବାହିନୀ ଗଙ୍ଗା କୂଳରେ କାଶୀର ପଞ୍ଚକୋଶୀ କ୍ଷେତ୍ରରେ ୧୦ ହଜାର ବର୍ଷ ପର୍ଯ୍ୟନ୍ତ ତପସ୍ୟା କରିବା ପରେ ଶିବଙ୍କ ଠାରୁ ଏକ ବିଶେଷ ବରଦାନ ପାଇଥିଲେ । ଏହି ବରଦାନ ଅନ୍ୟ କୌଣସି ନଦୀ ନିକଟରେ ନଥିଲା ।

ଭଗବାନ ଶିବଙ୍କୁ ନର୍ମଦା ବର ମାଗିଥିଲେ ଯେ ପ୍ରଳୟ କାଳରେ ମଧ୍ୟ ମୋର ବିନାଶ ହେବ ନାହିଁ । ମୁଁ ବିଶ୍ୱରେ ପାପନାଶିନୀ ନଦୀ ରୂପରେ ପ୍ରସିଦ୍ଧି ଲାଭ କରିବି । ମୋ ଶଯ୍ୟାରେ ଥିବା ପ୍ରତ୍ୟେକ ପଥର ଶିବଲିଙ୍ଗ ରୂପରେ ବିନା ପ୍ରାଣପ୍ରତିଷ୍ଠାରେ ପୂଜା ପାଇବ । ମୋର ତଟରେ ଶିବ-ପାର୍ବତୀଙ୍କ ସମେତ ସମସ୍ତ ଦେବାଦେବୀ ବାସ କରିଥିଲେ । ଶିବ ମଧ୍ୟ ଏ ସମସ୍ତ ବରଦାନ ନର୍ମଦାଙ୍କୁ ପ୍ରଦାନ କରିଥିଲେ ।

ଏହି କାରଣରୁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ନର୍ମଦା ନଦୀକୁ ଗଙ୍ଗାଙ୍କ ଭଳି ପବିତ୍ର ବୋଲି ବିବେଚନା କରାଯାଇଥାଏ । ସ୍କନ୍ଦ ପୁରାଣରେ ନର୍ମଦା ନଦୀର ଧରାବତରଣ ବିଷୟରେ ମଧ୍ୟ ଉଲ୍ଲେଖ ରହିଛି । ଥରେ ରାଜା ହିରଣ୍ୟତେଜା ୧୪ ହଜାର ଦିବ୍ୟ ବର୍ଷ ପର୍ଯ୍ୟନ୍ତ ତପସ୍ୟା କରିଥିଲେ । ଭଗବାନ ଶିବ ତାଙ୍କ ତପସ୍ୟା ଦ୍ୱାରା ପ୍ରସନ୍ନ ହୋଇ ଆବିର୍ଭାବ ହୋଇଥିଲେ । ଏହାପରେ ରାଜା ଭଗବାନଙ୍କୁ ନର୍ମଦା ନଦୀର ଧରାବତରଣ ପାଇଁ ବରଦାନ ମାଗିଥିଲେ । ଭଗବାନ ଶିବଙ୍କ ଆଦେଶକ୍ରମେ ନର୍ମଦା ନଦୀ କୁମ୍ଭୀର ଆସନରେ ବସି ଉଦୟାଚଳ ପର୍ବତ ଦେଇ ପ୍ରବାହିତ ହୋଇଥିଲେ ଏବଂ ଧୀରେ ଧୀରେ ପଶ୍ଚିମଦିଗକୁ ଗତି କରିଥିଲେ ।

## କଳାଜିରାରେ ରହିଛି ଅନେକ ସ୍ୱାସ୍ଥ୍ୟକାରୀ ଗୁଣ

ରୋଷେଇ ଘରେ ବ୍ୟବହୃତ ହେଉଥିବା ମସଲା ଗୁଡିକ ମଧ୍ୟରୁ ଗୋଟିଏ ହେଉଛି କଳାଜିରା। ଏହା ଦେଖିବାକୁ କଳା ରଙ୍ଗର । ଆୟୁର୍ବେଦ ବିଶେଷଜ୍ଞଙ୍କ ମତ ଅନୁସାରେ



କଳାଜିରା ଶରୀରରେ ଅନେକ ରୋଗରୁ ଭଲ କରିଥାଏ । ତା'ହେଲେ ଆସନ୍ତୁ ଜାଣିବା କଳାଜୀରାରୁ ସ୍ୱାସ୍ଥ୍ୟଜନିତ କେଉଁ କେଉଁ ଲାଭ ମିଳିଥାଏ ।

- ■ ଟାଇପ-୨ ଡାଇବେଟିସ ପୀଡିତ ବ୍ୟକ୍ତି ପ୍ରତିଦିନ କଳାଜିରା ଖାଇବା ଉଚିତ । ଏହାଦ୍ୱାରା ଶରୀରରେ ତିଆରି ହେଉଥିବା ଗ୍ଲୁକୋଜ କମ୍ ହୋଇଥାଏ ଏବଂ ଇନସୁ୍ୟଲିନ୍ ତିଆରି ହେବା କ୍ଷମତା ବଢିଥାଏ । ଆହୁରି ମଧ୍ୟ ଶରୀରରେ ଥିବା ବିଟା ସେଲର କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଥାଏ ।
- ■ ସପ୍ତାହକୁ ଦୁଇଥର କଳାଜିରା ଖାଇଲେ ହାଇପର୍ ଟେନସନ୍ରୁ ମୁକ୍ତି ମିଳିବା ସହିତ ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ ।
- ■ କଳାଜିରାକୁ ପାଣିରେ ଫୁଟାଇ ବାତ ମାରୁଥିବା ରୋଗୀଙ୍କୁ ଏହାର ପାଣି ପଣିଇବାକୁ ଦିଅନ୍ତୁ । ଦେଖିବେ ବାତ ରୋଗ ଭଲ ହୋଇଯିବ ।
- ■ କଫ ସମସ୍ୟା ଥିଲେ କଳାଜିରା ତେଲ ଖାଆନ୍ତୁ । ଏହାର ତେଲ ଖାଲି ପେଟରେ ଖାଇଲେ ଅନେକ ରୋଗ ଭଲ ହୋଇଥାଏ ।
- ■ କଳାଜିରା ତ୍ୱଚା ସମ୍ବନ୍ଧୀୟ ରୋଗକୁ ଠିକ୍ କରିଥାଏ । ଏହାକୁ ଖାଇଲେ ତ୍ୱଚା କୋମଳ ଓ ଉଜ୍ଜ୍ୱଳ ହୋଇଥାଏ ।
- ■ କଳାଜିରା ତେଲ କେଶରେ ଲଗାଇଲେ କେଶ କଳା ହୋଇଥାଏ।
- ■ ଯେଉଁମାନଙ୍କର ଦାନ୍ତରେ ସମସ୍ୟା ରହିଛି କିମ୍ବା ଦାନ୍ତ ପୋକ ଖାଉଛି, ସେମାନେ ରାତିରେ ଶୋଇବା ପୂର୍ବରୁ ତୁଳାରେ କଳାଜିରା ତେଲ ଲଗାଇ ଦାନ୍ତ ମୂଳରେ ଲଗାଇ ଶୁଅନ୍ତୁ । ଦେଖିବେ ଦାନ୍ତରେ ଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଯିବେ ।

# ଶିକ୍ଷାନୁଷ୍ଠାନ ନିକଟରେ ତବାକୋ ବିକ୍ରୀକୁ ଛାତ୍ର କଂଗ୍ରେସର ବିରୋଧ



**ଭୁବନେଶ୍ୱର,୧୬।୧୦ (ମହାଭାରତ):** ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ଉଦିତ ପ୍ରଧାନ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଲେ ଯେ ସଂସଦରେ ନିର୍ଦ୍ଦିଷ୍ଟ ଆଇନ ପାରିତ ହେଲାପରେବି ଶିକ୍ଷାନୁଷ୍ଠାନ ନିକଟରେ ବେଲଗାମ ତବାକୋ ପ୍ରଡକ୍ଟ ବିକ୍ରୀ ଚାଲିଛି। ପ୍ରଶାସନ ପକ୍ଷରୁ ଏ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ।

କୋପତା (ଉଡଂଚଞ୍ଜଇ ଇମଗ୍ପ- ୨୦୦୩) ମସିହାରେ ସଂସଦରେ ପାରିତ ହେଲାପରେ ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ ହେଲା ଯେ ଶିକ୍ଷାନୁଷ୍ଠାନର ବାଉଣ୍ଡରୀ ପାଖରୁ ୧୦୦ ୟାର୍ଡ଼ ପରିସୀମା ଭିତରେ ତବାକୋ ପ୍ରଡକ୍ଟ ବିକ୍ରୀ କରାଯାଇ ପାରିବ ନାହିଁ। ସେଥିପାଇଁ ସିଗାରେଟ ଏବଂ ଅନ୍ୟ ତବାକୋ ପ୍ରଡକ୍ଟ ଆଇନ ପ୍ରଚଳନ ହେଲା। ସେହି ଆଇନରେ ଉଲ୍ଲେଖ ହୋଇଛି ଯେ ପୋଲିସ ସବଇନସପେକ୍ଟର ବା ତଦୂର୍ଦ୍ଧ ର୍ୟାଙ୍କରେ ଥିବା ଅଫିସର, ରାଜ୍ୟ ଖାଦ୍ୟ କିମ୍ବା ଡ୍ରଗ୍ସ ଆଡ଼ମିନିଷ୍ଟ୍ରେସନର ଅଫିସରମାନେ ଏହି ବିକ୍ରୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ଶିକ୍ଷାନୁଷ୍ଠାନ ବାଉଣ୍ଡରୀ ଠାରୁ ୧୦୦ ମିଟର ପରିସରରେ ତବାକୋ ପ୍ରଡକ୍ଟ ବିକିଲେ ତତ୍‌କ୍ଷଣାତ ୨୦୦ ଟଙ୍କା ଜୋରିମାନା ସହିତ ଅନ୍ୟ ଦଣ୍ଡବିଧାନ ରହିଛି। ଅନ୍ୟପକ୍ଷରେ ଯେଉଁମାନେ ସେହି ୧୦୦ ମିଟର ପରିସର ଭିତରେ ତବାକୋ ପ୍ରଡକ୍ଟର ପ୍ରଚାର କରିବେ ସେମାନଙ୍କୁ ଦୁଇ ବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ବା ୧୦୦୦ ରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ରହିଛି।

ଏବେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ପକ୍ଷରୁ ନିଶାମୁକ୍ତ କ୍ୟାମ୍ପସ ପାଇଁ ଚିନ୍ତା ପ୍ରକଟ କରାଯାଇଛି। ଗ୍ଲୋବାଲ ୟୁଥ ତବାକୋ ସର୍ଭେ-୨୦୧୯ ରିପୋର୍ଟରେ ଭାରତରେ ପ୍ରତିବର୍ଷ ଚିନ୍ତାଜନକ ଭାବେ ନୂଆ ପିଲା ନିଶା ସେବନ କରୁଛନ୍ତି। ଯେଉଁମାନେ ଏହି ନିଶା ସହ ଅଭ୍ୟସ୍ତ ସେଥିରୁ ୫୫ ପ୍ରତିଶତ ୨୦ ବର୍ଷରୁ କମ ପିଲା। ଗ୍ଲୋବାଲ ୟୁଥ ତବାକୋ ସର୍ଭେ-୨୦୧୯ ରିପୋର୍ଟ ଅନୁସାରେ ୮.୫ ପ୍ରତିଶତ ସ୍କୁଲ ପିଲା ନିୟମିତ ନିଶାସେବନ କରୁଛନ୍ତି। ୨୦୨୧ ରେ ତବାକୋ ସେବନ କାରଣରୁ ଦେଶରେ ୧ ମିଲୟନ ଲୋକ ମରୁଛନ୍ତି। ଯାହାକି ସମୁଦାୟ ମୃତ୍ୟୁ ସଂଖ୍ୟାର ୧୭.୮ ପ୍ରତିଶତ।

ସୁତରାଂ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ନିଷ୍ପତି ନିଆଯାଇଛିଯେ ସବୁ କ୍ୟାମ୍ପସରେ ଏକ ସ୍ୱତନ୍ତ୍ର ଟିମ କରାଯାଇ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଶିକ୍ଷାନୁଷ୍ଠାନର ଶିକ୍ଷାନୁଷ୍ଠାନର ବାଉଣ୍ଡରୀ ଠାରୁ ୧୦୦ ମିଟର ପରିସରରେ ଥିବା ତବାକୋ ବିକ୍ରୀକୁ ବିରୋଧ କରାଯିବ ଏବଂ ଏହାର ବିଜ୍ଞାପନକୁ ହଟେଇ ଦିଆଯିବ। ଏଠାରେ ତବାକୋ ସମ୍ପର୍କିତ ବିଜ୍ଞାପନ ଦେଉଥିବା ତବାକୋ କମ୍ପାନୀଙ୍କୁ ସର୍ତକ କରାଇ ଦିଆଯାଉଛି ଯେ ସେମାନେ ତୁରନ୍ତ ଶିକ୍ଷାନୁଷ୍ଠାନ ନିକଟରୁ ସେମାନଙ୍କର ବିଜ୍ଞାପନ ଗୁଡ଼ିକୁ ହଟେଇ ନିଅନ୍ତୁ। ପ୍ରଶାସନକୁ ମଧ୍ୟ ଅନୁରୋଧ କରାଯାଉଛି ଯେ ଏହି ଆଇନକୁ ପ୍ରଶାସନ କଡ଼ାକଡ଼ି ଭାବରେ ପାଳନ କରୁ। ଯଦି ୭୨ ଘଂଟା ମଧ୍ୟରେ ପ୍ରଶାସନ କୌଣସି ପଦକ୍ଷେପ ନନିଅନ୍ତି ତେବେ ଛାତ୍ର କଂଗ୍ରେସ ଛାତ୍ରମାନଙ୍କୁ ବୃହତର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଶିକ୍ଷାନୁଷ୍ଠାନ ସମ୍ମୁଖରେ ଆନ୍ଦୋଳନ କରିବା ସହ ଛାତ୍ର କଂଗ୍ରେସ ପକ୍ଷରୁ ସିଧାସଳଖ ତବାକୋ ବିକ୍ରୀ ଏବଂ ବିଜ୍ଞାପନ ଗୁଡ଼ିକୁ ହଟାଇ ଦିଆଯିବ। ଏହି ସାମ୍ବାଦିକ ସମ୍ମିଳନୀରେ କାର୍ତିକେଶ୍ୱର କାଣ୍ଡି, ଭାଗ୍ୟଶ୍ରୀ ମହାନ୍ତି ଉପସ୍ଥିତ ଥିଲେ।

# ଶିକ୍ଷାନୁଷ୍ଠାନକୁ ନିଶାମୁକ୍ତ ପାଇଁ ୟୁଜିସିର ନିର୍ଦ୍ଦେଶ

**ଭୁବନେଶ୍ୱର,୧୬।୧୦ (ମହାଭାରତ):** ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ଶିକ୍ଷାନୁଷ୍ଠାନ କ୍ୟାମ୍ପସ ଗୁଡିକୁ ନିଶାମୁକ୍ତ କିରିବା ପାଇଁ ଚିଠି କରାଯାଇଛି। ନିୟମିତ ବ୍ୟବଧାନରେ ଶିକ୍ଷାନୁଷ୍ଠାନ କ୍ୟାମ୍ପସକୁ ଯେପରି ନିଶାମୁକ୍ତ କରାଯାଇପାରିବ ସେ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ଲୋବାଲ ୟୁଥ୍ ଟବାକୋ ସର୍ଭେ (ଜିୱାଇଟିଏସ୍) ୨୦୧୯ ରିପୋର୍ଟକୁ ନେଇ ୟୁଜିସି ଉଦ୍‌ବେଗ ପ୍ରକାଶ କରିଛି।

ଦେଶରେ ପ୍ରତିବର୍ଷ ସାଢ଼େ ୫ ହଜାର ନୂଆ ପିଲା ନିଶା ସେବନ ଆରମ୍ଭ କରୁଛନ୍ତି। ଏପରିକି ୫୫ ପ୍ରତିଶତ ୨୦ ବର୍ଷରୁ କମ୍ ବର୍ଗର ପିଲାମାନେ ନିଶା ସହ ଅଭ୍ୟସ୍ତ ଅଛନ୍ତି। କେବଳ ଏତିକି ନୁହେଁ ୮.୫ ପ୍ରତିଶତ ସ୍କୁଲ ପିଲା ନିୟମିତ ଭାବେ ନିଶା ସେବନ କରୁଛନ୍ତି। ଯାହାକୁ ନେଇ ଏବେ ଚିନ୍ତାରେ ୟୁଜିସି। କିଭଳି ଭାବେ ସମସ୍ତ ଶିକ୍ଷାନୁଷ୍ଠାନକୁ ନିଶା ମୁକ୍ତ କରାଯିବ ସେନେଇ ଅଭିଯାନ ଆରମ୍ଭ କରିବାକୁ କୁହାଯାଇଛି। ଏନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ମଧ୍ୟ ଜାରି ହୋଇଛି। ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଏବଂ କଲେଜ ଅଧ୍ୟକ୍ଷଙ୍କୁ ଚିଠି କରାଯାଇଛି।

ୟୁଜିସି ପକ୍ଷରୁ ଜାରି ହୋଇଥିବା ଚିଠିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ ଜିୱାଇଟିଏସ୍ ୨୦୧୯ ରିପୋର୍ଟରେ ଦର୍ଶାଯାଇଛି ୧୩ରୁ ୧୫ ବର୍ଷ ବୟସର ୮.୫ ପ୍ରତିଶତ ସ୍କୁଲ ପିଲା ନିଶା ସେବନ କରୁଛନ୍ତି। ପ୍ରତିବର୍ଷ ସାଢ଼େ ୫ହଜାର ପିଲା ନିଶା କବଳରେ ପଡୁଛନ୍ତି। କେବଳ ଏତିକି ନୁହେଁ, ଗ୍ଲୋବାଲ ଆଡଲ୍ଟ ଟବାକୋ ସର୍ଭେ (ଜିଏଟିଏସ୍) ଦର୍ଶାଉଛି, ୨୦ରୁ କମ୍ ବୟସ ବର୍ଗର ପିଲାମାନେ ବହୁ ଦିନ ଧରି ନିଶାସେବନ କରୁଛନ୍ତି। ଏପରିକି ଇଲେକ୍ଟ୍ରୋନିକ୍ସ ସିଗାରେଟ୍ ସହ ଜଡ଼ିତ ହେଉଛନ୍ତି। ଯାହା ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଛି। ଡିଏନ୍ଏ ନଷ୍ଟ କରୁଛି। କ୍ୟାନସର ସୃଷ୍ଟି କରୁଛି। ବିଭିନ୍ନ ଶ୍ୱାସ ରୋଗ, ହୃଦ୍ରୋଗ, ସ୍ନାୟୁ ରୋଗ ଭଳି ବିଭିନ୍ନ ସାଂଘାତିକ ରୋଗରେ ପଡୁଛନ୍ତି। ଏପରିକି ଭବିଷ୍ୟତରେ ପିଲା ଜନ୍ମ କରିବାରେ ସମସ୍ୟା ଉପୁଜିବାର ସମ୍ଭାବନା ମଧ୍ୟ ରହିଛି। ଏଭଳି ଭୟଙ୍କର ସ୍ଥିତିକୁ ମୁକାବିଲା କରିବାକୁ ହେଲେ ଏବେଠୁ ଶିକ୍ଷକ ଏବଂ ଅଭିଭାବକମାନେ ସଚେତନ ହେବାକୁ ପଡ଼ିବ। ଯୁବପିଢ଼ିଙ୍କୁ ଏଭଳି ଖରାପ ଅଭ୍ୟାସରୁ ନିବୃତ୍ତ ରଖିବା ପାଇଁ ସଚେତନ କରିବାକୁ ପଡ଼ିବ। ତେଣୁ ଏହି ପ୍ରକ୍ରିୟା ଶିକ୍ଷାନୁଷ୍ଠାନରେ ଆରମ୍ଭ ହେବା ଆବଶ୍ୟକ ବୋଲି ୟୁଜିସି କହିଛି।

# ବାଲିଯାତ୍ରା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ



**କଟକ,୧୬।୧୦ (ମହାଭାରତ):** ଏଥର ଅଧିକ ଆକର୍ଷଣୀୟ ହେବ କଟକର ଐତିହାସିକ ବାଲିଯାତ୍ରା। ଆସନ୍ତା ୧୫ ତାରିଖରୁ ବାଲିଯାତ୍ରା ଆରମ୍ଭ ହେଉଥିବା ବେଳେ ମଙ୍ଗଳବାର ଠାରୁ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଚଳିତବର୍ଷ ମୋଟ୍ ୧୨୦୦ ପ୍ଲଟ୍ ଆବଣ୍ଟନ ହେବାକୁ ଥିବା ବେଳେ ବାଲିଯାତ୍ରା ଉତ୍ସବ ପାଇଁ ଇଣ୍ଟିଗ୍ରେଟେଟ୍ ଟେଣ୍ଡର ବ୍ୟବସ୍ଥା କରାଯାଇଛି।

ଆସନ୍ତା ୨୯ ତାରିଖରୁ ଏଥିପାଇଁ ଆରମ୍ଭ ହେବ ପ୍ଲଟ୍ ନିଲାମ ପ୍ରକ୍ରିୟା। ଏହାସହ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଚଳିତବର୍ଷ କଟକ-ଇନ୍-କଟକ ପ୍ୟାଭିଲିୟନରେ ଓଡିଆ। ଅସ୍ମିତା ଏବଂ ଓଡିଆ। ସିନେମାର ଥିମ୍ ପ୍ରଦର୍ଶିତ ହେବ। ଏହା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲିଉଡ୍ କଳାକାର ସୋନୁ ନିଗମ୍, ସୁରେଶ ୱାଡେକର, ଅନୁପ ଜଲୋଟା ଏବଂ ପିୟୁଷ ମିଶ୍ରଙ୍କ ସହ ଓଲିଉଡ କଳାକାରମାନେ। ମଧ୍ୟ ସଙ୍ଗୀତ ପରିବେଷଣ କରିବେ। ବାଲିଯାତ୍ରାର ଐତିହ୍ୟ ଏବଂ ଅସ୍ମିତାକୁ ନେଇ ପ୍ରଥମ ଥର ପାଇଁ ୫୦୦ ଡ୍ରୋନ୍ ମାଧ୍ୟମରେ ଡ୍ରୋନ୍ ଶୋ' ଏବଂ ଲେଜର ଶୋ' ହେବ। ଏହା ସହ ଚଳିତବର୍ଷ କମିବ ପାର୍କିଂ ଫି'। ପାର୍କିଂ ବ୍ୟବସ୍ଥାକୁ ଅଧିକ ହେବା ସହ ଜିଲ୍ଲା ପ୍ରଶାସନ ନିଜେ ପାର୍କିଂ ରସିଦ୍ ପ୍ରଦାନ କରିବ ବୋଲି ଜିଲ୍ଲାପାଳ କହିଛନ୍ତି।

## ଓଡ଼ିଆ ମହିଳାଙ୍କୁ ଦୁଷ୍କର୍ମ ମାମଲା

# ଜାତୀୟ ମହିଳା କମିଶନଙ୍କ ହସ୍ତକ୍ଷେପ ପାଇଁ ରାଜ୍ୟ ମହିଳା କମିଶନଙ୍କ ପତ୍ର

**ଭୁବନେଶ୍ୱର,୧୬।୧୦ (ମହାଭାରତ):** ଦିଲ୍ଲୀରେ ଓଡ଼ିଆ। ମହିଳାଙ୍କୁ ଦୁଷ୍କର୍ମ ମାମଲାରେ ରାଜ୍ୟ ମହିଳା କମିଶନ ତତ୍ପରତା ଦେଖାଇଛନ୍ତି। ରାଜ୍ୟ ମହିଳା କମିଶନ ଅଧକ୍ଷା ମିନତି ବେହେରା ଘଟଣାରେ ନିଜ ଆଡୁ ମାମଲା ରୁଜୁ କରିବା ସହ ତଦନ୍ତ କରିବାକୁ ଜାତୀୟ ମହିଳା କମିଶନ ଓ ଦିଲ୍ଲୀ ମହିଳା କମିଶନଙ୍କୁ ଅନୁରୋଧ କରିଛନ୍ତି। ସେ ପତ୍ର ଲେଖି ଆସନ୍ତା ୧୫ ଭିତରେ ଘଟଣାର ସରଜମିନ ତଦନ୍ତ କରି ସୂଚନା ଦେବାକୁ ଅନୁରୋଧ କରିଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମାମଲା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ଏହି ମାମଲାରେ ଦିଲ୍ଲୀ ପୁଲିସ କମିସନର ସଂଜୟ ଆରୋରାଙ୍କ ପରାମର୍ଶ କ୍ରମେ ସାଉଥ୍-ଇଷ୍ଟ୍ ଡିସିପି ରବି କୁମାର ସିଂହ ନିଜେ ତଦନ୍ତ ଭାର ଗ୍ରହଣ କରିଛନ୍ତି। ଏ ସଂପର୍କରେ ଦିଲ୍ଲୀ ପୁଲିସ କମିସନରଙ୍କ ସହିତ ଓଡ଼ିଶା ପୁଲିସ ଡିଜି ୱାଇ.ବି. ଖୁରାନିଆ। ଆଲୋଚନା କରିଛନ୍ତି। ଓଡ଼ିଶା ପୁଲିସ ପୀଡ଼ିତାଙ୍କ ପରିବାର ଓ ଘଟଣାର ତଦନ୍ତ କରୁଥିବା ଦିଲ୍ଲୀ ପୁଲିସ ସହ ଯୋଗାଯୋଗରେ ରହିଛି।

ଏହି ଦୁଷ୍କର୍ମ ଘଟଣାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱର ସହ ଗ୍ରହଣ କରି ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଆଇଜି ଏସ୍.ସାଇନିଙ୍କୁ ଦିଲ୍ଲୀ ଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେଠାରେ ପୀଡ଼ିତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ବୁଝିବାକୁ ପରାମର୍ଶ ଦିଆଯାଇଛି। ଦିଲ୍ଲୀ ପୁଲିସ ସହ ସମନ୍ୱୟ ରକ୍ଷା କରି ତଦନ୍ତ ପ୍ରକ୍ରିୟାକୁ ଆଗେଇ ନେବାକୁ କୁହାଯାଇଛି। ଦିଲ୍ଲୀ ପୁଲିସ ପକ୍ଷରୁ ଏକାଧିକ ଟିମ୍ ଗଠନ କରାଯାଇ ମାମଲାର ତଦନ୍ତ ଜାରି ରହିଛି। ସିସିଟିଭି ଫୁଟେଜ୍ ତଥା ଅନ୍ୟ ବୈଷୟିକ ଜ୍ଞାନ ଆଧାରରେ ତଦନ୍ତ କରାଯାଉଛି। ଏମ୍ସ ଟ୍ରମା ସେଣ୍ଟରରେ ଚିକିତ୍ସିତ ହେଉଥିବା ପୀଡ଼ିତାଙ୍କ ଅବସ୍ଥା ଧୀରେ ଧୀରେ ସୁଧୁରୁଥିବା ଜଣାପଡ଼ିଛି। ପୀଡ଼ିତାଙ୍କ ଅବସ୍ଥା ବିପଦମୁକ୍ତ ରହିଛି ବୋଲି ଦିଲ୍ଲୀ ପୁଲିସ ପକ୍ଷରୁ କୁହାଯାଇଛି। ଯୁବତୀଙ୍କୁ ନିରୀକ୍ଷଣରେ ରଖାଯିବା ସହିତ ତାଙ୍କ କାଉନସିଲିଂ ମଧ୍ୟ ଜାରି ରହିଛି। ଘଟଣା ସଂପର୍କରେ ପୀଡ଼ିତା ବାରମ୍ବାର ବୟାନ ବଦଳାଉଥିବା ଯୋଗୁ ସେ ସଂପୂର୍ଣ୍ଣ ସୁସ୍ଥ ହେବା ପରେ ତାଙ୍କ ବୟାନ ରେକର୍ଡ କରାଯିବ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।

ପୀଡ଼ିତା ଯୁବତୀଙ୍କ ଘର ପୁରୀ ଜିଲ୍ଲାରେ ଓ ତାଙ୍କ ବୟସ ପାଖାପାଖି ୩୪ ବର୍ଷ। ଏହି ମାମଲାକୁ ନେଇ ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟ ତତ୍ପରତା ପ୍ରକାଶ ପାଇଛି। ଗତକାଲି ଘଟଣା ସଂପର୍କରେ ଅବଗତ ହେବାପରେ ନୂଆଦିଲ୍ଲୀ ଆବାସିକ କମିସନର ବିଶାଳ ଗଗନ, ସ୍ୱତନ୍ତ୍ର ଆବାସିକ କମିସନର ରିତୁ ଆରୋରା ପୀଡ଼ିତାଙ୍କୁ ଏମ୍ସ ଟ୍ରମା କେନ୍ଦ୍ରରେ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସ୍ୱତନ୍ତ୍ର ପୁଲିସ ଅଧିକାରୀଙ୍କୁ ପୀଡ଼ିତାଙ୍କ ସହାୟତା ପାଇଁ ମଧ୍ୟ ଆବାସିକ କମିସନର ନିର୍ଦ୍ଦେଶ ଦେଇଛନ୍ତି। ଆଜି ଦିଲ୍ଲୀରେ ପୀଡ଼ିତାଙ୍କ ମାଉସୀ ଓ ଓଡ଼ିଶା ପୁଲିସର ଡିଏସ୍ପି ପାହ୍ୟାର ଜଣେ ଅଧିକାରୀ ଦିଲ୍ଲୀ ପହଞ୍ଚିବା ପରେ ସେମାନେ ଏମ୍ସ୍ ଟ୍ରମା ସେଣ୍ଟର୍କୁ ଯାଇ ପୀଡ଼ିତାକୁ ଭେଟିଥିଲେ। ହେଲେ ପୀଡ଼ିତାଙ୍କ ଦୁର୍ବଳ ମାନସିକସ୍ଥିତି ରହିଥିବାରୁ ସେମାନେ ପୀଡ଼ିତାଙ୍କ ସହିତ ବିସ୍ତୃତଭାବେ କଥାବାର୍ତ୍ତା କରିପାରି ନଥିବା ଜଣାପଡ଼ିଛି।

# ନକଲି କଲ୍ ସେଣ୍ଟର ଠାବ : ୬ ଗିରଫ



**ଭୁବନେଶ୍ୱର,୧୬।୧୦ (ମହାଭାରତ):** ରାଜଧାନୀ ଭୁବନେଶ୍ୱର ଛାତି ଉପରେ ନକଲି କଲ ସେଣ୍ଟର କରି ଲୋକମାନଙ୍କ ଠାରୁ କୋଟି କୋଟି ଟଙ୍କା ସାଇବର ଠକେଇ କରୁଥିବା କଲ ସେଣ୍ଟର ଉପରେ କମିଶନରେଟ୍ ପୋଲିସ ଆଜି ଚଢ଼ାଉ କରିଛି। ସୁନ୍ଦରପଦାର କାଞ୍ଚନ ଆପାର୍ଟମେଣ୍ଟର ୨୦୫ ନମ୍ବର ଫ୍ଲାଟରେ ପୋଲିସ ଚଢ଼ାଉ କରି ୬ ଜଣ ବଙ୍ଗୀୟ ଯୁବକଙ୍କୁ ପୋଲିସ ଆଜି ଗିରଫ କରିଛି। ଏମାନଙ୍କ ଠାରୁ ଲାପଟପ୍, ଏକାଧିକ ମୋବାଇଲ ଫୋନ, ସିମ୍‌କାର୍ଡ ଓ ଅନେକ ଡିଜିଟାଲ ଡିଭାଇସ୍ ଜବତ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ତଦନ୍ତରେ ସହାୟତା ପାଇଁ ପୋଲିସ ଏକ ଟେକ୍ନିକାଲ ଟିମ୍‌ର ସହଯୋଗ ମଧ୍ୟ ନେଇଛି। ଗତ କିଛି ଦିନ ତଳେ ଲକ୍ଷ୍ମୀସାଗର, କଟକ, ଝାଡ଼ଖଣ୍ଡରେ କିଛି ସିମ୍ ବାକ୍ସ ସ୍ଥାପନ ନେଇ କଲିକତା ବାଟେ ବାଂଲାଦେଶ ସହିତ ଯୋଗସୂତ୍ର ରଖିଥିବା ସନ୍ଦେହରେ ରାଜୁ ମଣ୍ଡଳ ନାମକ ଜଣେ ବଙ୍ଗୀୟ ଯୁବକଙ୍କୁ କମିଶନରେଟ ପୋଲିସ ଗିରଫ କରିଥିଲା। ଆଜିର ଘଟଣା ସହିତ ସେମାନଙ୍କର କିଛି ସମ୍ପର୍କ ଅଛି କି ନାହିଁ ସେ ସମ୍ପର୍କରେ ମଧ୍ୟ ପୋଲିସ ତଦନ୍ତ ଚଳାଇଛି।

ପୋଲିସ ଡ଼ିସିପି ପିନାକ ମିଶ୍ର କହିଛନ୍ତି ଯେ, କାଞ୍ଚନ ଟାୱାର ଆପାର୍ଟମେଣ୍ଟରେ ଏହି ନକଲି କଲ ସେଣ୍ଟର ଚାଲିଥିବା ସମ୍ପର୍କରେ କମିଶନରେଟ ପୋଲିସର ସାଇବର ଟିମ୍ ଖବର ପାଇଥିଲା। ଆଜି ଏହି ଟିମ୍ ଆପାର୍ଟମେଣ୍ଟରେ ଅଚାନକ ଚଢ଼ାଉ କରିଥିଲା ଓ ସଂପୃକ୍ତ ଆସାମୀ ମାନଙ୍କୁ ଗିରଫ କରିବା ସହିତ ବିଭିନ୍ନ ଇଲେକ୍ଟ୍ରୋନିକ୍ସ ସରଞ୍ଜାମ ଜବତ କରିଛି। ଏ ସମ୍ପର୍କରେ ଅଧିକ ତଦନ୍ତ ହେଲା ପରେ ସବିଶେଷ ତଥ୍ୟ ମିଳି ପାରିବ ବୋଲି ପୋଲିସ ଆଶା ରଖିଛି। ଯାହା ଜଣାପଡୁଛି ଏମାନେ କେବଳ ଓଡ଼ିଶା ନୁହେଁ ଦେଶ ଓ ବିଦେଶରେ ଲୋକମାନଙ୍କ ଠାରୁ ବିଭିନ୍ନ ଭାଷାରେ ମୋବାଇଲ ଯୋଗେ କଥା ବାର୍ତ୍ତା। କରି ସାଇବର କ୍ରାଇମ କରି କୋଟି କୋଟି ଟଙ୍କା ଠକି ନେଇଥିବା ଅନୁମାନ କରାଯାଉଛି।

## ୩ କଂଗ୍ରେସ ନେତାଙ୍କ ବିରୁଦ୍ଧରେ ମାମଲା

**ଭୁବନେଶ୍ୱର,୧୬।୧୦ (ମହାଭାରତ):** ନିର୍ବାଚନ ପ୍ରଚାର ସମୟରେ ବକେୟା ଟଙ୍କାକୁ ନେଇ ରାଜ୍ୟ କଂଗ୍ରେସର ୩ ଜଣଙ୍କ ନାମରେ ଭରତପୁର ଥାନାରେ ମାମଲା ରୁଜୁ ହୋଇଛି। ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ ଓ କଂଗ୍ରେସ ନେତା ବିଶ୍ୱରଂଜନ ମହାନ୍ତିଙ୍କ ନାରେ ଭରତପୁର ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଏହି ତିନି ଜଣଙ୍କ ବିରୋଧରେ ଆଇପିସିର ଧାରା ୧୨୦ବି, ୪୨୦, ୫୦୬ ଓ ୩୪ ଲାଗିଛି। ପୂର୍ବରୁ ପୁଲିସ ଅଭିଯୋଗ ରଖି ନଥିଲା। ଏବେ କୋର୍ଟଙ୍କ ହସ୍ତକ୍ଷେପ ପରେ ପୋଲିସ ଏମାନଙ୍କ ନାମରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ସାଧାରଣ ନିର୍ବାଚନରେ ଅଭିଯୋଗକାରୀ ଆଶୁତୋଷ ମହାପାତ୍ରଙ୍କୁ ଏଲଇଡି ଗାଡ଼ିରେ ପ୍ରଚାର ପାଇଁ କଂଗ୍ରେସ ଏକ ବ୍ୟବସାୟିକ ଚୁକ୍ତି ନାମା କରିଥିଲା।

# ପ୍ରେମ ପାଇଁ ଯୁବକଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୧୬।୧୦ (ମହାଭାରତ):** ପାର୍ବଣରେ ରାଜଧାନୀ ଉତ୍ସବମୁଖର ହୋଇ ପଡ଼ିଥିବା ବେଳେ ଜଣେ ଯୁବ ଇଞ୍ଜିନିୟର ୮ ମହଲାରୁ ତଳକୁ ଡେଇଁ ଜୀବନ ହାରିଛନ୍ତି। ତାଙ୍କ ନାମ ରୋନିତ ଜେନା(୨୩)। ସେ ଖାରବେଳନଗର ଥାନା ଅଞ୍ଚଳରେ ଏକ ଆପାର୍ଟମେମେଣ୍ଟରେ ସପରିବାର ରହୁଥିଲେ। ପ୍ରେମରେ ପ୍ରତାରଣା ପାଇଁ ରୋନିତ ଏଭଳି ଚରମ ପଦକ୍ଷେପ ନେଇଥିବା ତାଙ୍କ ବାପା ନବ କୁମାର ଜେନା ଖାରବେଳନଗର ଥାନାରେ ଅଭିଯୋଗ କରିଛନ୍ତି।

ପୁଲିସ ରୋନିତଙ୍କ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁକରି ତନାଘନା ଆରମ୍ଭ କରିଛି। ପ୍ରେମରେ ପ୍ରତାରଣା ପାଇଁ ରାଜଧାନୀରେ ଜଣେ ଯୁବ ଇଞ୍ଜିନିୟରଙ୍କ ଏଭଳି ଆତ୍ମହତ୍ୟା କରିବା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି। ରୋନିତଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ରୋନିତ ବ୍ରହ୍ମପୁରରେ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢ଼ୁଥିବା ବେଳେ ଉକ୍ତ କଲେଜର ଜଣେ ଜୁନିଅର ଛାତ୍ରୀଙ୍କ ସହ ତାଙ୍କର ପ୍ରେମ ସଂପର୍କ ଗି ଉଠିଥିଲା। ରୋନିତ ଏକ ଘରୋଇ କଂପାନୀରେ ଚାକିରି ପାଇଥିଲେ। ପ୍ରାୟ ବର୍ଷେ ହେଲା ପ୍ରେମ ସଂପର୍କ ଭିତରେ ଯୁବତୀ ଜଣଙ୍କ ରୋନିତଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇ ଯାଇଥିଲେ। ଶେଷରେ ତାଙ୍କ ସହ ସଂପର୍କ ଛିନ୍ନ କରିଥିଲେ। ଯେଉଁଥିପାଇଁ ରୋନିତ ଗତ କିଛିଦିନ ହେଲା ମାନସିକ ଦୁଃଶ୍ଚିନ୍ତାରେ ରହୁଥିଲେ। ପାର୍ବଣରେ ରୋନିତ ଘରକୁ ଆସିଥିଲେ।

୧୨ ତାରିଖରେ ରୋନିତ ମା'ଙ୍କୁ ସାଙ୍ଗରେ ନେଇ ବିଭିନ୍ନ ପୂଜା ମଣ୍ଡପ ବୁଲାଇଥିଲେ। ପରେ ରାତିରେ ସମସ୍ତେ ମିଶି ଏକାଠି ଖାଇଥିଲେ। ବିଳମ୍ବିତ ରାତିରେ ରୋନିତ ମୋବାଇଲରେ ପ୍ରେମିକାଙ୍କ ସହ ଉଚ୍ଚବାଚ୍ଚରେ କଥା ହୋଇଥିଲେ। ଭୋର ୪ଟା ୨୨ରେ ସେ ଆପାର୍ଟମେଣ୍ଟ୍ର ୮ ମହଲାରୁ ତଳକୁ ଡ଼େଇଁ ପଡ଼ିଥିଲେ। ତଳେ ରୋନିତଙ୍କ ମୃତଦେହ ପଡ଼ିଥିବା ଦେଖି ପାଖ ପଡ଼ୋଶୀମାନେ ପରିବାର ଲୋକଙ୍କୁ ଜଣାଇଥିଲେ। ରୋନିତଙ୍କ ଆତ୍ମହତ୍ୟା ପୂର୍ବର ଦୃଶ୍ୟ ଆପାର୍ଟମେଣ୍ଟ୍ରେ ଲାଗିଥିବା ସିସିଟିଭି ଫୁଟେଜରେ କଏଦ ହୋଇ ରହିଛି। ପରିବାର ଲୋକେ ରୋନିତଙ୍କ ମୃତଦେହ ଦେଖି ହତବାକ୍ ହୋଇ ପଡ଼ିଥିଲେ। ବାପା ନବ କୁମାର ଖାରବେଳନଗର ଥାନାରେ ପହଞ୍ଚି ରୋନିତଙ୍କ ଆତ୍ମହତ୍ୟା ପାଇଁ ତାଙ୍କ ପ୍ରେମିକାକୁ ଦାୟୀ କରିଛନ୍ତି ଯ ତାଙ୍କ ପୁଅଠାରୁ ଅଜସ୍ର ଟଙ୍କା ଝଡ଼ାଇବା ପରେ ସଂପୃକ୍ତ ଯୁବତୀ ପ୍ରତାରଣା କରିବାରୁ ମୋ ପୁଅ ଆତ୍ମହତ୍ୟା କଲା ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ସଂପୃକ୍ତ ଯୁବତୀ ଓ ତାଙ୍କ ପରିବାର ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି।

# ମେଟ୍ରୋ ପାଇଁ ବସିଲା ପିଲର

**ଭୁବନେଶ୍ୱର,୧୬।୧୦ (ମହାଭାରତ):** ବିଜୟା ଦଶମୀଠାରୁ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ପିଲର କାର୍ଯ୍ୟ ଆରମ୍ଭ ହୋଇଛି। ବାରଙ୍ଗ ବ୍ଲକ ଛକ ୟୁକୋ ବ୍ୟାଙ୍କ ସମ୍ମୁଖରୁ କମ୍ପାନୀ କାର୍ଯ୍ୟ ଆରମ୍ଭ କରିଛି। ମୁଖ୍ୟ ରାସ୍ତାର ଦୁଇ କଡ଼ରେ ମାଟି ପରୀକ୍ଷା କରାଯାଇଥିବା ବେଳେ ଏବେ ରାସ୍ତାର ମଧ୍ୟ ଭାଗରେ ପିଲର କାର୍ଯ୍ୟ ଆରମ୍ଭ ହୋଇଛି। ପିଲର କାର୍ଯ୍ୟ ଆରମ୍ଭ ହୋଇଥିବା ସ୍ଥାନର ଚାରିକଡ଼ ବ୍ୟାରିକେଡ କରାଯାଇଛି। ବିଏମଆରସିଏଲ କମ୍ପାନୀ ଏହି ରେଳ ପିଲର କାର୍ଯ୍ୟ ଆରମ୍ଭ କରିଛି। ଗତ ଅଗଷ୍ଟ ୨୪ତାରିଖରେ କମ୍ପାନୀ ବାରଙ୍ଗ ଆନନ୍ଦ ବଜାରରେ ଭୂମିପୂଜନ ହୋଇଥିଲା। ସେପ୍ଟେମ୍ବର ମାସରେ ପିଲର ନିର୍ମାଣ ପାଇଁ ପ୍ରତି ୧୦୦ ମିଟର ଅନ୍ତରରେ ରାସ୍ତାର ଦୁଇକଡ଼ରେ ମାଟି ପରୀକ୍ଷା ହୋଇଥିଲା। ମାଟି ପରୀକ୍ଷା ଏବେବି ଚାଲୁ ରହିଥିବା ବେଳେ କମ୍ପାନୀ ରବିବାର ଠାରୁ ପିଲର କାର୍ଯ୍ୟ ବାରଙ୍ଗରୁ ଆରମ୍ଭ କରିଛି। ଏହି କମ୍ପାନୀ ଭୁବନେଶ୍ୱର କିଟ୍ ଛକରୁ ତ୍ରିଶୂଳିଆ। ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରେଳ ଲାଇନ ନିର୍ମାଣ କରିବ।

ଭୁବନେଶ୍ୱର ବିଜୁପଟ୍ଟନାୟକ ବିମାନ ବନ୍ଦର ଠାରୁ କଟକ ଭାୟା ବାରଙ୍ଗ ରାସ୍ତାରେ ମେଟ୍ରୋ ଟ୍ରେନ ଚଳାଚଳ କରିବ। ଟ୍ରେନ ଚଳା ଚଳ କଟକ- ଭୁବନେଶ୍ୱର ମଧ୍ୟରେ ଦୂରତ୍ୱ କମ୍ ହେବା ସହିତ ଓ ଭିଡ଼କୁ ନିୟନ୍ତ୍ରଣ କରାଯାଇ ପାରିବ। ବିଶେଷ କରି ଅନ୍ୟ ଜିଲ୍ଲାରୁ ଆସୁଥିବା ଲୋକ ମାନେ ଭୁବନେଶ୍ୱର ବିମାନ ବନ୍ଦରରୁ କଟକ ହାଇକୋର୍ଟକୁ ଯାତାୟାତ ସହଜ ହୋଇପାରିବ। ବିମାନବନ୍ଦର ଠାରୁ ତ୍ରିଶୂଳିଆ। ଛକ ପର୍ଯ୍ୟନ୍ତ ୨୬ କିଲୋମିଟର ରାସ୍ତାରେ ୨୦ ଟି ଷ୍ଟେସନ ନିର୍ମାଣ କରାଯିବ। ଏଥିପାଇଁ ବାରଙ୍ଗ ଥାନା ଅନ୍ତର୍ଗତ ରତାଗଡ଼-ନୂଆସାହି ଠାରେ ୨୦୨୪ ଜାନୁଆରୀ ପହିଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଟ୍ରୋ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।

# ଟାଟା ମୋଟର୍ସ ବ୍ୟବସାୟୀକ ଲାଭାଂଶର ଦ୍ୱାରକୁ ଖୋଲିବା ପାଇଁ ସଶକ୍ତ କରୁଛି

**ଭୁବନେଶ୍ୱର,୧୬।୧୦ (ମହାଭାରତ):** ଟାଟା ମୋଟର୍ସ ଭାରତର ସର୍ବବୃହତ୍ ବାଣିଜ୍ୟିକ ଯାନ ନିର୍ମାଣକାରୀ ପ୍ରତିଷ୍ଠାନ ଦେଶ କା ଟ୍ରକ ଉତ୍ସବ ପାଳନ ଉତ୍ସବର ପ୍ରସ୍ତୁତି ପର୍ବ ପାଇଁ ୧୮ ଅକ୍ଟୋବର ୨୦୨୪ରେ ଭୁବନେଶ୍ୱର ଠାରେ ଏକ ଏକ ଦିବସୀୟ କାର୍ଯ୍ୟକ୍ରମର ଆୟୋଜନ କରୁଛି। ଭୁବନେଶ୍ୱରରେ ଅବସ୍ଥାପିତ ଟ୍ରକ ମାଲିକାନା ସମ୍ପ୍ରଦାୟମାନଙ୍କୁ ସଶକ୍ତ କରିବା ପାଇଁ ଏହି କାର୍ଯ୍ୟକ୍ରମର ପ୍ରସ୍ତୁତ ହେଉଛି ଏକ କାର୍ଯ୍ୟକାରୀ ଦୂରଦୃଷ୍ଟି ତଥା ଟ୍ରକ ସମ୍ଭାରର ପ୍ରାଥମିକ ଅଭିଜ୍ଞତା ସହିତ ଟାଟା ମୋଟର୍ସର ଅଧୁନତମ ଟ୍ରକ ପରିସର ତଥା ଅନେକ ଗୁଡ଼ିଏ ମୂଲ୍ୟଯୁକ୍ତ ସେବା ପ୍ରଦାନ କରିବା ସହିତ ସର୍ବୋପରି ଏସବୁର ମୂଳ ଲକ୍ଷ୍ୟ ହେଉଛି, ସେମାନଙ୍କ ମଧ୍ୟରେ ଲାଭାଂଶ ବୃଦ୍ଧି କରିବା ସହିତ ସମ୍ପୂର୍ଣ୍ଣ ମାଲିକାନା ସତ୍ୱର ମୂଲ୍ୟ (ଟିସିଓ) ହ୍ରାସ ପ୍ରଦାନ କରିବା।

ଯାନ ପରିବହନ କ୍ଷେତ୍ରରେ ଭଡ଼ା ବୃଦ୍ଧି କାର୍ଯ୍ୟ ଦକ୍ଷତା, ଇନ୍ଧନ ଦକ୍ଷତାରେ ବୃଦ୍ଧି ତଥା ଏ ସବୁ ଦିଗରେ ଏକ ବିରାଟ ଲାଭାଂଶ ପ୍ରାପ୍ତ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରୁଥିବା ପ୍ରତିନିଧି ମାନଙ୍କୁ ବିଶେଷଜ୍ଞ ମାନଙ୍କ ପରାମର୍ଶ ପ୍ରଦାନର ବ୍ୟବସ୍ଥା ରହିଛି। ସେମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ବିସ୍ତୃତ ଯାନର ପ୍ରଦର୍ଶନ ତଥା ଏଥି ସହିତ ଯୋଡ଼ି ହୋଇଥିବା ସୁବିଧା ଏବଂ ଟାଟା ମୋଟର୍ସର କ୍ରୟ ପରବର୍ତୀ ବିସ୍ତାରିତ ସେବା ପ୍ରଦାନ ଉପରେ ମଧ୍ୟ ବିଭିନ୍ନ ପ୍ରକାରର ପରାମର୍ଶ ପ୍ରଦାନ କରାଯିବ, ଯାହା ମଧ୍ୟରେ ରହିଛି - ଯାନ ରକ୍ଷଣାବେକ୍ଷଣ କାର୍ଯ୍ୟକ୍ରମ, ଭଡ଼ା ପରିଚାଳନାର ଉପାୟ, ବାର୍ଷିକ ରକ୍ଷଣାବେକ୍ଷଣ ପ୍ୟାକେଜ ତଥା ସମ୍ପୂର୍ଣ୍ଣ ସେବା ୨.୦ ପଦକ୍ଷେପ ଅନ୍ତର୍ଗତ ୨୪୭ ରାସ୍ତା ପାର୍ଶ୍ୱର ସହାୟତା ଯାହା ଗ୍ରାହକମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ସୂଚନା ପ୍ରଦାନ କରିବା ସହିତ ଦୂରସ୍ଥାନକୁ ଯାତ୍ରା କରୁଥିବା ଟ୍ରକ ଗୁଡ଼ିକର ଗତିବିଧି ସମ୍ପର୍କରେ ଅନେକ ଗୁଡ଼ିଏ ପଦକ୍ଷେପ। ଅତିରିକ୍ତ ଭାବରେ କମ୍ପାନୀ ପ୍ରମୁଖ ଗ୍ରାହକମାନଙ୍କୁ ସେମାନଙ୍କର ସହଭାଗୀତା ଏବଂ ସମର୍ଥନ ପାଇଁ ତଥା ସବୁ ଜିନିଷକୁ ଦୃଷ୍ଟିରେ ରଖି ସେମାନଙ୍କ ଅଭିଜ୍ଞତାକୁ ପୁରସ୍କୃତ କରିବା ସହିତ ସେମାନଙ୍କୁ ସମ୍ମାନିତ କରିବାକୁ ଯାଉଛି।

ରାଜେଶ କୌଲ, ଉପସଭାପତି ତଥା ବିଜିନେସ ମୁଖ୍ୟ- ଟ୍ରକ୍ସ, ଟାଟା ମୋଟର୍ସ କମର୍ସିଆଲ ଭେଇକିଲ, ଏହି ଉତ୍ସବରେ ସାମିଲ ହୋଇ କହିଥିଲେ, "ଟାଟା ମୋଟର୍ସ ଗ୍ରାହକ ମାନଙ୍କ ବୁଝାମଣାକୁ ଅଗ୍ରାଧିକାର ଦେବା ଏବଂ ଏହା ଉପରେ ଅନେକ ଗୁଡ଼ିଏ କିଛି କରିବାର ଆବଶ୍ୟକତା ଉପରେ ପ୍ରତିଶ୍ରୁତିବଦ୍ଧ ଅଟେ।

# କ୍ରମ୍ପଟନ ଦ୍ୱାରାୱିନ ପ୍ଲସ ଅନାବରଣ

**ଭୁବନେଶ୍ୱର,୧୬।୧୦ (ମହାଭାରତ):** ମୁମ୍ବାଇ-କ୍ରମ୍ପଟନ ଗ୍ରୀଭସ କଞ୍ଜୁମର ଇଲେକ୍ଟ୍ରିକାଲ ଲିମିଟେଡ୍, ନିଜର ଗୁଣବତା, ବିଶ୍ୱସନୀୟତା ତଥା ଦୀର୍ଘସ୍ଥାୟିତ୍ୱ ନିମନ୍ତେ ଯାହାକି ଏକ ଲୋକପ୍ରିୟ ବ୍ରାଣ୍ଡ ଏହାର ନୂତନ ଘରୋଇ ପମ୍ପସ ସମ୍ଭାର: ୱିନ ପ୍ଲସର ଶୁଭାରମ୍ଭ କରିଛି। ନବୀକରଣୀୟ ଏବଂ ପ୍ରେସିସନ ବୈଷୟିକୀ ସହିତ ୱିନ ପ୍ଲସ ଘର ମାଲିକମାନଙ୍କର କିଛି ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ଗଠନ ପ୍ରଣାଳୀକୁ ବିଶେଷଭାବରେ ଗ୍ରାମା???ଳ ତଥା ଛୋଟଛୋଟ ସହରମାନଙ୍କରେ ସେମାନଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇପାରିଛି। ଅତ୍ୟନ୍ତ ଉନ୍ନତମାନର କାର୍ଯ୍ୟଦକ୍ଷତା ତଥା ବିଶେଷ ଉପଯୋଗୀତା ଭଳି ଦୁଇଟି ଘରୋଇ କାହାଣୀ ପାଇଁ ଏହି ପମ୍ପ ଗୁଡ଼ିକ ବିଶ୍ୱସନୀୟତା ତଥା ସାମର୍ଥ୍ୟତା ସମାଧାନର ଉପାୟ ଗୁଡ଼ିକ ପ୍ରଦାନ କରିପାରିଛି। ନିଜର କ୍ରୟକାରୀ ପସନ୍ଦତା କ୍ଷେତ୍ରରେ ଗ୍ରାହକମାନେ ଯେହେତୁ ଅଧିକରୁ ଅଧିକ ସଚେତନ ହେଉଛନ୍ତି ସେଥିପାଇଁ ଦକ୍ଷତା, ଦୀର୍ଘସ୍ଥାୟିତ୍ୱ ଏବଂ ସେମାନଙ୍କ ମଧ୍ୟରେ ପମ୍ପ କିଣିବାର ସକ୍ଷମତା ବହୁମାତ୍ରାରେ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳ ତଥା ଛୋଟଛୋଟ ସହରମାନଙ୍କରେ ବିଶେଷଭାବରେ ରହୁଥିବା ଘର ମାଲିକମାନେ ବିଶ୍ୱସ୍ତତା, କମ୍ ପରିଚାଳନା ସାମଗ୍ରୀ ଯାହାକି ସେମାନଙ୍କର ଦୈନନ୍ଦିନ ବ୍ୟବହାରରେ ଦେଖାଦେଉଥିବା ଆହ୍ୱାନ ଗୁଡ଼ିକୁ ପ୍ରତିହତ କରିବାରେ ସେମାନଙ୍କୁ ସଫଳତା ପ୍ରଦାନ କରିପାରିବ। କଳଙ୍କି ସୁରକ୍ଷାକାରୀ, ଜାମ-ବିରୋଧି କୌଶଳତା ତଥା ବିସ୍ତୃତ ଭୋଲଟେଜ ପରିବର୍ତ୍ତନକାରୀ ଭଳି ବିଶେଷତ୍ୱ ଗୁଡ଼ିକୁ ନେଇ ଆଧୁନିକ ଘରୋଇ ସାମଗ୍ରୀ ଗୁଡ଼ିକର ବିବିଧତାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହା ସେମାନଙ୍କର ଅତ୍ୟାବଶ୍ୟକ ଚାହିଦାକୁ ପୂରଣ କରିପାରିଛି।

# ନୂଆ ଭାରିଆଣ୍ଟ

ଏବେ ବି କରୋନା ଭାଇରସ ନୂଆ ରୂପ ନେଇ ଆକ୍ରମଣ କରିବାର ଆଶଙ୍କା ରହିଛି । ହୁ ପକ୍ଷରୁ କୁହାଯାଇଛି ଯେ, ଅନେକ ଦେଶ ଏବେ କୋଭିଡ ସଂକ୍ରମଣର ସ୍ଥିତି ଉପରେ ନଜର ରଖି ନାହାଁନ୍ତି ବା ରିପୋର୍ଟ ଦେଉ ନାହାଁନ୍ତି । ଅନେକ ଦେଶରେ ଏବେ ବହୁ କୋଭିଡ ସଂକ୍ରମିତ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେକ ପ୍ରାଣ ହରାଉଛନ୍ତି । ନିକଟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ କୋଭିଡ ସଂକ୍ରମିତ ହୋଇଥିଲେ । ତେଣୁ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବା ଏବଂ ଯେଉଁମାନେ ବୁଷ୍ଟର ଡୋଜ ନେଇ ନାହାଁନ୍ତି ସେମାନେ ତୁରନ୍ତ ଏହା ନେଇଯିବା ଲାଗି ହୁ ପକ୍ଷରୁ ପରାମର୍ଶ ଦିଆଯାଇଛି । ଭାରତରେ ଅନେକ ଏ ଯାବତ କୋଭିଡ ଟିକାର ବୁଷ୍ଟର ଡୋଜ ନେଇ ନାହାଁନ୍ତି । ଏବେ ପ୍ରତ୍ୟେକ ନାଗରିକ ଏହି ବୁଷ୍ଟର ଡୋଜ ନେଇଯିବା ଜରୁରୀ । ସ୍ମରଣ କରାଯାଇପାରେ ଯେ, ୨୦୧୯ ଶେଷ ଭାଗରେ ଚୀନରେ ଏମିତି କରୋନା ଆରମ୍ଭ ହୋଇଥିଲା । ସେତେବେଳେ କେହି କଳ୍ପନା କରିନଥିଲେ ଯେ, ଏହା ସମଗ୍ର ବିଶ୍ୱରେ ହାହାକାର ରଚିଦେବ ବୋଲି । ଚୀନର ଉହାନ ନଗରୀରୁ ପ୍ରଥମେ କୋଭିଡ ମହାମାରୀ ଜନ୍ମ ନେଇଥିଲା । ଏହା ପରେ ସାରା ବିଶ୍ୱକୁ ଏହା ଗ୍ରାସ କରିଥିଲା । ଏବେ ବି ଭାରତ ସମେତ ବିଭିନ୍ନ ଦେଶରେ କୋଭିଡ ସଂକ୍ରମିତ ଚିହ୍ନଟ ହେଉଛନ୍ତି ଏବଂ କିଛି ଲୋକ ପ୍ରାଣ ହରାଉଛନ୍ତି । ଏହା ଏବେ ଅନ୍ୟ ରୋଗ ଭଳି ହୋଇଯାଇଛି । ଅନ୍ୟ ସାଧାରଣ ରୋଗରେ ମଧ୍ୟ ପ୍ରତିଦିନ କିଛି କିଛି ଲୋକ ଆକ୍ରାନ୍ତ ହେଉଛନ୍ତି । କରୋନା ଭାଇରସ ସଂକ୍ରମଣ ମଧ୍ୟ ସେହିପରି ସ୍ଥିତିକୁ ଆସିଯାଇଛି । ମୂଳରୁ ବୈଜ୍ଞାନିକମାନେ କହିଥିଲେ ଯେ, କରୋନା କେବେ ସମ୍ପୂର୍ଣ୍ଣ ମୂଳପୋଛ ହେବନି । ଏହା ସବୁ ଦିନ ପାଇଁ ରହିବ । କିନ୍ତୁ ପ୍ରତିଷେଧକ ବଳରେ ଏହାକୁ କେବଳ ନିୟନ୍ତ୍ରଣ କରାଯାଇପାରିବ । କୋଭିଡ ଟିକା ନେବା ପରେ ଏବଂ ଲୋକଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ପରେ ମହାମାରୀ ଏବେ ନିୟନ୍ତ୍ରିତ ହୋଇପାରିଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ମଧ୍ୟ ସ୍ୱୀକାର କରିଛି ଯେ, କୋଭିଡ ମହାମାରୀ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି ତେବେ ଗତ ଦୁଇ ବର୍ଷ ଭିତରେ ଏଥିରେ ଯେତେ ଜୀବନ ହାନୀ ହୋଇଛି ତାହା ଏକ ମହାଯୁଦ୍ଧରେ ବି ଦେଖିବାକୁ ମିଳେନି । ସରକାରୀ ହିସାବ ଅନୁଯାୟୀ ଏବେ ସୁଦ୍ଧା ବିଶ୍ୱରେ କୋଭିଡରେ ୬୬ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଗଲାଣି । କିନ୍ତୁ ବାସ୍ତବରେ ମୃତ୍ୟୁ ସଂଖ୍ୟା ଏହାର ୫ଗୁଣ ହୋଇପାରେ ବୋଲି ଆଶଙ୍କା କରାଯାଉଛି । ସବୁ ଦେଶ କରୋନା ଆକ୍ରାନ୍ତଙ୍କ ବାସ୍ତବ ସଂଖ୍ୟା ଲୁଚାଉଛନ୍ତି । ଏଥିରେ ଚୀନ ସର୍ବାଗ୍ରେ ରହିଛି । ଚୀନରେ ସବୁ ତଥ୍ୟ ସରକାର ସବୁ ବେଳେ ଲୁଚାଇଥାନ୍ତି । ଏହା ସେ ଦେଶର ନୀତି । ମୂଳରୁ କରୋନାର ଉତ୍ପତ୍ତି ଓ ସଂକ୍ରମଣ ନେଇ ଚୀନ ତଥ୍ୟ ଲୁଚାଇଥିଲା । ଫଳରେ ଏହା ମହାମାରୀ ରୂପ ନେଇ ସାରା ପୃଥିବୀକୁ ଗ୍ରାସ କଲା । ସମଗ୍ର ମାନବ ସମାଜ ଚୀନର ଏହି ତ୍ରୁଟି ପାଇଁ ଦଣ୍ଡ ଭୋଗିଲେ । ଏବେ ଯେତିକି ଲୋକ କରୋନା ଆକ୍ରାନ୍ତ ହୋଇଥିବା କୁହାଯାଉଛି, ବାସ୍ତବରେ ତାହାଠାରୁ ଢେର ଅଧିକ ବ୍ୟକ୍ତି ଆକ୍ରାନ୍ତ ହୋଇଛନ୍ତି । ଟେଷ୍ଟିଂ ହ୍ରାସ ପାଉଥିବାରୁ ବାସ୍ତବ ସଂଖ୍ୟା ଜଣାପଡୁନି । ସେହି ଅନୁଯାୟୀ ଅନେକ ପ୍ରାଣ ହରାଉଛନ୍ତି । ସବୁଠାରୁ ଉଦବେଗର ବିଷୟ ହେଲା ଯେଉଁମାନେ ପୂର୍ବରୁ କରୋନା ଟିକା ନେଇଛନ୍ତି ସେମାନେ ମଧ୍ୟ ଏଥିରେ ଆକ୍ରାନ୍ତ ହେଉଛନ୍ତି । ବିଶେଷଜ୍ଞମାନଙ୍କ କହିବା କଥା ହେଲା କରୋନାର କିଛି ନୂଆ ଭାରିଆଣ୍ଟ ଯୋଗୁ ଏବେ ଏଥିରେ ବହୁ ଲୋକ ଆକ୍ରାନ୍ତ ହେଉଛନ୍ତି । ସ୍ମରଣ କରାଯାଇପାରେ ଯେ, ୨୦୨୧ରେ କରୋନା ଭାଇରସର ଡେଲଟା ଭାରିଆ ଯୋଗୁ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଥିଲେ । ଯଦି ବିଶେଷଜ୍ଞମାନଙ୍କ କଥା ସତ୍ୟ ହୁଏ ତେବେ ଏହା ଏକ ଅତ୍ୟନ୍ତ ଉଦବେଗର ବିଷୟ । ଏବେ ବି ସତର୍କ ରହିବାର ବେଳ ଯାଇନି ।

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ


॥ ଡାକ୍ତର କାନ୍ତୀ ନାୟକ ॥



*ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ । ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ । କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ । ପୁଷ୍ଟିକର ଖାଦ୍ୟ ଖାଆନ୍ତୁ । ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ । ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ । କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ । ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ ।*


ଯକ୍ଷ୍ମା ଜୀବାଣୁ ଜନିତ ରୋଗ । ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ । ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ । ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ୍ୟ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ । ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ । କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ । ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ୍ୟ ଏହି ସଂକ୍ରମଣ ହୋଇପାରେ । ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ । ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ । ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ । ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ । ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ । ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ । ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ । ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ୍ୟ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି । କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ । ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ । ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ । ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ । ଓଜନ ମଧ୍ୟ କମି ଯାଏ । କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ । ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ । କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ । ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ । ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ । କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ । ଏହା ଯେ କୌଣସି ବ୍ୟକ୍ତିଙ୍କୁ ମଧ୍ୟ ହୋଇପାରେ । କାରଣ ଏହା ଏକ ବାୟୁବାହିତ ରୋଗ । ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ । ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି । ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ । ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ । ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ । ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ । କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ । ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ । ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର । ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ । ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ । ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ । ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ । ଏହା ଖୁବ୍ ବିପଜ୍ଜନକ ସ୍ଥିତି । ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ । କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ । ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ । ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ । ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି । କାରଣ ଔଷଧ ଖାଇଲେ ମଧ୍ୟ ସେ ସମୟ ମଧ୍ୟରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ । ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ । ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ । ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ । ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ । ରୋଗୀକୁ ମାକ୍ସ ପିନ୍ଧାଇ ରଖନ୍ତୁ । ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ । କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ । କାରଣ ଏସି ମଧ୍ୟରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ । ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ । ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ । ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ । ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ । କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ । ପୁଷ୍ଟିକର ଖାଦ୍ୟ ଖାଆନ୍ତୁ । ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ । ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ । କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ । ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ । ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ । ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗୀଙ୍କୁ ନିଜ ଆଗରେ ଔଷଧ ଖୁଆନ୍ତି । ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ । ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି । ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ୍ୟ ରୋଗୀ ଉପରେ ନଜର ରଖନ୍ତି । ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି । ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି । ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ । ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ । ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ । ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ । କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି । ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିଙ୍କୁ ଏହି ରୋଗ ଆକ୍ରମଣ କରିପାରେ । ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ । ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ । କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ । ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ । ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ । କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ ।


ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,


# ବର ଓ କନ୍ୟାଙ୍କର ଘର ଏକ ସରଳ ରେଖାର ଦୁଇ ମୁଣ୍ଡ


॥ ଅଜୟ କୁମାର ବେହେରା ॥


ସରଳ ରେଖା ଓ ବକ୍ରରେଖା ଅତିକମରେ ରେଖାର ଦୁଇଧାରା, ଦିଗଦୃଷ୍ଟେ ଚାରି ଦିଗ ପାଇଁ ଚାରି ରେଖା । କୋଣ ଦୃଷ୍ଟେ ଚାରି ରେଖା ଏମିତି ଆଠ ରେଖା । ପ୍ରତ୍ୟେକଙ୍କ ଜନ୍ମ ସ୍ଥାନର ଅକ୍ଷାଂଶ ଓ ଦ୍ରାଘିମା ସମ୍ବନ୍ଧ ରହିଛି । ରେଖା ସରଳ ହେଲେ ବି ରାସ୍ତା ଉଭୟଙ୍କୁ ଉଭୟ ସ୍ଥାନରେ ପହଞ୍ଚିବାକୁ ବକ୍ର ପଥ ନିଶ୍ଚୟ ଥିବ । ଯେଉଁମାନେ ବରକନ୍ୟାଙ୍କର ବାସସ୍ଥାନର ଅକ୍ଷାଂଶ ଦ୍ରାଘିମା ଓ ତତବିଧି ଷ୍ଟାଣ୍ଡର୍ଡ଼ ସମୟ ବା ସ୍ଥାନୀୟ ନେଇ କିଛି ସମୟ ଧାର୍ଯ୍ୟ ରଖି କୁଣ୍ଡଳୀ କରି କେବଳ ଚନ୍ଦ୍ର ଓ ନକ୍ଷତ୍ରରୁ ମେଳକ ଧାର୍ଯ୍ୟ କରି ଅଧିକ ଅଙ୍କର ମେଳକ ନେଉଛନ୍ତି ତାଙ୍କୁ ଅନେକ ବାକି କଥା ଛାଡ଼ି ଦେଉଛନ୍ତି ।

କନ୍ୟାର ଜନ୍ମଦିନରେ ଚନ୍ଦ୍ରସ୍ଥିତ ରାଶି ଓ ୧ମ ରଜୋଦର୍ଶନ ଦିନର ତିଥି ବାର ନକ୍ଷତ୍ର ଯୋଗକରଣ ଲଗ୍ନଦି ବିବାହ ସୁଖ ପାଇଁ ବିଚାରକୁ ନେବା ଦରକାର ତାହା କରାଯାଉନାହିଁ । ବିଷ ପୁରୁଷ ଓ ବିଷ କନ୍ୟା ଦୁଇଟି ଗ୍ରହ ନକ୍ଷତ୍ର ସମ୍ବନ୍ଧରୁ ଧରାଯାଏ । ବିଷ ହିଁ ସାଂସାରିକ ଜୀବନରେ ଜ୍ୱଳା ଦିଏ । ଜ୍ୟୋତିଷମାନେ କେବଳ ଜାତକ ଜନ୍ମଦିନର ବିବରଣୀରୁ କରି ଦେଇ ପାଉଣା ନେଇଯାଆନ୍ତି ସିନା ଜଟିଳ ଜନ୍ମ ସମୟର କୌଣସି ବ୍ୟବସ୍ଥା କରନ୍ତି ନାହିଁ । ଯାହା ବିଷ ଦ୍ରୁମ ରୂପନେଇ ସାଂସାରିକ ଜୀବନ ଉଚ୍ଛନ୍ନ ପରେ କରାଏ । ବିବାହ ଦିନର ମାସ ସମ୍ବନ୍ଧ ନକ୍ଷତ୍ର ସମ୍ବନ୍ଧ ଯୋଗ ସମ୍ବନ୍ଧ କରଣ ସମ୍ବନ୍ଧ ପଞ୍ଚଶାଳକ ବିଦ୍ଧି ବି ଦେଖାଯାଇ ପାଞ୍ଜିରେ ବିବାହ ତିଥି କେବଳ ଲେଖାଯାଇଛି ଏଥର ଲଗ୍ନାଦି ୧୨ଶ ଭାବର ତତକାଳ ଜଟିଳତାକୁ କୌଣସି ଜ୍ୟୋତିଷୀ ତର୍ଜନା କରନ୍ତି ନାହିଁ ପୁରୋହିତମାନେ ଜ୍ୟୋତିଷ ଶାସ୍ତ୍ରରେ ଅଭିଜ୍ଞ ଏତେ ନୁହଁନ୍ତି ସେମାନେ ଅମୃତ, ମାହେନ୍ଦ୍ର ସମୟରେ ହିଁ ବିବାହ ଶେଷ ହାତଗଣ୍ଠି କରି ଦେଇ କାମ ଫତେ କରିଥାନ୍ତି । ପ୍ରକୃତରେ କେଉଁ ଲଗ୍ନରେ ବିବାହ କରାଯିବ ସେ ଦିନ ବିଚାରକୁ ନେବାକୁ ପଡ଼େ । ଯେଉଁ ସରଳ ରେଖାରେ ଦୁଇ ଜଣଙ୍କର ବାସ ସ୍ଥାନ ରହିଛି ବରାନୁଗମନରେ ମଙ୍ଗଳ କର୍ମ ପାଇଁ ବର ବାହାରେ ତାର ଯାତ୍ରା କଲ୍ୟାଣ ମଣ୍ଡପ ନୁହଁ କନ୍ୟା ଘର ଦିଗରେ ତିଥି ଯୋଗ୍ନୀ ବାଧା ଦେବ କି ? ଏହା ବିଚାର କରାଯାଉନାହିଁ ସେହିପରି କନ୍ୟା ବରଘରେ ପ୍ରବେଶ ବେଳକୁ ଯୋଗିନୀ ସ୍ଥିତି ସପକ୍ଷ କି ବିପକ୍ଷ ଦେଖାଯାଉନାହିଁ । ସ୍ୱାମୀ ସ୍ତ୍ରୀଙ୍କର ପ୍ରଥମ ମିଳନ ସମୟ ଉଭୟଙ୍କର ଘାତଲଗ୍ନ ୮ମ ଲଗ୍ନ ମାସଶୂନ୍ୟ ଲଗ୍ନ ତିଥି ଶୂନ୍ୟ ଲଗ୍ନ ଆଦି ବିଚାର କରାଯାଉନାହିଁ । ଏସବୁ ପ୍ରଚ୍ଛନ୍ନ ମଧ୍ୟରେ ବିଚାରକୁ ଅଣାଯିବା ସହିତ ପ୍ରତି ବିବାହ ଏବେ ପୋଲିଶ ଥାନାର ଅନୁମତି ଦରକାର ଯାହା ଜାତକ ଜାତିକାଙ୍କର ଜାତକର ମଙ୍ଗଳ ସ୍ଥିତି ଓ ତତକାଳ ଗୋଚର ମଙ୍ଗଳର ସ୍ଥିତିର ଶୁଭ ଅଛି କି ଅଶୁଭ ଅଛି ବୁଝାଯାଏନାହିଁ ।

ଉଗ୍ର ଗ୍ରହମାନେ ୭ମରେ ରହିଲେ କ୍ଷତିକରେ ହେଲେ ଦିବା ବିବାହରେ ଅଭିଜିତ ମୁହୂର୍ତ୍ତ (ବୁଧବାର ବାଦ) ବ୍ରହ୍ମ ମୁହୂର୍ତ୍ତ, ଗୋଧୂଳୀ ସମୟ ପରି ମୁହୂର୍ତ୍ତରେ ଲଗ୍ନ ନମିଳିଲେ ବିବାହ ପ୍ରତିକାର ସହ କରାଯାଏ । କାମାତୁର ଯୋଡ଼ି ୧ମ ମିଳନରେ କାଳବେଶ କାଳରାତ୍ରୀ ବୋଧ କରିନଥାନ୍ତି । ପରେ କଳାମୟ ଯୌବନ ଭୋଗ ହୋଇପାରେ । ପ୍ରତି ଯୁବକ ବା ଯୁବତୀ ବିବାହ ପୂର୍ବରୁ ଗୁରୁଦୀକ୍ଷା ବା ଉପନୟନ ସଂସ୍କାର ହୋଇ ବିବାହ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ଜୀବନ ରକ୍ଷା କରିବା ବିଧି ମାତ୍ର ବର୍ତ୍ତମାନ ବେପରୁଆ ଜୀବନ ଦାମ୍ପତ୍ୟ ଜୀବନ ଦୁର୍ବିସହ କରାଉଛି । ଅଗ୍ନୀ ସାକ୍ଷୀ ବିପ୍ରବାକ୍ୟ ପ୍ରିୟଜନ ମେଳରେ ବିବାହ ମୁହୂର୍ତ୍ତ ଥାଏ । ଏହାର ଶପଥ ବରକନ୍ୟା ଭୁଲିଯାଇ ପରସ୍ପର ଆରୋପରେ ଆସୁଛନ୍ତି । ଏହା ଧର୍ମଜ୍ଞାନ ହରାସ୍ଥିତି । ପୂର୍ବେ ଡାକଘରେ ଡାକ ପିଅନ ବେରିଂ ଚିଠି ନେଇ ଆସୁଥିଲେ । ପୋଷ୍ଟକାର୍ଡ଼ ଅର୍ନ୍ତଦେଶୀୟ ଚିଠି, ବରାମ ଚିଠି ନେଇ ଆସୁଥିଲେ । କୌଣସି ଅଘଟଣ ଝିଅଟିକୁ ଶାଶୁଘରେ ହେଲେ ଚିଠି ଟିଏ ପକାଇଲେ କିଛି ଦିନ ପରେ ମାଆ ବାପାଙ୍କୁ ମିଳୁଥିଲା । ବର୍ତ୍ତମାନ ଯୋଗାଯୋଗ ବିଦ୍ୟା ଏତେ ସମୃଦ୍ଧ ଯହିଁରେ କୌଣସି ଶାଶୁଘରରେ ବୋହୁ ଉପରେ କିଛି ଚାପ କଳିତର୍କ ହେଲେ ସାଥି ସାଥି ଟେଲିକାଷ୍ଟ ହୋଇ ଦୁଇ ପରିବାର ମଧ୍ୟରେ ଆଇନ ଆଶ୍ରା ହେଉଛି । ଯହିଁରେ ଉଭୟ ମିଥ୍ୟାରୋପ ଲଗାଉଛନ୍ତି । ଦମ୍ପତ୍ତି କଳହ କିଛି ସମୟ ବ୍ୟବଧାନରେ ମିଟେ ହେଲେ ସମୟ କେହି କାହାକୁ ଦେଉନାହାଁନ୍ତି । ପୁରୁଷଙ୍କ ଧନ ଅର୍ଜନ ଓ ନାରୀର ବୟସ ଲୁଚାଯାଏ । ଏବେ ଅନେକ କ୍ୱାକ ଜ୍ୟୋତିଷ କମ୍ପ୍ୟୁଟରରେ କନ୍ୟାର ବୟସ ରାଶି ଆଦି ବଦଳାଯାଇ ମେଳକ ଯୋଗ୍ୟ କରୁଛନ୍ତି ଏହା ବି ଏକ ସମସ୍ୟା । ପୂର୍ବେ ବନ୍ଧୁବାନ୍ଧବ ପରିଜନ ସ୍ଥାନରେ କନ୍ୟାର ବିବାହ ଦିଆଯାଉଥିଲା ଏବେ ପରିଚିତରେ କଲେ ବରପକ୍ଷଙ୍କୁ କାଳେ ଯୌତୁକ ଧନ ନମିଳିବ ଏ ପାଇଁ ଅପରିଚିତ ସ୍ଥାନରେ ବିବାହ ସମ୍ବନ୍ଧ କରାଯାଉଛି ଏହାପରେ ମନ ମାଳିନ୍ୟର କାରଣ ହେଉଛି । ପାଠପଢ଼ିଲେ ବୁଦ୍ଧିଜ୍ଞାନ ବଢ଼େ ମାତ୍ର ପର ହେଉ ବା କନ୍ୟା ପାଠପଢ଼ି ଭୁଲ ପଥରେ ଯାଇ ସ୍ୱ ଜୀବନ ଯୌବନ ଉପଭୋଗ ସମୟ ନଷ୍ଟ କରୁଛନ୍ତି । ସବୁ ପ୍ରକାର ଜ୍ଞାନରେ ବିବାହ ସମ୍ବନ୍ଧ ଭଲ କରି ବିଚାର କରି ବରପକ୍ଷ କନ୍ୟାପକ୍ଷ ଆଗେଇଲେ ସର୍ବମଙ୍ଗଳ ହୋଇପାରେ । କର୍ମକାଣ୍ଡରେ ସବୁ ପ୍ରକାର ପ୍ରତିକାର ପ୍ରାୟଶ୍ଚିତ ଅଛି ଭଲ କର୍ମକାଣ୍ଡ ବ୍ରାହ୍ମଣର ପରାମର୍ଶ ନିର୍ଦ୍ଦିଷ୍ଟ ସମୟ ପାଇଁ ନେଇ ଶାନ୍ତ କରିପାରିବେ ।


'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩


# କାଗଜ କଲମରେ ନାଟକର ବିକାଶ


॥ ଅଭୟ କୁମାର ଦାସ ॥


ଆନ୍ତର୍ଜାତୀୟ ରଙ୍ଗମଞ୍ଚ ସଂସ୍ଥା ଆନୁକୂଲ୍ୟରେ ୧୯୬୧ରୁ ପ୍ରତିବର୍ଷ ମାର୍ଚ୍ଚ ୨୭ରେ ପାଳନ କରାଯାଉଛି ବିଶ୍ୱ ନାଟ୍ୟ ଦିବସ । ପ୍ରଥମ ନାଟ୍ୟ ଦିବସ ହେଲ୍‌ସିଙ୍କିରେ ଏବଂ ପରବର୍ତ୍ତୀ ଦିବସ ଭିଏନାରେ ଅନୁଷ୍ଠିତ ହେବା ପରେ ଏହି ଦିବସ ପାଳନର ଲୋକପ୍ରିୟତା ବଢ଼ିଥିଲା । ସଂପ୍ରତି ବିଶ୍ୱର ବିଭିନ୍ନ ଅଞ୍ଚଳରେ ଥିବା ଅନ୍ତର୍ଜାତୀୟ ରଙ୍ଗମଙ୍ଗ ସଂସ୍ଥାର ଶାଖା କେନ୍ଦ୍ରଗୁଡ଼ିକରେ ଏହି ଦିବସ ପାଳନ କରାଯାଉଛି । ଏହି ଅବସରରେ ସ୍ୱାଭାବିକ ଭାବେ ଅନ୍ତର୍ଜାତୀୟ ସାଂସ୍କୃତିକ ଶାନ୍ତି ସଂହତି ପାଇଁ ମଞ୍ଚ ନାଟକ ପରିବେଷିତ ହେଉଛି । ରଙ୍ଗମଞ୍ଚ ବା ମଞ୍ଚନାଟକର ଇତିହାସ ୨୫୦୦ ବର୍ଷ ପ୍ରାଚୀନ । ପାଶ୍ଚାତ୍ୟ ମଞ୍ଚନାଟକର ସୃଷ୍ଟି ଗ୍ରୀସରେ ହୋଇଥିଲା । ରୋମାନ୍‌ମାନେ ପ୍ରାଚୀନ ମଞ୍ଚନାଟକକୁ ନବ ରୂପ ଦେଇଥିଲେ ।

କଥାରେ ଅଛି, ଜୀବନ ଏକ ରଙ୍ଗମଞ୍ଚ । ଏହି ରଙ୍ଗମଞ୍ଚରେ ଆମେ ସମସ୍ତେ ଜଣେ ଜଣେ କଳାକାର । ଥିଏଟର (ରଙ୍ଗମଞ୍ଚ) ଏଭଳି ଏକ ସ୍ଥାନ, ଯେଉଁଠାରୁ ବ୍ୟକ୍ତି ଅନେକ ଘଟଣାକୁ ନିଜ କଳା ମାଧ୍ୟମରେ ଦୁନିଆ ସାମ୍ନାକୁ ଆଣିବାରେ ସକ୍ଷମ ହୋଇଥାଏ । ରଙ୍ଗମଞ୍ଚ ଏଭଳି ଏକ ଶକ୍ତି, ଯେଉଁଠାରୁ କଳାର ଗାରିମା ପ୍ରସ୍ଫୁଟିତ ହୋଇଥାଏ । ଯେଉଁଠାରେ କଳାକାର ନିଜ ଅଭିନୟ ମାଧ୍ୟମରେ ଏକ ଅଭୁଲା ଛାପ ଛାଡ଼ିଥାଏ । ୧୯୧୩ରେ ଦାଦା ସାହେବ ଫାଲ୍‌କେଙ୍କ ଦ୍ୱାରା ନିର୍ମିତ ଫିଲ୍ମ ରାଜା ହରିଶ୍ଚନ୍ଦ୍ରରେ ମଣିଷ ଭିତରେ ଲୁଚିଥିବା ପ୍ରକୃତ କଳାର ଚିହ୍ନଟ କରାଯାଇଥିଲା । ଏହା ଏକ ସାଇଲେଣ୍ଟ ଫିଲ୍ମ ଥିଲା । କିନ୍ତୁ ଆଜି ବି ତାହା ପ୍ରତ୍ୟେକ ମଣିଷ ମନରେ ଏକ ସ୍ୱତନ୍ତ୍ର ଛବି ପାଲଟି ରହିଛି । ଏଭଳି କଳା ଓ କଳାକାରଙ୍କୁ ବାଛିବାରେ ସକ୍ଷମ କରିଥାଏ ରଙ୍ଗମଙ୍ଗ । ଏଣୁ ଏହି ରଙ୍ଗମଞ୍ଚ ପ୍ରତି ଏବେ ଦୂରେଇ ଯାଉଥିବା ମଣିଷକୁ ନିକଟତର କରିବାକୁ ପାଳନ ହୁଏ ବିଶ୍ୱ ରଙ୍ଗମଞ୍ଚ ଦିବସ । ୧୯୬୧ରେ ନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ଅନ୍ତରାଷ୍ଟ୍ରୀୟ ରଙ୍ଗମଞ୍ଚ ଦିବସର ସ୍ଥାପନା କରାଯାଇଥିଲା । ସେବେ ଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୭ରେ ବିଶ୍ୱ ସ୍ତରରେ ପାଳନ କରାଯାଏ ଏହି ଦିବସକୁ । ଏହି ଦିବସର ଏକ ମହତ୍ତ୍ୱପୂର୍ଣ୍ଣ ଆୟୋଜନ ସମୟରେ ପ୍ରତିବର୍ଷ ବିଶ୍ୱର ଯେକୌଣସି ଜଣାଶୁଣା ରଙ୍ଗମଞ୍ଚ କର୍ମୀ ଶାନ୍ତି ଓ ସଂସ୍କୃତି ବିଷୟ ଉପରେ ନିଜର ବିଚାର ବ୍ୟକ୍ତ କରିଥାନ୍ତି । ୧୯୬୨ରେ ପ୍ରଥମ ଅନ୍ତରାଷ୍ଟ୍ରୀୟ ରଙ୍ଗମଞ୍ଚ ସନ୍ଦେଶ ଫ୍ରାନ୍ସର ଜିନ୍ କାକ୍‌ଟେ ଦେଇଥିଲେ । ଏହାପରେ ୨୦୦୨ରେ ଭାରତର ପ୍ରସିଦ୍ଧ ରଙ୍ଗମଞ୍ଚ କର୍ମୀ ଗିରିଶ କର୍ଣ୍ଣାଡ୍ ଏକ ସନ୍ଦେଶ ପ୍ରଦାନ କରିଥିଲେ ।

କଳା, ସଂସ୍କୃତି, ବିକାଶ ତଥା ପ୍ରଚାର ପ୍ରସାର କ୍ଷେତ୍ରରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନାଟକକୁ ଏକ ବିକାଶର ପଥରେ ଆଗେଇ ନେବା ସହ ନାଟକର ଉନ୍ନତି ଲାଗି ପ୍ରତିବର୍ଷ ମାର୍ଚ୍ଚ ୨୭ ତାରିଖରେ ପାଳନ ହୋଇଥାଏ ବିଶ୍ୱ ଥିଏଟର୍ ଦିବସ ବା ବିଶ୍ୱ ନାଟକ ଦିବସ । ୧୯୬୧ ମସିହାରେ ଇଣ୍ଟରନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା । ସାରା ବିଶ୍ୱରେ ଏହି ଦିନ ବିଭିନ୍ନ ପ୍ରକାରର ନାଟ୍ୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ । ଏ ଅବସରରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ରଙ୍ଗମଞ୍ଚ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନ୍ତର୍ଜାତୀୟ ରଙ୍ଗମଞ୍ଚ ଅନୁଷ୍ଠାନର ନିମନ୍ତ୍ରଣରେ, ଅର୍ଥାତ୍ ଯାହା ମାଧ୍ୟମରେ ବିଶ୍ୱ ରଙ୍ଗମଞ୍ଚ ଦିବସ ସନ୍ଦେଶ ପ୍ରେରଣ କରାଯାଏ, ବିଶ୍ୱର ମହାନତାର ଛବି ରଙ୍ଗମଞ୍ଚର ବିଷୟ ଓ ଶାନ୍ତିର ସଂସ୍କୃତି ଉପରେ ପ୍ରତିଫଳିତ ହୋଇଥାଏ । ପ୍ରଥମ ବିଶ୍ୱ ରଙ୍ଗମଞ୍ଚ ଦିବସର ସନ୍ଦେଶ ଜିନ୍ କକ୍‌ଟିଓ ୧୯୬୨ରେ ଲେଖିଥିଲେ । ମଞ୍ଚ ନାଟକ ଏକ ପ୍ରଭାବଶାଳୀ ମାଧ୍ୟମ ହୋଇଥିବା ବେଳେ ଏହା ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇବା ସହ ସମାଜ ସୁଧାର ଦିଗରେ ଉଚିତ ବାର୍ତ୍ତା ଦେଇଥାଏ । କିନ୍ତୁ ପ୍ରକୃତ ପକ୍ଷେ ଦେଖାଗଲେ ଆଜିକା ସମୟରେ ଏହି ଦିବସଟି କେବଳ ବାହ୍ୟ ଦୃଷ୍ଟିରୁ ଲୋକଦେଖାଣିଆ ଭାବରେ ପାଳିତ ହେଉଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଦିନ ଥିଲା ଓଡ଼ିଶାରେ ମଞ୍ଚ ନାଟକର ଚାହିଦା, ଲୋକାଦୃତି ଥିଲା ସର୍ବାଧିକ । ପ୍ରଥମେ ପୌରାଣିକ ନାଟକ ଓ ପରେ ପରେ ସାମାଜିକ ଚେତନାଧର୍ମୀ ନାଟକ ଗାଁ ଗାଁରେ ପରିବେଷଣ କରାଯାଇ ଏହା ବେଶ୍ ଦର୍ଶକୀୟ ଆଦୃତି ପାଇପାରୁଥିଲା । ବର୍ତ୍ତମାନ ଯୁଗ ପରିବର୍ତ୍ତନ ହୋଇଛି ସତ ହେଲେ ସର୍ବାଧିକ ମଞ୍ଚରେ କେତେକ କେତେକ ସ୍ଥାନରେ ଯାହା ସାମାଜିକ ନାଟକ ପରିବେଷଣ ହେଉଛି । ସବୁଠାରୁ ଦୁଃଖଦ ପ୍ରସଙ୍ଗ ହେଉଛି ନାଟକର ପ୍ରଚାର ପ୍ରସାର ପାଇଁ ଯେଉଁ କିଛି ନାଟ୍ୟ ଅନୁଷ୍ଠାନ ଗୁଡ଼ିକ ଉଦ୍ୟମ କରୁଛନ୍ତି ସେମାନଙ୍କୁ ସେପରି ପ୍ରୋତ୍ସାହନ, ସହଯୋଗ ଏପରିକି ସମର୍ଥନ ମିଳୁନାହିଁ । ଯାହାଦ୍ୱାରା ବିଗତ ପାଞ୍ଚ ବର୍ଷ ଭିତରେ ଦେଖାଯାଉଛି ଅନେକ ନାଟ୍ୟ ଅନୁଷ୍ଠାନ ନିଜ ସଂସ୍ଥା ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି । ସିନେମା ହଲ୍‌ରେ ପଚାଶ ଟଙ୍କାରୁ ଶହେ ଟଙ୍କା ପର୍ଯ୍ୟନ୍ତ ଟିକେଟ୍ ଦେଇ ବା ଘରେ ଘରେ ଡିଭିଡ଼ି କିଣି ସିଡି ମାଧ୍ୟମରେ ଚଳଚ୍ଚିତ୍ର ଦେଖୁଥିବା ଲୋକମାନେ ନିଜ ଜାତି ଓ ଉତ୍କୃଷ୍ଟ କଳାର ରାଜ୍ୟ ଉତ୍କଳର ଗରିମାମୟ ଜନଜୀବନର ଘଟଣା କାହାଣୀ ମଞ୍ଚ ନାଟକକୁ ଦେଖିବା ପାଇଁ ଯଦି ଶ୍ରଦ୍ଧା ନରଖିବେ ତାହେଲେ ନାଟ୍ୟକାରଟି ହୁଅନ୍ତୁ ନାଟକ ଆୟୋଜନ କରୁଥିବା ନାଟ୍ୟ ସଂସ୍ଥା ସେମାନେ କରିବେ ବା କ'ଣ ? ତେଣୁ ମଞ୍ଚ ନାଟକକୁ ଭଲ ପାଇବା ଏବଂ ଏହାପ୍ରତି ସହଯୋଗ ପୃଷ୍ଠପୋଷକତାର ହାତ ବଢ଼ାଇବା ଦାୟିତ୍ୱ ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କର ।


ଗୋତରା, ମାହାଙ୍ଗା, କଟକ

ଦୂରଭାଷ : ୯୪୩୭୧୪୨୭୧୭

## ଦୁର୍ଗାପୂଜା ଅବସରରେ ନାଟକ ପରିବେଷଣ



ବାଲିପାଟଣା (ମହାଭାରତ): ଶାରଦୀୟ ଦୁର୍ଗାପୂଜା ପୂଜା ଅବସରରେ ବାଲିପାଟଣା ଶ୍ରୀ ବୁଦ୍ଧନାଥ ବ୍ୟବସାୟୀ ସଙ୍ଘ ଓ ମହାବୀର ସାଂସ୍କୃତିକ ପରିଷଦ ଏବଂ କୁଶଭଦ୍ରା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ନାଟକ ମଞ୍ଚସ୍ଥ ହୋଇଯାଇଛି । କୁସଭୁଦ୍ରା ସାଂସ୍କୃତିକ ପରିଷଦ ଏବଂ ଜିଡ଼ି କ୍ଲବ ଆନୁକୂଲ୍ୟରେ ମହାଷ୍ଟମୀ ରୁ ବିଜୟା ଦଶମୀ ୪ ଦିବାସୀୟ ନାଟକ ଟୁର୍ନାମେ□ ଆୟୋଜନ ହୋଇଥିଲା ବାଲିପାଟଣା ଶ୍ରୀ ମହାବୀର ସାଂସ୍କୃତିକ ପରିଷଦ ତରଫରୁ ଭାଇ ଭଉଣୀର ନୂଆ କାହାଣୀ ଏବଂ ଜନମ ନେଇଛି କାନ୍ଦିବା ପାଇଁ ନାଟକ ମଞ୍ଚସ୍ଥ ହୋଇଥିଲା। ଜଣାଶୁଣା ନିର୍ଦ୍ଦେଶକ ଭଗବାନ ପଣ୍ଡା ଏବଂ ଦୀପକ ପ୍ରଧାନ ନିର୍ଦ୍ଦେଶନା ଦେଇଥିଲେ। ରଞ୍ଜନ ପ୍ରଧାନ ନାଟ୍ୟପରିଚାଳନା କରିଥିଲେ। ଅଭିନୟରେ ଅଜୟ ହୋତା , ଅକ୍ଷୟ ସାହୁ , ଜୟନ୍ତ ଓଝା , ଖିରୋଦ ଜେନା , ବସନ୍ତ କୁମାର ଦାଶ , ଆଲୋକ ଆଚାର୍ଯ୍ୟ , ପୁର୍ଣ୍ଣ ଚନ୍ଦ୍ର ମାହୁନ୍ତ , ବିଜୟ ଜେନା , ସନ୍ତୋଷ କୁମାର ଭୋଳ , ବାହାନ ଭୋଇ , ଉମେଶ ରଥ , ରଶ୍ମି ରଞ୍ଜନ ସାହୁ , ଅଭିମନ୍ୟୁ ପ୍ରଧାନ , ପରୀକ୍ଷିତ ବେହେରା , ଚିନ୍ମୟ କାନ୍ତ , ହୃଦାନନ୍ଦ ଭୋଳ , ସାଗର ପ୍ରଧାନ ,ସୂର୍ଯ୍ୟକାନ୍ତ ମୁଖି , ରାଜା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ସେହିପରି କୁଶଭୁଦ୍ରା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆସିଛି ଏକା ଯିବି ମୁଁ ଏକା , ଭୁଲ ତୋର ଭୋଗୁଛି ମୁଁ , ଦିଅଁ ପୂଜିବାକୁ ଦେଉଳ ମନା , କଳଙ୍କ ମୋ ପାଇଁ ଚନ୍ଦନ ଟୋପା ମଞ୍ଚସ୍ଥ ହୋଇଥିଲା । ଆଖ ପାଖ ଅଞ୍ଚଳର ବହୁ ସଂଖ୍ୟାରେ ଦର୍ଶକ ନାଟକ ପରିଦର୍ଶନ କରି ଭରପୁର ମନୋରଞ୍ଜନ କରିଥିଲେ।

## ଅବକାରୀ ବିଭାଗ ର ଚଢ଼ାଉ ,୪୭ ଲିଟର ମହୁଲି ମଦ ଜବତ ୨ ଗିରଫ

କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ଅବକାରୀ ଥାନା ପୋଲିସ ପକ୍ଷରୁ ସୋମବାର ସକାଳେ ଦୁଇଟି ସ୍ଥାନରେ ଚଢ଼ାଉ କରି ୭୦ ଲିଟର ଚୋରା ମହୁଲିମଦ ଜବତ କରିବା ସହ ଘଟଣାରେ ସଂପୃକ୍ତ ୨ ଜଣ ଚୋରା ମହୁଲି ମଦ ବେପାରୀ ଙ୍କୁ ଗିରଫ କରିଛନ୍ତି। କୌଣସି ସୂତ୍ରରୁ ଖବର ପାଇ ଠାକୁରମୁଣ୍ଡା ଅବକାରୀ ଥାନା ଓଆଇସି ଭାରତୀ ନାୟକ ଙ୍କ ନେତୃତରେ ସୋମବାର ଦିନ ସକାଳୁ ସକାଳୁ ଓଆଇସି ଭାରତୀ ନାୟକ,ସବ ଇନିସପେକଟର ଦିଲ୍ଲିପ ଟୁଡୁ,ସସ୍ମିତା ବେହେରା,ଚନ୍ଦ୍ରକାନ୍ତ ମୁଦୁଲି ପେଟ୍ରୋଲିଙ୍ଗ କରିବାକୁ ଯାଇ ଜରକ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଘଣ୍ଟିଆଦର ଗ୍ରାମର ପର୍ଶୁରାମ ବେହେରାଙ୍କ ଘରୁ ୨୩ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ କେସ ନଂ ୧୨୪/୨୪ ଦାୟର କରି ତାଙ୍କୁ ଗିରଫ କରିଛନ୍ତି ।ସେହିପରି ଚମ୍ପାଝର ଗ୍ରାମ ପ□ାୟତ ଅନ୍ତର୍ଗତ ଭେଜିଡିହା ଗ୍ରାମର ସେବାକର ମହାନ୍ତଙ୍କ ଘରୁ ୨୪ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ କେସ ନଂ ୧୨୫/୨୪ ଦାୟର କରି ତାଙ୍କୁ ଗିରଫ କରିଛନ୍ତି। ଦୁଇ ଜଣଙ୍କ ପାଖରୁ ସମୁଦାୟ ୪୭ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି।

## ରାଜ୍ୟ ସ୍ତରୀୟ ମୁକ୍ତମଞ୍ଚ□ ନାଟକ ପ୍ରତିଯୋଗିତା ଉଦଯାପିତ

ବେଗୁନିଆ,(ମହାଭାରତ): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମରେ ମା ହର ପାର୍ବତୀ ନାଟ୍ୟ ସଂସଦ ପକ୍ଷରୁ ଦଶହରା ପର୍ବ ଉପଲକ୍ଷେ ଗ୍ରାମବାସୀଙ୍କ ସହଯୋଗରେ ରାଜ୍ୟ ସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦଯାପିତ ହୋଇଛି । ଏଥିରେ ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତା ଓ କାର୍ତ୍ତିକ ଜେନା ଓ ଶିକ୍ଷକ ପଠାଣି କୁମାର ସାହୁଙ୍କ ଯୁଗ୍ମ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି,ରାଷ୍ଟ୍ରୀୟ ପତ୍ରକାର ମହାସଂଘର ସଭାପତି ତଥାଦୈନିକ ଖବର କାଗଜ ପର୍ଯ୍ୟବେକ୍ଷକ ଓ କଳିଙ୍ଗ କ୍ରୋନିକଲ ସମ୍ପାଦକ ଡ଼ଃ ପବିତ୍ର ମୋହନ ସାମନ୍ତରାୟ ମୁଖ୍ୟବକ୍ତା, ଗାୟକ ଅଳଙ୍କାର ଶ୍ୟାମ ସୁନ୍ଦର ତ୍ରିପାଠୀ,ଶିକ୍ଷାବିତ ବିଜୟ କୁମାର ସାମନ୍ତରାୟ,ସରପଂଚ ଲତା ସେଠୀ, ସମିତି ସଭ୍ୟ ଅଲେଖ ବେହେରା,ସ୍ଥାନୀୟ ସେବା ସମବାୟ ସମିତିର ସଭାପତି ସୁଦର୍ଶନ ମାଣିକ, ସମାଜସେବୀ ପ୍ରଭାକର ମହାନ୍ତି ଓ ସିରିଏଲ କଳାକାର ତଥା ସମାଜସେବୀ ଲକ୍ଷ୍ମୀପ୍ରିୟା ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ଜମିକୁ ଜଳ ଯୋଗାଣ ଦାବୀରେ ରାସ୍ତାରୋକ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଷାଣି ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷ ଜମିକୁ ଜଳଯୋଗାଣ ହୋଇ ପାରୁନାହିଁ। ତେଣୁ ସାତମାଇଲ ଛକର ଜାତୀୟରାଜପଥକୁ ଅବରୋଧ କରିଥିଲେ ଚାଷୀମାନେ। ପ୍ରାୟ ଦୁଇ ଘଣ୍ଟାରୁ ଉର୍ଦ୍ଧ ସମୟ ଧରି ରାସ୍ତା ରୋକ କରିଥିବାରୁ ଅଟକିଥିଲା ଶତାଧିକ ଯାନବାହାନ। ଚାଷଜମିକୁ ଜଳସେଚନ ପାଇଁ ଚାଷୀଗଣ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରେ ଗୁହାରି କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନନେବା ଯୋଗୁଁ ରାଜରାସ୍ତାକୁ ଓହ୍ଲାଇଥିଲେ ଚାଷୀ । ବର୍ଷ ବର୍ଷ ଧରି ଚାଷୀମାନେ ରାଜରାସ୍ତକୁ ଓହ୍ଲାଇ ଆନ୍ଦୋଳନ କଲେ



ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷ ସ୍ଥାୟୀ ସମାଧାନ କରୁନଥିବାର ଅଭିଯୋଗ ହୋଇଥିଲା । ପ୍ରକାଶ ଯେ, ବାଟିସିରିପୁର ଠାରୁ ଏମ୍ଏସ୍ ପୁର, ଉପଲଡା, ଖରସଣ୍ଡା, ସାତମାଇଲ ଛକ, ରାଜସୀତାପୁର, ବାଘଶଳା, ତାମ୍ପରକଇଠା, ବାପୁଜୀପେଣ୍ଟ, କେରାଣ୍ଡି, ରାଟିଣି, ଅମରା ଆଦି ଦେଇ ଯାଇଥିବା କେନାଲ ବିଭାଗ ପକ୍ଷରୁ ଆବଶ୍ୟକୀୟ ରକ୍ଷଣାବେକ୍ଷଣ ଅଭାବରୁ ଏହା ଅପରିଷ୍କାର ସହ ଅନାବନା ଗଛଲତା ଉଠି ପ୍ରାୟ ପୋତି ହେବା ସଦୃଶ୍ୟ ରହିଛି। ଏନେଇ ପ୍ରତିବର୍ଷ ଏହି ଅଞ୍ଚଳର ଚାଷୀମାନେ କ୍ଷୁଦ୍ରଜଳସେଚନ ବିଭାଗ ନିକଟରେ ଅଭିଯୋଗ କରି ଆସୁଥିଲେ ମଧ ବିଭାଗପକ୍ଷରୁ ସଠିକ ସମୟରେ କୌଣସି କାର୍ଯ୍ୟପ୍ୟା ଅବଲମ୍ବନ କରାଯାଉନି । ଯାହା ଫଳରେ ପ୍ରତିବର୍ଷ ଗୋଷାଣି ବ୍ଲକର ଉଲ୍ଲେଖିତ ଗ୍ରାମାଞ୍ଚଳ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରୁଛନ୍ତି । ଚାଷୀମାନେ ଏକତ୍ରିତ ହୋଇ ବିଭାଗୀୟ ଉଦାସୀନତାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଇଥିଲେ। ଖବର ପାଇ ମାଜିଷ୍ଟ୍ରେଟ୍ ତଥା ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ପାରଳାଖେମୁଣ୍ଡି ଏସଡିପିଓ ମାଧବାନନ୍ଦ ନାୟକ, ଏମ୍ଆଇ ଆସିଷ୍ଟେଣ୍ଟ ଏଗଜୁଟିଭ ଇଂଜିନିୟର ଆଶିଷ ମଲ୍ଲିକ ଏବଂ ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କୁ ବୁଝାସୁଝା କରିଥିଲେ ମଧ ରାସ୍ତାରୋକ ଆନ୍ଦୋଳନରୁ ଓହରିନଥିଲେ। ପରେ କ୍ଷୁଦ୍ରଜଳସେଚନ ବିଭାଗ ପକ୍ଷରୁ ଶ୍ରୀ ମଲ୍ଲିକ ଆସନ୍ତା କାଲି ଠାରୁ ଏହି କେନାଲର ଆବଶ୍ୟକୀୟ ରକ୍ଷଣାବେକ୍ଷଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେବାପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ। ଅନ୍ୟପକ୍ଷରେ ଚାଷୀମାନେ କହିଛନ୍ତି ଯେ, ଏପରି ଅଭିଯୋଗ ପ୍ରତିବର୍ଷ ହେଉଥିଲେ ମଧ ବିଭାଗ ବେଳଥାଉଥାଉ ନାଳର ରକ୍ଷଣାବେକ୍ଷଣ ନ କରିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ରାସ୍ତାରୋକ ଯୋଗୁଁ ପାରଳାଖେମୁଣ୍ଡି, ରାୟଗଡ, ରା.ଉଦୟଗିରି, ମୋହନା, ବ୍ରହ୍ମପୁର ମୁଖ୍ୟ ଜାତୀୟରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ର୍ଦିଘ ଦୁଇଘଣ୍ଟା ଧରି ଅଟକି ରହିଥିବା ବେଳେ ଯାତ୍ରୀ ଏବଂ ପଥଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

## ଦ୍ୱିତୀୟ ମା’ କନକ ଦୁର୍ଗା ମହୋତ୍ସବ -୨୦୨୪ ଉଦଯାପିତ

ବାଲିପାଟଣା: (ମହାଭାରତ)ବାଗଲପୁର ଗ୍ରାମବାସୀଙ୍କ ସମ୍ପୂର୍ଣ୍ଣ ସହଯୋଗ ଓ ଆଦର୍ଶ ୟୁଥ୍ ଫାଉଣ୍ଡେସନ ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କ ସହାୟତାରେ ସ୍ଥାନୀୟ ମେଳଣ ପଡ଼ିଆରେ ଚଳିତ ୧୦ ତାରିଖରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ମା’ କନକଦୁର୍ଗା ମହୋତ୍ସବ -୨୦୨୪ ଗତକାଲି ଉଦଯାପିତ ହୋଇଯାଇଛି। ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ କନକଦୁର୍ଗାଙ୍କ ଅପାର ମହିମା, କିମ୍ବଦନ୍ତୀକୁ ଉଜ୍ଜୀବିତ କରି ରଖିବା ସହ ମା’ ଙ୍କ ପୀଠର ପ୍ରଚାର ପ୍ରସାର ନିମନ୍ତେ ୨ଦିନ ଧରି ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍ଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ: ଅରବିନ୍ଦ ଢ଼ାଲି ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ବିଧୁଭୁଷଣ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସମାଜସେୀ ରଞ୍ଜନ କୁମାର ମହାପାତ୍ର, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ସାଂସଦ ପ୍ରତିନିଧି ପ୍ରଦୀପ୍ତ କୁମାର ମହାନ୍ତି, ବିଜେପି ନେତା ବିଜୟ ମହାରଣା, ସମସେବିକା ଅମୀୟବାଳା ପରିଡ଼ା,ବାଲିପାଟଣା ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ ଓଝା, ସମାଜସେବୀ କୈଳାସ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍ଘାଟନୀ ସନ୍ଧ୍ୟାରେ ଦାରୁଦିଅଁ ଭଜନ ସନ୍ଧ୍ୟା ଓ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିଭଳି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବାଲିପାଟଣା ବ୍ଲକ୍ ବିଜେଡି ସଭାପତି କିଶୋର ଜେନା,ସମ୍ମାନିତ ଅତିଥି ଭାବେ ତୁରିନ୍ତିରା ଗ୍ରାମପଂଚାୟତର ସରପଂଚ ମିତାରାଣୀ ମଲ୍ଲିକ, ଶିକ୍ଷାବିତ ନାରାୟଣ ବେହେରା, ଶିଶୁଅନନ୍ତ ପ୍ରେସକ୍ଲବ ସଭାପତି ବିଦ୍ୟାଭୂଷଣ ଭୋଳ, ସମାଜସେବୀ ସୁକାନ୍ତ କୁମାର ମହାନ୍ତି, ନାରୀନେତ୍ରୀ ପଦ୍ମିନୀ ଦାଶ, ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଗ୍ରାମୀଣ ପରିବେଶରେ ରୂପ ରଙ୍ଗରେ ସଜ୍ଜିତ କରି ମା ’ କନକଦୁର୍ଗାଙ୍କ ଆର୍ବିଭାବ ଓ ମହିମା ବିଷୟରେ ପ୍ରଚାର ପ୍ରସାରିତ କରିଥିବାରୁ ଆୟୋଜକ ମାନଙ୍କୁ ଧନ୍ୟବାଦ ଦେଇଥିଲେୟ କିମ୍ବଦନ୍ତୀ ଅନୁସାରେ ମା ’ କନକଦୁର୍ଗା ପୁରୀ ଗଜପତିଙ୍କ ଠାକୁରାଣୀ ହୋଇଥିବା ବେଳେ ବାଗଲପୁର ର କେଉଁ ପୁରାତନ କାଳ ରୁ ପୂଜା ପାଇଁ ଆସୁଛନ୍ତି। ଏହି ଉତ୍ସବରେ ଅଞ୍ଚଳର ବହୁ ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର,ବୃକ୍ଷ ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟ ପକ୍ଷରୁ ମା’ଙ୍କ ପୀଠର ଉତ୍ତରିକରଣ ପାଇଁ ଜୟଦେବ ବିଧାୟକଙ୍କ ନିକଟରେ ଅନୁରୋଧ କରାଯାଇଥିଲାୟ ଅନୁରୋଧ ସମୂହକୁ ପୂରଣ କରିବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଉଦଯାପନୀ ସନ୍ଧ୍ୟାରେ ଖୋର୍ଦ୍ଧାରୁ ଆସିଥିବା ମା ’ ମଙ୍ଗଳା ପାଇକ ଆଖଡ଼ା ଏବଂ ଗ୍ରାମର କୁନିକୁନି ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ଥିଲା। ଆଦର୍ଶ ୟୁଥ୍ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷ ପ୍ରଳୟ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେୟ ସାମ୍ବାଦିକ ଆଶୁତୋଷ ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାକେଶ କୁମାର ନାୟକ , ଗୁରୁ ପ୍ରସାଦ ଦାସ,ମଳୟ କୁମାର ଦାସ,ସୁଶାନ୍ତ କୁମାର ନାୟକ,ନିକୁଞ୍ଜ ବିହାରୀ ଦାସ,ଲକ୍ଷ୍ମଣ ସାହୁ,ଗୋବିନ୍ଦ ଚନ୍ଦ୍ର ଦାସ,ମଧୁସୂଦନ ଦାସ,ନୀଳାଦ୍ରି ବିହାରୀ ଦାସ,ମନୋଜ ବେହେରା, ସତ୍ୟଜିତ ପ୍ରହରାଜ,ବିଶ୍ୱଜିତ ପ୍ରହରାଜ,ବିଶ୍ୱଜିତ ଦାସଙ୍କ ସହ ଟ୍ରଷ୍ଟର ଅନ୍ୟ ସଦସ୍ୟ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମାପ ଓଜନ ବିଭାଗ ପାଲିଟିଛି ନିଦାବିଷ୍ଟୁ

ଗଜପତି(ମହାଭାରତ): ଗଜପତି ଜିଲ୍ଲାରେ ମାପ ଓ ଓଜନ ବିଭୟଗ ସ୍ଥାଣୁ ପାଲଟି ଥିବାର ଅଭିଯୋଗ ହେଉଛି। ଜିଲ୍ଲାରେ ଖାଉଟି ଶୋଷଣର ଶିକାର ହେଉଥିବାର ଅଭିଯୋଗ ହେଉଛି। ବିଭାଗ ପେଟ୍ରୋଲ ଟ୍ୟାଙ୍କ, ସୁନା ଦୋକାନ, ବ୍ୟାଙ୍କ, ଗ୍ରୋସରି ଦୋକାନ, ହାଟ, ବଜାର ଯାଞ୍ଚ ହେବା କଥା ସେହିଭଳି ଆଖି ଦୃଷ୍ଟିଆ ଯାଞ୍ଚ ହେଉ ନଥିବାର ଅଭିଯୋଗ ହେଉଛି। ସ୍ୱାଧୀନତା ର ୭୭ ବର୍ଷ ପରେ ମଧ ଲୋକେ ଠକାମୀର ଶିକାର ହେଉ ଥିବାର ଅଭିଯୋଗ ହେଉଛି। ଏବେ ବି ଡିଜିଟାଲ ଯୁଗରେ ମଧ୍ୟ ତରାଜୁ ବଟକରା ଜାରୀ ରହିଛି। କିନ୍ତୁ ଏବେ ବି ଲୋକେ ବଟକରା ବଦଳରେ ଜରି ଗୋଡ଼ଇ ପଥରକୁ ବଟକରା ରୂପେ ବହୁଳ ବ୍ୟବହାର ହେଉଥିବାର ଦେଖିବାକୁ ମିଳୁଛି । ପୁରପଲ୍ଲୀ କଥା ଛାଡ଼ ଏବେ ବି ଶହରରେ ଏହିଭଳି ଦୃଶ୍ୟ ଦେଖିବାକୁ ମିଳୁଛି ଲୋକଙ୍କର ସରଳତାର ସୁଯୋଗ ନେଇ ଲୋକଙ୍କୁ ଠକୁଛନ୍ତି ବୋଲି ଅଭିଯୋଗ ହେଉଛି କର୍ମଚାରୀ ଅଭାବର ଆଳ ଦେଖାଇ ଚଢ଼ାଉ ହେଉ ନାହିଁ, ନା ଇଚ୍ଛା ଶକ୍ତିର ଅଭାବ ବୋଲି ସାଧାରଣରେ ଅଭିଯୋଗ ହେଉଛ। ଲୋକଙ୍କୁ ବିଭାଗ ପକ୍ଷରୁ ସଚେତନତା କରାଯାଉନାହିଁ ଯାହା ଫଳରେ ଲୋକେ ଠକୟମି ର ଶିକାର ହେଉଛନ୍ତି । ବିଭାଗ ପକ୍ଷରୁ ଜନ ଗହଳି ହାଟ ବଜାର ଜାଗାରେ ବହୁଳ ସଚେତନତାର ଆବଶ୍ୟକତା ରହିଛି। ଗଜପତି ଜିଲ୍ଲା ଏକ ଆଦିବାସୀ ଅଧୁଷିତ ପାହାଡ଼ ପର୍ବତ ଘେରା ଅଞ୍ଚଳ । ଏଠା କାର ଲୋକେ ଶାନ୍ତ ସରଳ ଅଟନ୍ତି ଏହାର ସୁଯୋଗ ନେଇ ସାଉକାର ମାନେ ଆଦିବାସୀ ମାନଙ୍କର ଉତ୍ପାଦିତ ଦ୍ରବ୍ୟ ଗୁଡିକ କମ ଦରରେ କିଣି ବଜାରରେ ଚଢାଦରରେ ବିକ୍ରି କରିଥାନ୍ତି । ଏପରିକି ଓଜନରେ ମଧ ଠକାମୀର ଶିକାର ହେଉଥିବାର ଅଭିଯୋଗ ହେଉଛି ସେମାନଙ୍କୁ ସେମାନଙ୍କର ଉଚିତ ପାରିଶ୍ରମିକ ଓ ମୁଲ ପାଇ ପାରୁ ନାହାନ୍ତି।

## ବାଲିଗୁଡ଼ା ସୁଚନା କର୍ମୀ ଅଭିମନ୍ୟୁ ପଣ୍ଡା ଙ୍କ ହତ୍ୟା ମାମଲା
## ଆଉ ଦୁଇ ଅଭିଯୁକ୍ତଙ୍କ କୋର୍ଟରେ ଆତ୍ମ ସମର୍ପଣ

ବାଲିଗୁଡ଼ା (ମହାଭାରତ) କନ୍ଧମାଳ ଜିଲ୍ଲା ବାଲିଗୁଡ଼ାର ବହୁ ଚର୍ଚ୍ଚିତ ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡା ହତ୍ୟା ମାମଲାରେ ପୁଣି ଦୁଇ ଅଭିଯୁକ୍ତ ବ୍ରହ୍ମପୁର କୋର୍ଟରେ ଆତ୍ମ ସମର୍ପଣ କରିଥିବା ସୂଚନା । ଘଟଣାର ସମ୍ପୃକ୍ତ ପାଞ୍ଚ ଜଣଙ୍କ ମଧ୍ୟରୁ ପୂର୍ବରୁ ଦୁଇ ଜଣ ଗିରଫ କରିଥିବା ବେଳେ ଫେରାର ଥିବା ଦୁଇ ଅଭିଯୁକ୍ତ ଆତ୍ମ ସମର୍ପଣ କରିଥିବା ଜଣାପଡିଛି । ଉକ୍ତ ହତ୍ୟା ଘଟଣାରେ ଆଗରୁ ବାଲିଗୁଡ଼ାର ଶ୍ୟାମସୁନ୍ଦର ପାତ୍ର ଓ ବିଶ୍ୱନାଥ ପାତ୍ରଙ୍କୁ ଗିରଫ କରିଥିବା ବାଲିଗୁଡା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ସୂଚନା ଦେଇଥିଲେ । ଏହି ଘଟଣାର ଅନ୍ୟ ଅଭିଯୁକ୍ତ , ଗୋପାଳ ଚନ୍ଦ୍ର ପାତ୍ର, ରାମଚନ୍ଦ୍ର ପାତ୍ର ଓ ଅଉଦ ପ୍ରସାଦ ଆର୍ଯ୍ୟ ଫେରାର ଥିଲେ ।ଗତକାଲି ରାମଚନ୍ଦ୍ର ପାତ୍ର ଓ ଗୋପାଳ ଚନ୍ଦ୍ର ପାତ୍ର ବ୍ରହ୍ମପୁର କୋର୍ଟରେ ଆତ୍ମ ସମର୍ପଣ କରିଥିବା ଖବର ମିଳିଛି ।ସୂଚନାଯୋଗ୍ୟ, ଗତ ୨୦୧୯ ଡିସେମ୍ବର ୧୦ ତାରିଖ ସକାଳେ ବାଲିଗୁଡା ଅଞ୍ଚଳର ଜଣାଶୁଣା ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡା ତାଙ୍କ ଘର ଥିବା ବେଳେ ଘରୁ ଡାକି ଦୁର୍ବୃତ୍ତ ମାନେ ତାଙ୍କୁ ଗୁଳି କରି ହତ୍ୟା କରିଥିଲେ । ଅଭିମନ୍ୟୁଙ୍କ ପରିବାର ପକ୍ଷରୁ ଦିଆ ଯାଇଥିବା ଏତଲା ଆଧାରରେ ପୁଲିସ ୧୮୮/୨୦୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପରେ ହତ୍ୟାକାଣ୍ଡର ମାଷ୍ଟର ମାଇଣ୍ଡକୁ ଆସ୍କାରୁ ଗିରଫ କରାଯିବା ସହିତ ସମୁଦାୟ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୋଲିସ୍। ତେବେ ଉପରୋକ୍ତ ଅଭିଯୁକ୍ତ ମାନଙ୍କ ନାମ ଏତାଲାରେ ଥିଲେ ମଧ ପୁଲିସ ସେମାନଙ୍କ ନାମକୁ ଚାର୍ଜସିଟରୁ ବାଦ୍ ଦେଇଥିଲା । ପରେ ବ୍ରହ୍ମପୁର ସେସନ୍ସ ଜଜଙ୍କ ଅଦାଲତରେ ଘଟଣାର ଶୁଣାଣି ବେଳେ ସାକ୍ଷୀ ମାନଙ୍କ ବୟାନକୁ ନେଇ ହତ୍ୟା ଘଟଣାରେ ଏମାନଙ୍କ ସମ୍ପୃକ୍ତି ଥିବା ଅନୁଭବ କରି ଏମାନଙ୍କୁ ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ କୋର୍ଟ । କିନ୍ତୁ ଅଭିଯୁକ୍ତ ମାନେ ସମନ ସ□ ଅଦାଲତରେ ହାଜର ହୋଇ ନଥିଲେ। ପରେ ଅଭିଯୁକ୍ତ ଆଉଦା ଉଚ୍ଚ ନ୍ୟାୟାଳୟରେ ଅଗ୍ରୀମ ଜାମିନ୍ ପାଇଁ ଆବେଦନ କରିଥିଲେ। ତେବେ ଉଚ୍ଚ ଅଦାଲତ ଏହାର ବିଚାର କରି ଆବେଦନ ଖାରଜ କରିଥିବା ଜଣାପଡିଛି। କୋର୍ଟର ଆଦେଶକୁ ଅବମାନନା କରିଥିବାରୁ ସେମାନଙ୍କ ବିରୋଧରେ ୱାରେ□ ଜାରି ହୋଇଥିଲା ଏବଂ ୱାରେ□୍ ବଳରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଫେରାର ଥିବା ଆଉ ୨ଜଣ ଅଭିଯୁକ୍ତ ଗୋପାଳ କୃଷ୍ଣ ପାତ୍ର, ରାମଚନ୍ଦ୍ର ପାତ୍ର କୋର୍ଟରେ ଆତ୍ମସମର୍ପଣ କରି ଜାମିନ୍ ଆବେଦନ କରିଥିଲେ ବିଚାର ପତି ଏହାକୁ ଖାରଜ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ।ଏହି ଘଟଣାରେ ଆଉ କେଉଁ ମାନେ ସଂପୃକ୍ତ ଅଛନ୍ତି ନା ନାହିଁ ତାହା ଉପରେ ଚାଲିଛି ତଦନ୍ତ ବୋଲି ବିଶ୍ୱାସ ସୂତ୍ରରୁ ଖବର ମିଳିଛି ।

## ରାଜ୍ୟ ସ୍ତରୀୟ ଜୁଡୋ ପ୍ରତିଯୋଗିତା ରେ ଅନୁଗୋଳ ଜିଲ୍ଲାକୁ ୨ସ୍ୱର୍ଣ୍ଣ ସହ ୬ପଦକ

ଅନୁଗୋଳ,(ମହାଭାରତ):ଚଳିତ ମାସ ୮/୧୦/୨୪ ରିଖ ଠାରୁ ୧୨/ ୧୦/୨୪ ରିଖ ପଯ୍ୟନ୍ତ ରାଜ୍ୟ ସ୍ତରୀୟ ଜୁଡୋ ପ୍ରତିଯୋଗିତା ଖୋର୍ଦ୍ଧା ଜିଲ୍ଲା କେ. ଟି ଗ୍ଲୋବାଲ ସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଥିଲା। ଉକ୍ତ ପ୍ରତିଯୋଗିତା ଅନୁଗୋଳ ଜୁଡୋ ସଂଘ ସଂପାଦକ ସୁଧାଂଶୁ କୁମାର ପଣ୍ଡା ଙ୍କ ସହ ସଂପାଦକ ଦୁଷ୍ୟନ୍ତ କୁମାର ନାଥ କୋଷାଧ୍ୟକ୍ଷ ବିରେନ୍ କୁମାର ଭୂତିଆ ଙ୍କ ତ□ାବଧାନରେ ଅନୁଗୋଳ ଜିଲ୍ଲାରୁ ୨୦ ଜଣ ଖେଳାଳି ଅଂଶ ଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ୨ ଟି ସ୍ୱର୍ଣ୍ଣ ପଦକ ସହ ୬ ଟି ପଦକ ହାସଲ କରିଛନ୍ତି। ପଦକ ହାସଲ କରିଥିବା ଖେଳାଳି ମାନେ ହେଲେ ବାଳିକା ବିଭାଗର ଶ୍ରଦ୍ଧାଞ୍ଜଳି ସ୍ୱାଇଁ ଓ ବାଳକ ବିଭାଗର ଅଂଶୁମାନ ମିଶ୍ର ସ୍ୱର୍ଣ୍ଣ ପଦକ ରୋପ୍ୟ ପଦକ ପ୍ରୋଜ୍ୟଲ୍ ଗୋଏଥ୍ କାଂସ୍ୟ ପଦକ ନିରୁପେଶ୍ ମହାକୁଡ଼, ଆୟୁଷ ରଞ୍ଜନ ସାହୁ, ବିଶ୍ମୃି ସାହୁ ହାସଲ କରି ଜିଲ୍ଲା ର ଗୌରବ ଅର୍ଜନ କରିଥିବାରୁ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲ୍ଲା ଉପସଭାପତି ର୍ନିମଳ ଅଗ୍ରୱାଲ, ପ୍ରଦୀପ କୁମାର ଦେବତା , ନିଳମଣି ରାଉତ,ପଦ୍ମାକ୍ଷି ସିଂହ ଉପଦେଷ୍ଟା ଜଗଦୀଶ ମିଶ୍ର ଖେଳାଳି ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ଜଣାଇ ଥିଲେ।

## ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନରେ ରକ୍ତଦାନ ଶିବିର
## ୧୦୭ ୟୁନିଟ ରକ୍ତ ସଂଗ୍ରହ

ନୟାଗଡ଼, ( ମହାଭାରତ ) : ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଏବଂ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ୭୯ ବର୍ଷରେ ପାଦ ଥାପିଛନ୍ତି। ଆଜି ନବୀନଙ୍କ ଜନ୍ମଦିନ। ତାଙ୍କ ଜନ୍ମଦିନରେ ବିଜେଡି ରାଜ୍ୟର ବିଭିନ୍ନ ସ୍ଥାନରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରକ୍ତଦାନ ଶିବିର ଆୟୋଜନ କରିଛି। ୧୯୪୬ ଅକ୍ଟୋବର ୧୬ ତାରିଖରେ କଟକରେ ଜନ୍ମ ନେଇଥିଲେ ନବୀନ। ଜୀବନର ୫୦ ବର୍ଷରୁ ଊର୍ଦ୍ଧ୍ୱ କାଳ ରାଜନୀତିରୁ ଦୂରେଇ ରହିଥିବା ନବୀନ ଆକସ୍ମିକ ଭାବେ ପିତା ସ୍ୱର୍ଗତ ବିଜୁ ପଟ୍ଟନାୟକ ଙ୍କ ମୃତ୍ୟୁ ପରେ ରାଜନୀତିରେ ପ୍ରବେଶ କରିଥିଲେ। ବିଜୁଙ୍କ ପରଲୋକ ପରେ ୧୯୯୭ରେ ବାପା ଗଢିଥିବା ଜନତା ଦଳ କୁ ନବୀନ ନୂତନ ଭାବେ ନବୀକରଣ କରି ଗଢ଼ିଥିଲେ ବିଜେଡି। ସାଂସଦ, କେନ୍ଦ୍ରମନ୍ତ୍ରୀ ରହିବା ପରେ ଲଗାତାର ୫ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ ନବୀନ। ୨୪ବର୍ଷ କାଳ ଶାସନ କ୍ଷମତାରେ ରହିବା ପରେ ଏବେ ସେ ବିରୋଧୀ ଦଳ ନେତା । ୭୯ ବର୍ଷରେ ପାଦ ଥାପିଥିବା ନବୀନଙ୍କ ପ୍ରଥମ ଥର ପାଇଁ ବିରାଟ ଚାଲେଞ୍ଜର ସାମ୍ନା କରୁଛନ୍ତି। ଦଳକୁ ସୁଦୃଢ଼ କରିବା ସହ ସହ ପୁଣି ବିଜୟ ଟ୍ରାକକୁ ଫେରିବା ପାଇଁ ସେ ଚଳାଇଛନ୍ତି କସରତ। ଆଜି ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ଜୀବନ ବିନ୍ଦୁ ମାଧ୍ୟମରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ୧୦୭



ୟୁନିଟ ରକ୍ତି ସଂଗ୍ରହ କରାଯାଇଛି। ଯୁବ, ଛାତ୍ର, ମହିଳାଙ୍କ ଠାରୁ ଆରମ୍ଭ କରି ସବୁ ବର୍ଗର ଲୋକ ରକ୍ତଦାନ କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମ ରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ବିଜେଡି ପ୍ରବକ୍ତା ଇରାନୀ ରାୟ, ନୟାଗଡ଼ ବ୍ଲକ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଜୀବନ ବିନ୍ଦୁର ଜିଲ୍ଲା ସଂଯୋଜକ ଗୁରୁପ୍ରସାଦ ଜେନା, ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡା, ନୟାଗଡ଼ ର୍ନିବାଚନ ମଣ୍ଡଳୀ ବିଜେଡି ସଭାପତି ଗଙ୍ଗାଧର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେୟ ତତ୍‌ସହିତ ସମସ୍ତ ପଞ୍ଚାୟତ ତର ଜନ ପ୍ରତିନିଧି ମାନେ ଏହି କାର୍ଯ୍ୟକ୍ରମ ମରେ ସାମିଲ ହୋଇଥିଲେ।

## ପ୍ରଗତି ମହିଳା ସଙ୍ଗଠନ ଏବଂ ଜିଲ୍ଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ କୁମାରୋତ୍ସବ-୨୪ପାଳନ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦମହକୁମା ପାରଳାଖେମୁଣ୍ଡିର ସ୍ଥାନୀୟ ରାଜବାଟୀ ପରିସରସ୍ଥିତ ୟୁ.ଟେକ୍.କମ୍ପ୍ୟୁଟର ଏଜୁକେଶନ ସେଣ୍ଟର୍ ପରିସରରେ ପ୍ରଗତି ମହିଳା ସଙ୍ଗଠନ ଏବଂ ଗଜପତି ଜିଲ୍ଲା ସଂସ୍କୃତି ପରିଷଦ ମିଳିତ ଆନୁକୁଲ୍ୟରେ କୁମାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଛି। ସଭ୍ୟତା ଯେତେ ଦ୍ରୁତ ଗତିରେ ଗଲେ ମଧ ଆମ ମହାନ୍ ସଂସ୍କୃତି ଏବଂ ପରମ୍ପରା ,ରୀତି,ନୀତିକୁ ଆପଣେଇ ସୁସ୍ଥ ପରିବାର ଓ ସମାଜ ଗଠନ ଆମର ଲକ୍ଷ୍ୟ ବୋଲି ବକ୍ତାମାନେ କହିଥିଲେ। କୁମାରୋତ୍ସବ ପାଳନ ଆମର କଳା ସଂସ୍କୃତି ଏକତା ଏବଂ ଆତ୍ମୀୟତରେ ପରିଚୟ ଦେଇଥାଏ। ହରିମୋହନ ପଟ୍ଟନାୟକ ପ୍ରାକ୍ ସୁଚନା ପରିଚୟ ପ୍ରଦାନକରିଥିଲେ ଅଧାପିକା ଅଞ୍ଜନା




ପଟ୍ଟନାୟକ। ଅତିଥି ପରିଚୟ ଦେଇଥିବାବେଳେ ପ୍ରଗତିର ସମ୍ପାଦିକା ତନୁଜା ଶତପଥୀ ବିବରଣୀ ପ୍ରଦାନ କରିଥିଲେ। ସଭାନେତ୍ରୀ କଳ୍ପନା ପଟ୍ଟନାୟକ ଅଧକ୍ଷତା କରିଥିଲେ ।ଉପସଭାପତି ଲୋକନାଥ ମିଶ୍ର ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କହିଥିଲେ।ମୁଖ୍ୟ ଅତିଥି ଅଧିବକ୍ତା ଇତିଶ୍ରୀ ମହାପାତ୍ର,ମୁଖ୍ୟ ବକ୍ତା ଡ.ଭାରତୀ ପାଣିଗ୍ରାହୀ, ସମ୍ମାନୀତ ଅତିଥି ଭାଗବତ ପାଢ଼ୀ,ମଞ୍ଚ ଆହ୍ୱାନ ସ୍ନେହା ବେହେରା କରିଥିବାବେଳେ ଚନ୍ଦିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଥମିକ ସ୍ତରରୁ ମହାବିଦ୍ୟାଳୟ ସ୍ତର ଯାଏଁ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ଛାତ୍ର/ଛାତ୍ରୀଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଥିଲା। ଶେଷରେ ନୃତ୍ୟ, ପରିବେଷଣ କରାଯାଇଥିଲା। ପ୍ରଣବ ପଣ୍ଡା,ଶରତ ପ୍ରଧାନ,ପାୟଲ ପାତ୍ର, ୟୁ ଟେକ୍ ଅନୁଷ୍ଠନର ସମସ୍ତ କର୍ମଚରୀ,ଛାତ୍ର, ଛକ୍ଷତ୍ରୀ ସହଯୋଗ ଓ ପରିଚାଳନା କରିଥିଲେ।

## ଠାକୁରମୁଣ୍ଡା ଠାରେ ସୁନୀଲ ବଂଶଲଙ୍କୁ ସ୍ୱାଗତ



କରଞ୍ଜିଆ, (ମହାଭାରତ) ବିଜେପି କେନ୍ଦ୍ରୀୟ କମିଟି ର ମହାସଚିବ ତଥା ଓଡିଶା ପ୍ରଭାରୀ ସୁନୀଲ ବଂଶଲ ବୁଧବାର ଦିନ ମୟୁରଭଞ୍ଜ ଜିଲ୍ଲା ଯଶିପୁର ଗସ୍ତ କାଳରେ ତାଙ୍କୁ ଠାକୁରମୁଣ୍ଡା ଠାରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବରୁ ଙ୍କ ନେତୃତ୍ୱରେ ବିଜେପି କର୍ମୀ ଙ୍କ ପକ୍ଷରୁ ସ୍ୱାଗତ କରା ଯାଇଥିଲା। ଭୁବନେଶ୍ୱର ରୁ ଯଶିପୁର କୁ ଠାକୁରମୁଣ୍ଡା ରାସ୍ତା ଦେଇ ଯିବା ବେଳେ ସନ୍ଧ୍ୟାରେ ଠାକୁରମୁଣ୍ଡା ହନୁମାନ ଛକ ନିକଟରେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ,ଠାକୁରମୁଣ୍ଡା ଓ ମହୁଲଡ଼ିହା ମଣ୍ଡଳ ସଭାପତି,ଜିଲ୍ଲା ସମ୍ପାଦକ ବିମଳ କୁମାର ସେନାପତି,ରାଜ୍ୟ ଓବିସି ମୋର୍ଚ୍ଚା ସମ୍ପାଦକ ଯୋଗେନ୍ଦ୍ର ନାଥ ମହାନ୍ତ,ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ ଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ମାନେ ସୁନୀଲ ବଂଶଲଙ୍କୁ ଫୁଲ ତୋଡା ଦେଇ ସ୍ୱାଗତ କରିଥିଲେ। ସୁନୀଲ ବଂଶଲ ଙ୍କ ସହିତ ରାଜ୍ୟ ସଂଗଠନ ମନ୍ତ୍ରୀ ମାନସ ମହାନ୍ତି,ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ଉପସ୍ଥିତ ଥିଲେ। ହନୁମାନ ଛକ ରେ ହନୁମାନ ଙ୍କୁ ପୂଜା କରି ଥିଲେ ବଂଶଲ। ପରେ ଯଶିପୁର ଅଭିମୁଖେ ଯାଇଥିଲେ।

## ହିନ୍ଦୋଳରେ ସାଇବାବାଙ୍କ ଦିବ୍ୟ ପାଦୁକା ରଥ ପରିକ୍ରମା

ହିନ୍ଦୋଳ(ମହାଭାରତ)ଢେ଼ଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍‌ଏ ସି ଠାରେ ଆଜି ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ରଥ ପରିକ୍ରମା ହୋଇଯାଇଅଛି। ଆନ୍ଧ୍ର ପ୍ରଦେଶର ପୁଟପର୍ତ୍ତି ଠାରେ ଥିବା ଶ୍ରୀ ସତ୍ୟସାଇ ବାବାଙ୍କ ଆଶ୍ରମରୁ ଏହି ରଥ ଗତକାଲି ରାତି ୧୨ ସମୟରେ ହିନ୍ଦୋଳ ରଘୁନାଥ ମଠ ଠାରେ ପହଞ୍ଚିଥିଲା। ତେବେ ଆଜି ସକାଳ ପ୍ରାୟ ୧୧ ଟା ସମୟରେ ରଘୁନାଥ ମଠ ପ୍ରାଙ୍ଗଣରେ ବାବାଙ୍କ ଷୋଡଶୋପୋଚର ସାରିବା ପରେ ହିନ୍ଦୋଳର ଏନ୍ ଏ ସି ର ବିଭିନ୍ନ ୱାର୍ଡରେ ବାବାଙ୍କ ଦିବ୍ୟ ପାଦୁକା ରଥକୁ ପରିକ୍ରମା କରାଯାଇଥିଲା। ତେବେ ପରିକ୍ରମା ସମୟରେ ବାବାଙ୍କ ଦିବ୍ୟ ପାଦୁକା ଦର୍ଶନ କରିବା ପାଇଁ ଶହଶହ ଭକ୍ତଙ୍କ ଭିଡ ଲାଗିଥିଲା। ତେବେ ବାବାଙ୍କ ରଥ ହିନ୍ଦୋଳ ଏନ୍ ଏ ସି ର ବିଭିନ୍ନ ୱାର୍ଡ ପରିକ୍ରମା କରିବା ପରେ ୨ ନମ୍ୱର୍ ୱାର୍ଡ ଠାରେ ଥିବା ରଘୁନାଥ ମଠ ପ୍ରାଙ୍ଗଣରେ ପହଞ୍ଚିଥିଲା। ତେବେ ବାବାଙ୍କ ରଥ ପରିକ୍ରମା ସମୟରେ ଶ୍ରୀକାନ୍ତ ସର, ସୂର୍ଯ୍ୟକାନ୍ତ ସାହୁ, ଦିଲ୍ଲୀପ ବେହେରା, ଅଭିରାମ ବେହେରା , କେଶବ ପ୍ରଧାନ, ସରୋଜ ଗୋଚ୍ଛାୟତ, ବିନୋଦିନ ସେଠି, ବୁଲା ଆଚାର୍ଯ୍ୟ ପ୍ରମୁଖ ଯୋଗଦାନ କରିଥିବା ସୂଚନା ରହିଛି।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକରେ ଶୋକର ଛାୟା

ଦାନଗଦି:(ମହାଭାରତ): ଦାନଗଦୀ ବ୍ଲକ ଶାଳୀଜଙ୍ଗା ପଂଚାୟତର ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସେ ହେଲେ ଶାଳୀଜଙ୍ଗା ଗାଁ ବ୍ରାହ୍ମଣ ଶାସନର ଗଣେଶ୍ୱର ମିଶ୍ର (୭୨), ସେ ଜଣେ ଆଦର୍ଶ, ଛାତ୍ର ବତ୍ସଳ ଲୋକପ୍ରିୟ ଶିକ୍ଷକ ଥିଲେ,ଶ୍ରୀଯୁକ୍ତ ମିଶ୍ର ୧୯୮୪ ମସିହାରେ ଶିକ୍ଷକତା ଜୀବନ ଆରମ୍ଭ କରି ଯାଜପୁରର ବଳରାମପୁର ତଳଗଡ଼, କେନ୍ଦୁଝର ଜିଲ୍ଲାର ପଥରିଆ ବାନ୍ଧଗୋଡ଼ା ଓ ଶେଷରେ ଶାଳୀଜଙ୍ଗା ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ତାଙ୍କ ଶିକ୍ଷକତା ସମୟରେ ତାଙ୍କର ବହୁତ ଛାତ୍ର ତାଙ୍କ ଠାରୁ ଶିକ୍ଷା ଗ୍ରହଣ କରି ସୁନାମ ଅର୍ଜନ କରି ଅଞ୍ଚଳ ତଥା ରାଜ୍ୟରେ ନା ରଖିଛନ୍ତି। କିଛିଦିନ ହେବ ଅସୁସ୍ଥ ଥିଲେ, ମଙ୍ଗଳବାର ଦିନ ଅପରାହ୍ନ ରେ ତାଙ୍କ ଶାଳୀଜଙ୍ଗା ସ୍ଥିତ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁଅ, ଝିଅ ପୁତୁରା, ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣ ଓ ମେଳାପୀ ବ୍ୟକ୍ତି ଥିଲେ, ତାଙ୍କ ପରି ଜଣେ ଗାଁ ର ମୁରବୀଙ୍କୁ ହରାଇ ଅଞ୍ଚଳ ବାସୀଙ୍କ ମନରେ ଶୋକର ଛାୟା ଖେଳି ଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ ହୋଇଥିବା ବେଳେ ତାଙ୍କର ବଡ଼ପୁତ୍ର ଦେବାଶିଷ ମୁଖାଗ୍ନୀ ଦେଇଥିଲେଯ ତାଙ୍କର ଶେଷ ଦର୍ଶନ ପାଇଁ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ତାଙ୍କ ବାସ ଭବନରେ ପହଞ୍ଚି ଥିଲେ, ପରଲୋକଗତ ଶିକ୍ଷକ ଗଣେଶ୍ୱର ମିଶ୍ର ସାମ୍ବାଦିକ ଅବିନାଶ ମିଶ୍ରଙ୍କ ବଡବାପା ହୋଇଥିବାରୁ ଏ ଖବର ଶୁଣିଲା ପରେ କଳିଙ୍ଗନଗରରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକ ମାନେ ଗଭୀର ଦୁଃଖ ପ୍ରକାଶ କରିବା ସହ ସମବେଦନା ଜଣାଇଛନ୍ତି।

### ରାସ୍ତା ନିର୍ମାଣ ପାଇଁ ଦିନିଆରୀ ଗ୍ରାମବାସୀଙ୍କ ଦାବି ତେଜିଲା

# ସିମୋର – ବାଙ୍କୀ ପୂର୍ତ୍ତ ରାସ୍ତା ୮ ଘଣ୍ଟା ଅବରୋଧ

ବେଗୁନିଆ,(ମହାଭାରତ): ଦୀର୍ଘ ବର୍ଷର ଦାବି ଏବଂ ଲୋକଙ୍କ ମୌଳିକ ସୁବିଧା ଲାଗି ସରକାରଙ୍କ ପକ୍ଷରୁ ବହୁ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ଗ୍ରାମା□ଳରେ ଲୋକଙ୍କ ଗମନାଗମନ ସୁବିଧା ଲାଗି ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉନଥିବାରୁ ନାନା ସମସ୍ୟା ଦେଖାଦେଉଛି। ଏହାର ବାସ୍ତବ ରୂପରେଖ ବେଗୁନିଆ ବ୍ଲକ ଅଞ୍ଚଳରେ ପ୍ରତିଫଳନ ହୋଇଛି। ସମସ୍ୟାର ସମାଧାନ ଦିଗରେ ପ୍ରଶାସନିକ ପଦକ୍ଷେପ ନ ଥିବାରୁ ଦାବି ତେଜିଛି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପୋଡାଡିହ ପଞ୍ଚାୟତ ଅନ୍ତର୍ଗତ ଦିନିଆରୀ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ସିମୋର – ବାଙ୍କୀ ପୂର୍ତ୍ତ ବିଭାଗ ରାସ୍ତାକୁ ଦିନିଆରୀ ବଜାର ଠାରେ ଅବରୋଧ କରିଥିଲେ। ପୂର୍ବାହ୍ନ ପ୍ରାୟ ଆଠଟାରୁ ଦିନିଆରୀ ଓ ନୀଳକଣ୍ଠପୁର ଉଭୟ ଗ୍ରାମର ମହିଳା ଓ ପୁରୁଷ ମିଳିତ ଆନୁକୂଲ୍ୟରେ ଅବରୋଧ ଆରମ୍ଭ କରିଥିଲେ। ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ନ ପ୍ରାୟ ସାଢେ ୫ଟା ବେଳକୁ ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶଥାଉକି ଦିନିଆରୀ ଓ ନୀଳକଣ୍ଠପୁର ଉଭୟ ଗ୍ରାମର ଲୋକମାନଙ୍କର ଦୀର୍ଘ ୩୦ ବର୍ଷ ହେଲା ଗୁରୁତର ସମସ୍ୟା ଲାଗିରହିଛି। ଆଦିବାସୀ ଓ ହରିଜନ ସାହିକୁ ନିତିଦିନିଆ ରାସ୍ତାଟିଏ ନାହିଁ। ସେହିପରି ଦିନିଆରୀ ଠାରୁ ହଳଦିଆ ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତାର ନବୀକରଣ ପାଇଁ ବାରମ୍ବାର ଦାବି ହୋଇ ଆସୁଛି। ସ୍ଥାନୀୟ ବିଡିଓ, ତହସିଲଦାର, ଜିଲାପାଳଙ୍କୁ ଅଭିଯୋଗ ପରେ ଉପେକ୍ଷା କରାଯାଉଛି। ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ତେବେ କୌଣସି ସୁଫଳ ମିଳିନଥିଲା। ଏହାର ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି କହିଛନ୍ତି। ଆଦିବାସୀ ସାହିରେ ୧୫୦୦ ଜନସାଧାରଣ ବସବାସ କରୁଛନ୍ତି। ନିତିଦିନିଆ ରାସ୍ତାଟିଏ ନଥିବାରୁ ରୋଗୀ ସେବା ମଧ୍ୟ ବାଧାପ୍ରାପ୍ତ ହୋଉଛି। ଜମିରେ ଚାଷ କାର୍ଯ୍ୟ ଏବଂ ଫସଲ ଅମଳ ପାଇଁ ହଳ ଶଗଡ ମଧ୍ୟ ଯାଇପାରୁ ନାହିଁ। ପ୍ରଶାସନ ସ୍ତରୀୟ ଆଲୋଚନା କରାଯାଇ ସମସ୍ୟାର ସମାଧାନ ପ୍ରକ୍ରିୟା ଜାରି ରହିବ ବୋଲି ଖୋର୍ଦ୍ଧା ଏସଡିପିଓ, ବେଗୁନିଆ ଏବିଡିଓ ଏବଂ ବୋଲଗଡ ଅତିରିକ୍ତ ତହସିଲଦାର ପହଞ୍ଚି ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେଯପରେ ଅବରୋଧ ହଟିଥିଲା।

## ୨୪ ଘଣ୍ଟା ପରେ ନଦୀ ରେ ଭାସି ନିଖୋଜ ଥିବା ବାଳକ ର ଶବ ଉଦ୍ଧାର



କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅର୍ନ୍ତଗତ ତାଳପଦା ଗ୍ରାମ ନିକଟ ଦେଇ ଯାଇଥିବା ସିମନଦୀ କୁ ମଙ୍ଗଳବାର ଦିନ ସାଙ୍ଗ ମାନଙ୍କ ସହିତ ଗାଧୋଇ ବାକୁ ଯାଇ ନିଖୋଜ ଥିବା ବାଳକ ର ଶବ ୨୪ ଘଣ୍ଟା ପରେ ନଦୀ ପାଣି ଭିତରୁ ଓଡ୍ରାପ ଟିମ ଓ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ଘଟଣା ରୁ ପ୍ରକାଶ ଯେ ତାଳପଦା ଗ୍ରାମର ଶତ୍ରୁଘନ ପଲେଇ ଙ୍କ ଅଷ୍ଟମ ଶ୍ରେଣୀରେ ପଢୁ ପଢୁଥିବା ପୁଅ ରୁଦ୍ରନାରାୟଣ ତାର ୮ ଜଣ ସାଙ୍ଗଙ୍କ ସହିତ ଦିନ ପ୍ରାୟ ୧୦ ଟା ବେଳେ ସିମନଦୀ କୁ ଗାଧୋଇବା କୁ ଯାଇଥିଲେ। ନଦୀରେ ଥିବା ପଥର ଚଟୁରୀ ଉପରେ ରୁଦ୍ରନାରାୟଣ ଛିଡା ହୋଇଥିବା ବେଳେ ଅସାବଧାନତା ବସତ ପାଦ ଖସି ଯାଇ ଥିଲା। ପାଦ ଖସି ଯିବାରୁ ନଦୀର ପ୍ରଖର ପାଣି ସ୍ରୋତ ରେ ସେ ଭାସି ଯାଇଥିଲେ। ସାଙ୍ଗ ଭାସି ଯିବାର ଦେଖି ଅନ୍ୟ ସାଙ୍ଗମାନେ ପ୍ରଥମେ କ'ଣ କରିବେ ଭାବି ପରି ନ ଥିଲେ , ପରେ ପାଖ ଗାଁ ଲୋକେ ଏବଂ ପରିବାର ଓ ଗ୍ରାମବାସୀ ଙ୍କୁ କହିଥିଲେ। ପରେ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ ଘଟଣାସ୍ଥଳ ରେ ପହଞ୍ଚି ନଦୀ ଭିତରେ ଖୋଜା ଖୋଜି କରିଥିଲେ ମଧ୍ୟ ପାଇନଥିଲେ। ଅଗ୍ନିଶମ ବିଭାଗ ଦୀର୍ଘ ୭ ଘଣ୍ଟା ନଦୀ ଭିତରେ ଖୋଜି ଥିଲେ ମଧ୍ୟ ନିଖୋଜ ବାଳକ ର ସନ୍ଧାନ ପାଇ ପାରିନଥିଲେ। ପରେ ବାରିପଦା ଓଡରାଫ ଟିମ୍ କୁ ଖବର ଦିଆଯାଇଥିଲା । ନିଖୋଜ ବାଳକ କୁ ଉଦ୍ଧାର କରାଯିବାକୁ ବୁଧବାର ସକାଳେ ବାରିପଦା ରୁ ଓଡ୍ରାଫ ଟିମ ପହଞ୍ଚି ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ ସହିତ ମିଶି ନଦୀ ପାଣି ଭିତରୁ ବାଳକ ର ମୃତ ଦେହ କୁ ଉଦ୍ଧାର କରିଥିଲେ। ସେଠାରୁ ଅଗ୍ନିଶମ ବାହିନୀର ଗାଡିରେ ଠାକୁରମୁଣ୍ଡା ମେଡିକାଲ ଅଣାଯାଇଥିଲା । ପିତା ଶତ୍ରୁଘ୍ନ ପଲେଇ ଙ୍କ ଅଭିଯୋଗ କ୍ରମେ ଠାକୁରମୁଣ୍ଡା ପୋଲିସ କେସ୍ ନଂ ୧୮ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ପଠାଇଥିବା ବେଳେ ଗାଁ ବାଳକ ମୃତ୍ୟୁ ର ଖବର ସକାକୁଳ ପରିବେଶ ସୃଷ୍ଟି ହେବା ସହ ପରିବାର ରେ ଶୋକର ଛାୟା ଖେଳିଯାଇଛି।

## ମା ଗଜଲକ୍ଷ୍ମୀଙ୍କ ପୂଜା ମହାସମାରୋହରେ ପାଳିତ



ନୂଆଗାଁ ( ମହାଭାରତ) : ପଲ୍ଲୀ ଠାରୁ ସହର ଏବଂ ଗାଁ ରୁ ବଜାର ଆଦି ବିଭିନ୍ନ ସ୍ଥାନରେ ଅନ୍ନଦାତ୍ରୀ ମା ଗଜଲକ୍ଷ୍ମୀ ଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ମା' ଙ୍କ ପୂଜା ପ୍ରତି ବର୍ଷ ପାଳନ କରୁଥିବା ବେଳେ ଆଜି ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଜାକେଡ଼ା ପଞ୍ଚାୟତ ସଦରମହକୁମା ଜାକେଡା ଏବଂ କାପ୍ତାପଲ୍ଲୀ ପଞ୍ଚାୟତ ସୀମା ଏଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସକାଳ ୧୧ ଘଟିକା ସମୟରେ ରୀତିନୀତି ଅନୁଯାୟୀ ନାମ ସଙ୍କୀର୍ତ୍ତନ, ହୋମ ଯଜ୍ଞ, ପୂଜା ପାଠ ରେ ମା ଗଜଲକ୍ଷ୍ମୀ ଙ୍କ ପୂଜା ବହୁ ନିଡ଼ାମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ଅବସରରେ ସୀମା ଗ୍ରାମରେ ଶ୍ରୀଖଣ୍ଡିଦେଇଛି ଶଙ୍ଖା ସିନ୍ଦୁର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁମୀ ପଞ୍ଚାୟତର ଯୁବ ସମିତି ସଭ୍ୟ ସଞ୍ଜୀବ କୁମାର ଡାକୁଆ ହୋଇଥିଲେ ମଧ୍ୟ ସେ ସ୍ଥାନୀୟବାସିନ୍ଦା ହୋଇଥିବାରୁ ଏଥି ପ୍ରତି ତାଙ୍କର ବହୁ ଅବଦାନ ରହିଥିବା ବେଳେ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାରେ ସମାପନ ହୋଇଯାଇଛି। ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଜନସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।

## ଅସ୍ତରଙ୍ଗ ରେ ଖୋଲିଲା ଶ୍ରମିକ କଲ୍ୟାଣ ଓ ଯୁବ ସମ୍ବନୀତ ଟ୍ରଷ୍ଟ

ଅସ୍ତରଙ୍ଗ, ୧୬/୧୦–ମହାଭାରତ – ଆଜି ଅସ୍ତରଙ୍ଗ ବ୍ଲକ କୁହୁଡି ନିକଟରେ ଯୁବ ବିକାଶ ପାଇଁ ବହୁମୁଖି ଯୁବ ସମନ୍ୱିତ ଟ୍ରଷ୍ଟ ଓ ଶ୍ରମିକ କଲ୍ୟାଣ ନିମନ୍ତେ ଧର୍ମପଦ ନିର୍ମାଣ ଶ୍ରମିକ ସଂଘ, ପୁରୀ ଜିଲ୍ଲା ର ଶାଖା ରୂପେ ଆଜି ବିଧିବଦ୍ଧ ଭାବେ ଏହାର ପୂଜା କରାଯାଇଛି, ଏହି ସଂଘ ର ମୁଖ୍ୟ ଉଦ୍ଧେଶ୍ୟ ନୂତନ ପଞ୍ଜିକରଣ, ବାର୍ଷିକ ଦେୟ, ଶ୍ରମିକ ମାନଙ୍କ ବିବାହିତ ସହାୟତା, ମୃତ୍ୟୁ କାଳୀନ ସହାୟତା, ଶ୍ରମିକ ମାନଙ୍କ ପିଲା ମାନଙ୍କ ପାଠ ପଢିବା ସହାୟତା, ପ୍ରତ୍ୟେକ ସମୟ ରେ ପ୍ରତ୍ୟକ ମୁହୂ□ ରେ ଏହି ସଂଘ ଶ୍ରମିକ ମାନଙ୍କ ସହିତ ଜଡିତ ରହି ତୃଣମୂଳ ସ୍ତରରେ ଶ୍ରମିକ ମାନଙ୍କ ପାଇଁ ବିଭିନ୍ନ ସହାୟତା କୁ ନେଇ ବ୍ଲକ ଓ ଜିଲ୍ଲା ପ୍ରଶାସନ ସହିତ ଲଢେଇ କରିବା କୁ ପ୍ରତିଶୃତି ବଦ୍ଧ,ସଂଘ ର ପୁରୀ ଜିଲ୍ଲା ସଭାପତି ସୁଶାନ୍ତ କୁମାର ପରିଡା, ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ, ଉପସଭାପତି ସୁବାଷ ଚନ୍ଦ୍ର ବେଉରା, ସହ ସମ୍ପାଦକ ବିଚିତ୍ର ଓଝା, ଓଡିଶା ଭ□ା ପ୍ରଦାନ ସଂଘର୍ଷ ସମିତି ର ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତି, ଓ କର୍ମୀ ଙ୍କ ସମେତ ଅସ୍ତରଙ୍ଗ ଅ□ଳ ର ଅନେକ ବୁଦ୍ଧିଜୀବୀ ସମାଜସେବୀ ଯୁବ ଗୋଷ୍ଠୀ ଆଜି ଏହି ଆନୁକୂଲ୍ୟରେ ରେ ଯୋଗ ଦେଇଥିଲେ।

## ଧର୍ମ ପ୍ରରାୟଣା ମହିଳାଙ୍କ ପରଲୋକ

ଅସ୍ତରଙ୍ଗ (ମହାଭାରତ): ଅସ୍ତରଙ୍ଗ ବ୍ଲକ ଅଧିନସ୍ଥ ଜିଉଁନ୍ତି ଗ୍ରାମର ଧର୍ମପରାୟଣା ମହିଳା ତଥା ବିଜେଡି ଯୁବନେତା ନିରଞ୍ଜନ ବିଶ୍ୱାଳଙ୍କ ମାତୃଦେବୀ ସଞ୍ଜୁଲତା ବିଶ୍ୱାଳଙ୍କ ମଙ୍ଗଳବାର ଦିନ ୨ ଘଟିକା ସମୟରେ ( ୫୯ )ବର୍ଷ ବୟସରେ ନିଜ ବାସଭବନରେ ପରଲୋକ ହୋଇଯାଇଛି । ସେ ଅନେକ ଦିନ ଧରି କିଡ଼ନୀ ଜନିତ ରୋଗରେ ପୀଡିତ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ରବୀନ୍ଦ୍ର ବିଶ୍ୱାଳ, ଜ୍ୟେଷ୍ଠ ପୁତ୍ର ରଶ୍ମିରଞ୍ଜନ, ମଧ୍ୟମ ପୁତ୍ର ନିରଞ୍ଜନ, କନିଷ୍ଠ ପୁତ୍ର ମନୋରଞ୍ଜନ, ୨ ପୁତ୍ରବଧୂ, ଝିଅଜ୍ୱାଇଁ, ନାତିନାତୁଣୀ ମାନେ ଉପସ୍ଥିତ ଥିଲେ ।ସ୍ୱର୍ଗତା ବିଶ୍ୱାଳ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପରାୟଣା ମହିଳା ଭାବେ ଅଞ୍ଚଳ ରେ ବେଶ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ପୂର୍ବତନ ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କେନ୍ଦ୍ରାପଟୀ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ମଙ୍ଗୁଳି ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ତାଙ୍କର ପାର୍ଥିବ ଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନ ରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଜ୍ୟେଷ୍ଠ ପୁତ୍ର ରଶ୍ମିରଞ୍ଜନ ମୁଖାଗ୍ନି ଦେଇଥିବାବେଳେ ଶୁଭେଚ୍ଛୁ,ବନ୍ଧୁପରିଜନ ମାନେ ଉପସ୍ଥିତ ରହି ଶେଷ ସମ୍ମାନ ଜଣାଇବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ପାର୍ବଣରେ ବଢିଲାଣି ବେଆଇନ୍ ନିଶା କାରବାର

### ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଛି !

କୋକସରା,(ମହାଭାରତ): ଏବେ ପାର୍ବଣ ଋତୁ ଚାଲିଛି, ପାର୍ବଣରେ ଚଳଚଞ୍ଚଳ ହୋଇ ଉଠିଛି ଗାଁ ଠୁ ସହର। ଏହାରି ଭିତରେ ଗ୍ରାମାଞ୍ଚଳରେ ବଢ଼ିଚାଲିଛି ବେଆଇନ ନିଶା କାରବାର। କୋକସରା ବ୍ଲକ ଆମପାଣି ଅଞ୍ଚଳର ବିଭିନ୍ନ ଗାଁରେ ଯୋରଦାର କୁଚିଆ ଦେଶୀ ଓ ବିଦେଶୀ ମଦ କାରବାର ଚାଲିଥିବା ବେଳେ ଅବକାରୀ ବିଭାଗ କିନ୍ତୁ ନିରବ। ପାର୍ବଣ ଋତୁ ପ୍ରବେଶ ହୋଇଥିବାରୁ ମଦ ବେପାରୀ ମାନେ ଏବେଠୁ ଦେଶୀ ଓ ବିଦେଶୀ ମଦ ନିଜ ପାଖରେ ବହୁ ପରିମାଣରେ ଗଚ୍ଛିତ ରଖିବା ଆରମ୍ଭ କଲେଣି। ଏଣେ ଦେଶୀ ମଦ ଭାଟି ଓ ବିଦେଶୀ ମଦ ଦୋକାନର କର୍ମଚାରୀ ମାନେ ମଧ୍ୟ ବେଆଇନ ଭାବରେ ପନିପରିବା ବ୍ୟବସାୟ କଳାପରି ବାଇକ୍ ଯୋଗେ ଦିନ ଦ୍ୱିପହରରେ କୁଚିଆ ମଦ ବେପାରୀ ମାନଙ୍କୁ ଯୋଗାଉଥିବା ଦେଖିବାକୁ ମିଳୁଛି। ଏହି ବେଆଇନ ମଦ କାରବାର ଯୋଗୁଁ ଗାଁ ଗାଁରେ ଅଶାନ୍ତି ଦେଖା ଦେଇଛି। କୋକସରା ବ୍ଲକ ଆମପାଣି ଅଞ୍ଚଳର ବିଭିନ୍ନ ଗାଁର ଗଳି କନ୍ଦିରେ ବେଆଇନ ଭାବେ ସୀମା ବାହାର କାରବାର ଚାଲିଛି। ତେବେ ବିଭିନ୍ନ ସମୟରେ ପୁଲିସ ବିଭାଗ ପକ୍ଷରୁ ଯାହା ଚଢ଼ାଉ କରୁଛନ୍ତି ସେଥିରେ ନିଶା କାରବାର କରୁଥିବା ବେପାରୀ ମାନଙ୍କୁ କୌଣସି ପ୍ରକାରରେ ପ୍ରଭାବ ପଡୁନାହିଁ । ଯାହା ଫଳରେ ଦିନକୁ ଦିନ ଆମପାଣି ଅଞ୍ଚଳରେ ବେଆଇନ ଭାବେ ନିଶା କାରବାର ବୃଦ୍ଧି ପାଉଥିବା ବେଳେ ଅବକାରୀ ବିଭାଗ କିନ୍ତୁ ପୁରାପୁରି ନିରବି ହୋଇଯାଉଥିବା ଅଞ୍ଚଳରେ ଆଲୋଚନା ହେଉଛି।

## ହିନ୍ଦୋଳରେ ନବୀନଙ୍କ ୭୯ତମ ଜନ୍ମଦିନ ପାଳିତ



ହିନ୍ଦୋଳ(ମହାଭାରତ)ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଲୋକପ୍ରିୟ ଜନନେତା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନ ଆଜି ସାରା ରାଜ୍ୟରେ ପାଳିତ ହୋଇଯାଇଛି। ସେହି ପରିପେକ୍ଷୀରେ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ମା ସୁକିଆବାଉତି ପୀଠରେ ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ଆଜି ସାମୁହିକ ପୂଜା ସହ ୧୦୮ଦୀପଦାନ କରାଯାଇ ନବୀନଙ୍କ ଦୀର୍ଘ ନିରାମୟ ଜୀବନ ଓ ଉ□ମ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରୀ ମହେଶ ସାହୁ ଏହି ପରିପେକ୍ଷୀରେ ନବୀନଙ୍କ ସୁଶାସନ, ସରଳ ନିରାଡ଼ମ୍ବର ଜୀବନଜକ୍ଷପନ ର ଉଦାହରଣ ଦେଇ କହିଥିଲେ ନବୀନ ଏମିତି ଜଣେ ଜନପ୍ରିୟ ଜନନେତା ଯିଏକି ସାରା ଓଡିଶାବାସୀଙ୍କୁ ନିଜ ପରିବାର ବୋଲି ଗ୍ରହଣ କରି ଆଜୀବନ ଓଡିଶାବାସୀଙ୍କ ସେବା କରିଚାଲିଛନ୍ତି। ନବୀନଙ୍କ ଜନ ଉପଯୋଗୀ ସୁଦୂର ପ୍ରସାରି ଯୋଜନା ଓ ଯୋଜନାକୁ କାର୍ଯ୍ୟକାରୀ କରି ଚୂଡାନ୍ତ ରୂପାୟନ ଦେବା ସହ ଜନସେବା ପାଇଁ ଜନନେତା ହିସାବରେ ସାରା ବିଶ୍ୱରେ ଜ୍ୱଳନ୍ତ ଉଦାହରଣ ତଥା ଆଦର୍ଶ ହୋଇପାରିଛନ୍ତି ଯାହା କି ଜଣେ ସଚ୍ଚୋଟ ରାଜନେତାଙ୍କ ସ୍ୱପ୍ନ ରହିଥାଏ। ଆଜିର ଏହି କାର୍ଯ୍ୟକ୍ରମରେ ଶତାଧିକ ବିଜେଡି କର୍ମୀଙ୍କ ସହ, ଯୁବବିଜେଡି ରାଜ୍ୟସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକ,ଓଡାପଡା ବ୍ଲକ ସଭାପତି ଚି□ରଞ୍ଜନ ନାଥ, ବିଜେଡି ଜିଲ୍ଲାସମ୍ପାଦକ ତଥା ହିନ୍ଦୋଳ ଏନଏସି କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲା ଯୁବବିଜେଡି ସମ୍ପାଦକ ପ୍ରଶାନ୍ତ ଦାସ,ହିନ୍ଦୋଳ ଏନଏସି ଉପାଧ୍ୟକ୍ଷା ପ୍ରତିମା ରାଉତ, କାଉନସିଲର ଅନୁପମା ସାହୁ, ରିତାରାଣୀ ବେହେରା, ବନିତା ଦାସ, ବିଷ୍ଣୁପ୍ରିୟା ନାଏକ, ଶୁଭଲକ୍ଷ୍ମୀ ଦେହୁରୀ, ସୁମତି ଦେହୁରୀ, ବିଜୟ ପ୍ରଧାନ,ନୂଆବଗ ସରପ□ ମାନସ ଦେହୁରୀ,ବିଜେଡି ନେତା ବିଜୟ ବେହେରା, କୈଳାଶ ବେହେରା, ରମେଶ ସାହୁ, ଦେବାର୍ଚ୍ଚନ ଦେହୁରୀ,କିସାନ ପଟ୍ଟନାୟକ,ଶ୍ରୀକାନ୍ତ ମହାପାତ୍ର, ସିର୍ଦ୍ଧସ୍ୱର ପ୍ରଧାନ, ପିଙ୍କୁନ ସାହୁ, ଚିନ୍ମୟ ଦାସ, ହାତୁରା ବିଜେଡି ସଭାପତି ମାନସ ସାମଲ,ବିଦ୍ୟାଧର ଦେହୁରୀ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ରମେଶ ସାହୁ, ବିଜୟ ସାହୁ, ଗଦାଧର ସାହୁ, ସୁରେଶ ବେହେରା ପ୍ରମୁଖଙ୍କ ସହିତ ବହୁ ବିଜେଡି କର୍ମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ନବୀନଙ୍କ ଜନ୍ମଦିନ ଶୁଭେଚ୍ଛା ଜଣାଇ ସୁକିଆବାଉତି ପୀଠରେ ଜନସାଧାରଣ ଓ ପଥଚାରିଙ୍କୁ ମିଷ୍ଟାର୍ଣ୍ଣ ବଣ୍ଟନ କରାଯାଇ ନବୀନ ପଟ୍ଟନାୟକଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣା ଯାଇଥିଲା।

## ସାହାରା ବଣ୍ଟ ପାଇଁ ମରଣାତ୍ମକ ଆକ୍ରମଣ : ସମିତି ସଭ୍ୟଙ୍କ ସହ ୩ ଗୁରୁତର



ନୂଆଗାଁ, ( ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ଜିଗିନିପଡା ଗାଁରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା। ଗାଁରେ ବୁଲିଲା ଖଣ୍ଡା ଏବଂ ଠେଙ୍ଗାୟ ସାହାରା ବଣ୍ଟ ପାଇଁ ଏଜେ□ ପ୍ରଦୀପ୍ତ କୁମାର ମହାପାତ୍ର ଏବଂ ତାଙ୍କ ପରିବାର ଲୋକଙ୍କୁ ମରଣାତ୍ମକ ଆକ୍ରମଣ କରିଛନ୍ତି ଦୁର୍ବୃତ୍ତ ମାନେ। ଅଭିଯୋଗ ଅନୁଯାୟୀ ଜିଗିନିପଡା ଗାଁର ବାଙ୍କନିଧି ବରାଡଙ୍କ ୨୦ ରୁ ଉର୍ଦ୍ଧ ସମର୍ଥକ ପ୍ରଦୀପ୍ତଙ୍କ ଘରେ ପଶି ଭଙ୍ଗା ରୁଜା କରିବା ସହ ତାଙ୍କ ବାପା, ମାଆ, ଭାଉଜ ଏବଂ ତାଙ୍କୁ ଠେଙ୍ଗାରେ ପିଟି ଆକ୍ରମଣ କରିଥିବା ସେ ଅଭିଯୋଗ କହିଛନ୍ତି। ଦୁର୍ବୃ□ଙ୍କ ଆକ୍ରମଣରେ ପ୍ରଦୀପ୍ତ ଏବଂ ତାଙ୍କ ବାପା ଗଙ୍ଗାଧର ମହାପାତ୍ର ମୁଣ୍ଡ ଫଟିଥିବା ବେଳେ ମାଆ ଏବଂ ଭାଉଜଙ୍କ ହାତ ଗୋଡ଼ରେ ଶକ୍ତ ଆଘାତ ଲାଗିଛି। ସମସ୍ତ ଆହତ ମାନେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଅଭିଯୋଗ ଅନୁଯାୟୀ ଗତ ପଞ୍ଚାୟତ ନିର୍ବାଚନରେ ଉଦୟପୁର ଗ୍ରାମ ପଞ୍ଚାୟତ ପାଇଁ ପ୍ରଦୀପ୍ତ ଭାଉଜ ପିଙ୍କି ମହାପାତ୍ର ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଏହାକୁ କେନ୍ଦ୍ର କରି ବିରୋଧୀ ଗୋଷ୍ଠୀର ଲୋକମାନେ ବିଭିନ୍ନ ରାଗ ରଖି ଗାଁର ବାଙ୍କନିଧି ବରାଡଙ୍କ ସମର୍ଥକ ମାନେ ତାଙ୍କ ଉପରେ ଆକ୍ରମଣ କରିଥିବା ସେ ନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି। ଏପରିକି ବାଙ୍କନିଧି ବରାଡ ଗାଁ ସଭାପତି ଙ୍କୁ ଧରି ରାମେଶ୍ୱର ଠାକୁରଙ୍କ ଜମିରେ ଜୋର୍ ଜବରଦସ୍ତ ଡ୍ରେନ୍ ନିର୍ମାଣ କରିବା ଏବଂ ତାଙ୍କ ପରିବାରକୁ ରାମେଶ୍ୱର ଠାକୁରଙ୍କ ସେବା କରିବା ରୁ ଉଚ୍ଛେଦ କରିଥିବା ପ୍ରଦୀପ୍ତ ଅଭିଯୋଗ କରିଛନ୍ତି। ଏହାକୁ ବିରୋଧ କରିବାରୁ ଗାଁ ସଭାପତିଙ୍କ ନିର୍ଦ୍ଦେଶରେ ତାଙ୍କ ପରିବାର କୁ କଙ୍ଗାରୁ କୋର୍ଟ କରି ନିଆଁ ପାଣି ବାରଣ କରିବା ସହ ଗାଁର କୌଣସି ଲୋକଙ୍କ କଥା ହେଉନଥିବା ସେ ଅଭିଯୋଗ କରିଛନ୍ତି। ଗାଁ କୁ ଗଲେ ଜୀବନରେ ମାରି ଦେବା ପାଇଁ ବାଙ୍କନିଧିଙ୍କ ସମର୍ଥକ ମାନେ ଧମକ ଦେଇ ଥିବା ପ୍ରଦୀପ୍ତ ଅଭିଯୋଗ କରିଛନ୍ତି। ସେପଟେ ନୟାଗଡ଼ ଏସ୍.ଡି.ପିଓ କହିଛନ୍ତି କେଶ୍ ହୋଇଛି, ତଦନ୍ତ ମଧ୍ୟ ଜାରୀ ରହିଛି, ସାହାରା ବଣ୍ଟକୁ ନେଇ ଗଣ୍ଡଗୋଳ ହୋଇଥିବା ପ୍ରାଥମିକ ତଦନ୍ତ ରୁ ଜଣାପଡିଛି। ଅଭିଯୁକ୍ତ ମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ସେ ପ୍ରତିଶୃତି ଦେଇଛନ୍ତି।

# ଏକାକୀ ନିର୍ବାଚନ ଲଢ଼ିବ ବିଏସପି

**ନୂଆଦିଲ୍ଲୀ,୧୬।୧୦ :** ମହାରାଷ୍ଟ୍ର ଏବଂ ଝାଡଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି ନିର୍ବାଚନ ଆୟୋଗ। ମହାରାଷ୍ଟ୍ରରେ ୨୮୮ ବିଧାନସଭା ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ହେବାକୁ ଥିବାବେଳେ, ଝାଡଖଣ୍ଡରେ ୮୧ ବିଧାନସଭା ଆସନ ପାଇଁ ଦୁଇଟି ପର୍ଯ୍ୟାୟରେ ମତଦାନ ହେବ । ଏଥି ସହ ଉତ୍ତରପ୍ରଦେଶ ସମେତ ବିଭିନ୍ନ ରାଜ୍ୟରେ ବିଧାନସଭା ଏବଂ ଲୋକସଭା ଆସନ ପାଇଁ ଉପ-ନିର୍ବାଚନ ତାରିଖ ମଧ୍ୟ ଆୟୋଗ ଘୋଷଣା କରିଛନ୍ତି । ଆଉ ଏହି ଘୋଷଣାର କିଛି ସମୟ ପରେ ବହୁଜନ ସମାଜ ପାର୍ଟି ମୁଖ୍ୟ



ମାୟାବତୀ ଏକ ବଡ ଘୋଷଣା କରିଛନ୍ତି । ମାୟାବତୀ କହିଛନ୍ତି ଯେ, ବିଏସପି ମହାରାଷ୍ଟ୍ର, ଝାଡଖଣ୍ଡ ଏବଂ ୟୁପିରେ ଏକାକୀ ନିର୍ବାଚନ ଲଢ଼ିବ । ନଭେମ୍ବର ୨୦ ରେ ମହାରାଷ୍ଟ୍ରରେ ନିର୍ବାଚନ ଅନୁଷ୍ଠିତ ହେବ ଏବଂ ନଭେମ୍ବର ୨୩ ରେ ଭୋଟ୍ ଗଣନା କରାଯିବ । ସେହିଭଳି ଝାଡଖଣ୍ଡରେ ନଭେମ୍ବର ୧୩ ଏବଂ ୨୦ରେ ମତଦାନ ହେବାକୁ ଥିବା ବେଳେ ଏବଂ ଏହାର ଫଳାଫଳ ୨୩ନଭେମ୍ବରରେ ଆସିବ । ନଭେମ୍ବର ୧୩ ରେ ୟୁପିର ୯ ଟି ଆସନରେ ଉପ-ନିର୍ବାଚନ ଅନୁଷ୍ଠିତ ହେବ । ନଭେମ୍ବର ୨୦ ରେ ଉତ୍ତରାଖଣ୍ଡର କେଦାରନାଥରେ ବିଧାନସଭା ଉପ-ନିର୍ବାଚନ ଅନୁଷ୍ଠିତ ହେବ । ଉପ-ନିର୍ବାଚନର ଫଳାଫଳ ମଧ୍ୟ ନଭେମ୍ବର ୨୩ ରେ ଆସିବ । ବିଏସପି ମୁଖ୍ୟ ମାୟାବତୀ କହିଛନ୍ତି ଯେ ମହାରାଷ୍ଟ୍ର ଏବଂ ଝାଡଖଣ୍ଡ ରାଜ୍ୟ ବିଧାନସଭା ସାଧାରଣ ନିର୍ବାଚନ ପାଇଁ ଆଜି ତାରିଖ ଘୋଷଣା ସ୍ୱାଗତଯୋଗ୍ୟ । ସମୟ ଯେତେ କମ୍ ରହିବ ନିର୍ବାଚନ ଅଧିକ ପରିଷ୍କାର ହେବ ।

# ସିନ୍ଦେଙ୍କ ମାଷ୍ଟରଷ୍ଟ୍ରୋକ୍

**ମୁମ୍ବାଇ,୧୬।୧୦ :** ନିର୍ବାଚନ କମିସନ ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ଘୋଷଣା କରିବାର କିଛି ମିନିଟ୍ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମାଷ୍ଟରଷ୍ଟ୍ରୋକ୍ ଖେଳିଛନ୍ତି । ସେ ଏକ ବଡ଼ ଘୋଷଣା କରି ନିମ୍ନ ସରକାରୀ କର୍ମଚାରୀଙ୍କ ପାଇଁ ଦିୱାଲୀ ବୋନସ୍ ଘୋଷଣା କରିଛନ୍ତି ।ମଙ୍ଗଳବାର ଦିନ ଭାରତର ନିର୍ବାଚନ ଆୟୋଗ ମହାରାଷ୍ଟ୍ର ନିର୍ବାଚନର ତାରିଖ ଘୋଷଣା କରିଛନ୍ତି । ମୁଖ୍ୟ ନିର୍ବାଚନ କମିସନର ରାଜୀବ କୁମାର କହିଛନ୍ତି ଯେ ରାଜ୍ୟରେ ୨୮୮ବିଧାନସଭା ଆସନ ପାଇଁ ଭୋଟ୍ ନଭେମ୍ବର ୨୦ରେ ଗୋଟିଏ ପର୍ଯ୍ୟାୟରେ ହେବ ଏବଂ ନଭେମ୍ବର ୨୩ ରେ ଫଳାଫଳ ଘୋଷଣା କରାଯିବ । ସୂଚନାଯୋଗ୍ୟ, କିଛି ଦିନ ପୂର୍ବରୁ ରାଜ୍ୟସଭା ସାଂସଦ ରାମଦାସ ଆଥ୍ୱାଲେଙ୍କ ନେତୃତ୍ୱରେ ମ୍ୟୁନିସିପାଲିଟି ଲେବର ୟୁନିଅନ ବ୍ରିହାନମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନ (ବିଏମସି) କର୍ମଚାରୀଙ୍କ ପାଇଁ ୪୦,୦୦୦ଟଙ୍କା ଦିୱାଲୀ ବୋନସ ମାଗିଥିଲେ । କର୍ମଚାରୀମାନଙ୍କୁ ଅତିରିକ୍ତ ବୋନସ୍ ଦେବାକୁ ସଂଘ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଏବଂ ମ୍ୟୁନିସିପାଲିଟି



କର୍ପୋରେସନ୍ କମିସନରଙ୍କୁ ଅନୁରୋଧ କରିଥିଲେ । ଗତ ବର୍ଷ, ନଭେମ୍ବର ୮ ରେ, ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ବ୍ରିହାନମୁମ୍ବାଇ ମ୍ୟୁନିସିପାଲିଟି କର୍ପୋରେସନ କର୍ମଚାରୀଙ୍କ ପାଇଁ ୨୬,୦୦୦ ଟଙ୍କା ଦିୱାଲୀ ବୋନସ ଘୋଷଣା କରିଥିଲେ । ନିର୍ବାଚନ କମିସନଙ୍କ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ମହାରାଷ୍ଟ୍ରରେ ନଭେମ୍ବର ୨୦ରେ ଭୋଟ ଗ୍ରହଣ ହେବ ଓ ନଭେମ୍ବର ୨୩ରେ ଗଣତି ହେବ । ଝାଡ଼ଖଣ୍ଡରେ ୧୩ ନଭେମ୍ବର ଓ ୨୦ ନଭେମ୍ବରରେ ମତଦାନ ହେବ ଓ ନଭେମ୍ବର ୨୩ରେ ଗଣତି ହେବ । ଏହି ନିର୍ବାଚନ ପାଇଁ ଅକ୍ଟୋବର ୨୨ରେ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇବ ଓ ମନୋନୟନପତ୍ର ଦାଖଲର ଶେଷ ତାରିଖ ହେଉଛି ୨୯ ଅକ୍ଟୋବର । ମହାରାଷ୍ଟ୍ରରେ ୫୨,୭୮୯ଟି ସ୍ଥାନରେ ୧୦୦୧୮୬ଟି ମତଦାନ କେନ୍ଦ୍ର ରହିଛି । ରାଜ୍ୟର ମୋଟ ଆସନ ସଂଖ୍ୟା ୨୮୮ ଥିବାବେଳେ ମୋଟ ଭୋଟର ସଂଖ୍ୟା ୯.୬୩ କୋଟି ରହିଛି । ସେହିପରି ଝାଡ଼ଖଣ୍ଡରେ ୮୧ ଟି ଆସନ ଥିବାବେଳେ ମୋଟ ୨.୬ କୋଟି ଭୋଟର ଅଛନ୍ତି । ୧୧.୮ ଲକ୍ଷ ପ୍ରଥମ ଥର ଭୋଟର ଅଛନ୍ତି । ରାଜ୍ୟର ୨୦୨୮୧ ଟି ସ୍ଥାନରେ ୨୯୫୬୨ ଟି ମତଦାନ କେନ୍ଦ୍ର ରହିଛି ।

# ଭାରତ ହାତକୁ ଆସିବ ପ୍ରିଡେଟର ଡ୍ରୋନ

**ନୂଆଦିଲ୍ଲୀ,୧୬।୧୦ :** ଭାରତ ହାତକୁ ଆସିବ ବିଶ୍ୱର ସବୁଠାରୁ ଘାତକ ଡ୍ରୋନ କୁହାଯାଉଥିବା ପ୍ରିଡେଟର (ଏମକ୍ୟୁ୯ବି ) ଡ୍ରୋନ୍ । ଏ ନେଇ ଭାରତ ଓ ଆମେରିକୀୟ କମ୍ପାନୀ ଜେନେରାଲ ଆଟମିକ୍ ମଧ୍ୟରେ ଡିଲ୍ ଚୂଡ଼ାନ୍ତ ହୋଇଛି । ଆଫଗାନିସ୍ତାନରେ ଅଲକାଏଦାକୁ ନିପାତ କରିବାରେ ଏହି ପ୍ରିଡେଟର ଡ୍ରୋନ ସବୁଠାରୁ ବଡ ଭୂମିକା ଗ୍ରହଣ କରିଥିଲା । ହଜାର ହଜାର କିଲୋମିଟର ଦୂରରେ ବସି ଯେକୌଣସି ଟାର୍ଗେଟ ଉପରେ ନଜର ରଖାଯାଇଥିଲା ଏବଂ ସଠିକ ଟାର୍ଗେଟ



କରାଯାଇଥିଲା । ଏବେ ଭାରତୀୟ ସେନା ମଧ୍ୟ ସମାନ କାମ କରୁଥିବା ଦେଖିବାକୁ ମିଳିବ । ଚୀନ ସୀମା ହେଉ କି ପାକିସ୍ତାନ ସବୁଠି ଏହା ଉପରେ ନଜର ରଖାଯାଇପାରିବ । କାରଣ ଭାରତ ଏବେ ସେହି ଏମକ୍ୟୁ୯ବି ଡ୍ରୋନ ପାଇବାକୁ ଯାଉଛି । ଯୁକ୍ତରାଷ୍ଟ୍ର ଆମେରିକା ସହ ହୋଇଥିବା ଏହି ଚୁକ୍ତି ଉପରେ ଚୂଡ଼ାନ୍ତ ମୋହର ଲାଗିଛି ।ରିପୋର୍ଟ ଅନୁଯାୟୀ, ୩.୯୯ ବିଲିୟନ ଡଲାରର ଏହି ଚୁକ୍ତିରେ ଭାରତକୁ ୩୧ଟି ଏମକ୍ୟୁ-୯ବି ରିମୋଟ୍ ପାଇଲଟ୍ ଏୟାରକ୍ରାଫ୍ଟ (ଆରପିଏ) ଏବଂ ଆନୁଷଙ୍ଗିକ ଉପକରଣ ମିଳିବ । ଏହା ଏମକ୍ୟୁ୯ବି ଡ୍ରୋନର ଏକ ଉନ୍ନତ ସଂସ୍କରଣ । ଆମେରିକୀୟ କମ୍ପାନୀ ନରାଲ୍ ଆଟୋମିକ୍ ସହ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି ପ୍ରିଡେଟର ଡ୍ରୋନର ଅନେକ ଭିନ୍ନ ଭିନ୍ନ ସଂସ୍କରଣ ଅଛି ଏବଂ ବିଭିନ୍ନ ନାମରେ ମଧ୍ୟ ଜଣାଶୁଣା ଯେପରିକି ,ଏମକ୍ୟୁ-୯ ରିପର, ସି ଗାର୍ଡିଆନ୍ ଏବଂ ସ୍କାଏ ଗାର୍ଡିଆନ୍ ... କିନ୍ତୁ ଭାରତ ଆମେରିକାଠାରୁ ୩୧ଟି ଏମକ୍ୟୁ-୯ ରିପର ଡ୍ରୋନ୍ ଅର୍ଥାତପ୍ରିଡେଟର ଡ୍ରୋନ୍ କିଣିବ ।

# ଗୋପବନ୍ଧୁଙ୍କ ଜୟନ୍ତୀ ଅବସରରେ ପ୍ରବନ୍ଧ ପ୍ରତିଯୋଗିତା




**ଗଞ୍ଜାମ,(ନିପ୍ର):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା ସ୍ଥିତ ଗୋପାଳ କୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ରେପଣ୍ଡିତ ଉତ୍କଳ ମଣି ଗୋପବନ୍ଧୁ ୧୪୮ ତମ ଜୟନ୍ତୀ ଏବଂ ୭୦ ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରମ୍ଭା ବନାଞ୍ଚଳ ବନ୍ୟପ୍ରାଣୀ ଅଧିକାରୀ ରଶ୍ମିତା ଜେନା, ମୁଖ୍ୟ ବକ୍ତା ଭାବେ ହୁମା ସଲ୍ଟ କଲେଜ ଅଧକ୍ଷ ନିରଞ୍ଜନ ରଥ, ସମ୍ମାନିତ ଅତିଥି ଭାବେ ରେଶପଣ୍ଡ ଟ୍ରଷ୍ଟର ଅଧକ୍ଷ ସ୍ୱସ୍ତିକ ସୁନ୍ଦର ସିଅ, ପୂର୍ବତନ ସରପଞ୍ଚ ତଥା କମ୍ୟୁନିଷ୍ଟ ନେତା ଦିଲୀପ ଛୋଟରାୟ, ଶିକ୍ଷାବିତ ପୁର୍ଣ ଚନ୍ଦ୍ର ପଣ୍ଡା,ବନପାଳ ବଳରାମ ସାହୁ, ବନପାଳ, ଯୋସ ନା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ତାଙ୍କ ବକ୍ତବ୍ୟ ରେ ଗୋପବନ୍ଧୁ ଙ୍କ ଜୀବନୀ ଏବଂ ତାଙ୍କର ଏହି ସମାଜ ପ୍ରତି ରହିଥିବା ତ୍ୟାଗ ଓ ସେବା ଉପରେ ଆଲୋଚନା କରିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପିଲାମାନଙ୍କୁ ଅତିଥି ମାନେ ପରାମର୍ଶ ଦେଇଥିଲେ। ସଭା ପୂର୍ବରୁ ଅତିଥି ମାନେ ସ୍କୁଲ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଓ ଅନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ପୋଷ୍ଟାଥନ ପଦଯାତ୍ର ଆୟୋଜିତ




ସମ୍ବଲପୁର,(ନିପ୍ର): ବିଶ୍ୱ ଡାକ ଦିବସ ଉପଲକ୍ଷେ ବୁଧବାର ସମ୍ବଲପୁର ମୁଖ୍ୟ ଡାକଘର ପକ୍ଷରୁ ପୋଷ୍ଟମାଷ୍ଟର ତରଣୀ ସେନ ଭୁସାଗରଙ୍କ ନେତୃତ୍ୱରେ 'ଫିଟ ପୋଷ୍ଟ, ଫିଟ ଇଣ୍ଡିଆ' ବାର୍ତ୍ତା ନେଇ ପୋଷ୍ଟାଥନ ପଦଯାତ୍ରା ଆୟୋଜିତ ହୋଇଯାଇଛି। ଏହି ପଦଯାତ୍ରା ସମ୍ବଲପୁର ମୁଖ୍ୟ ଡାକଘରରୁ ଆରମ୍ଭ ହୋଇ କଚେରୀ ଛକ ଦେଇ ରିଂ ରୋଡରେ ମାଁ ସମଲେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଡାକଘରର ଅଧିକାରୀ ଓ କର୍ମଚାରୀ ମାନେ ସାମିଲ ହୋଇ ଫିଟ ପୋଷ୍ଟ, ଫିଟ ଇଣ୍ଡିଆ ଥିମକୁ ବ୍ୟାନର, ପୋଷ୍ଟର ଓ ବିଭିନ୍ନ ସ୍ଲୋଗାନ ଦେଇ ଜନସଚେତନ ଓ ପ୍ରଚାର ପ୍ରସାର କରିଥିଲେ।

# ସାନଖେମୁଣ୍ଡିରେ ତୃତୀୟ ପଞ୍ଚାୟତ ସମିତି ବୈଠକ

**ସାନଖେମୁଣ୍ଡି,(ନି.ପ୍ର) :** ମଙ୍ଗଳବାର ଦିନ ସାନଖେମୁଣ୍ଡି ବ୍ଲକ କାର୍ଯ୍ୟାଳୟ ତରଫରୁ ସଭାଗୃହ ପରିସରରେ ତୃତୀୟ ତମ ପଞ୍ଚାୟତ ସମିତି ବୈଠକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ସିମାଞ୍ଚଳ ପାତ୍ରଙ୍କ ଅଧକ୍ଷତାରେ ବୈଠକରେ ସ୍ଥାନୀୟ ବ୍ଲକ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ମିଶ୍ର ସଂଯୋଜନା କରିଥିଲେ। ବୈଠକରେ ଆସିକା ସାଂସଦ ଅନୀତା ଶୁଭଦର୍ଶନୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସେହିପରି ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ସ୍ୱତନ୍ତ୍ର ଅତିଥି ଭାବେ ମଞ୍ଚାସୀନ ରହିଥିବା ବେଳେ ଅତିରିକ୍ତ ତହସିଲଦାର ଦିଲିପ କୁମାର ଜେନା, ବ୍ଲକ ଉପାଧକ୍ଷା ରିଙ୍କି ନାହକ, ପଞ୍ଚାୟତ ଉନ୍ନୟନ ଅଧିକାରୀ ମୋନାଲିସା କିସ୍କୁ ପ୍ରମୁଖ ଅନ୍ୟତମ ଅତିଥି ରହିଥିଲେ। ବୈଠକ ପ୍ରାରମ୍ଭରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଜିପିଓ ଶ୍ରୀମତୀ ମୋନାଲିସା ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟର ବିବରଣୀ ପଠନ କରିଥିଲେ। ଏହି ପରିପ୍ରେକ୍ଷୀରେ ବ୍ଲକ ଅଧିନସ୍ଥ ୨୬ ଗୋଟି ପଞ୍ଚାୟତରେ ରହିଥିବା ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ନିର୍ବାଚିତ ପ୍ରତିନିଧି ମାନେ ମଞ୍ଚାସୀନ ଅତିଥିଙ୍କ




ସହ ଆଲୋଚନା କରିଥିଲେ। ବୈଠକରେ ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ପ୍ରଶସ୍ତିକରଣ ଉପରେ, ଅଙ୍ଗନୱାଡ଼ି ଗୃହ ଉପରେ ବେଶ୍ ଆଲୋକପାତ ହୋଇଥିଲା। ସେହିପରି କୃଷି ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ବନବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ଉଦ୍ୟାନ ବିଭାଗ, ଯୋଗାଣ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ, ଗ୍ରାମ୍ୟ ପାନୀୟଜଳ ଯୋଗାଣ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ପଞ୍ଚାୟତକୁ ଆସୁଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଉପସ୍ଥାପନା ନିର୍ବାଚିତ ପ୍ରତିନିଧିଙ୍କ ସହ କରିଥିଲେ। ବୈଠକରେ ବ୍ଲକରେ କାର୍ଯ୍ୟରତ ବିଭିନ୍ନ ବିଭାଗର କର୍ମକର୍ତ୍ତା ସମେତ ଜିଲ୍ଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ମାନେ ଉପସ୍ଥିତ ରହିଥିଲେ।

# ଜିଲାସ୍ତରୀୟ ଭିନ୍ନକ୍ଷମ ଅଧିକାର ଅଧିନିୟମ ସଚେତନତା ଶିବିର

**କେନ୍ଦୁଝରଗଡ଼,(ନିପ୍ର):** ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଓଡ଼ିଶା ଏବଂ ଜିଲା ପ୍ରଶାସନ କେନ୍ଦୁଝରଙ୍କ ମିଳିତ ସହଯୋଗରେ 'ଭିନ୍ନକ୍ଷମଙ୍କ ଅଧିକାର ଅଧିନିୟମ-୨୦୧୬ ' ସମ୍ପର୍କିତ ଏକ ସଚେତନତା ଶିବିର ଏବଂ କ୍ୟାମ୍ପ କୋର୍ଟ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାରହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମଙ୍କ ଅଧିକାର ଓ ସରକାରୀ ଯୋଜନା ସମ୍ପର୍କରେ ତୃଣମୂଳସ୍ତରରେ କାମ କରୁଥିବା କର୍ମଚାରୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ଗଣମାଧ୍ୟମର ପ୍ରତିନିଧି ସମସ୍ତେ ବ୍ୟାପକ ଜନଜାଗରଣ ସୃଷ୍ଟି କରିପାରିଲେ ଭିନ୍ନକ୍ଷମମାନେ ବିଭିନ୍ନ ଜନକଲ୍ୟାଣ ଯୋଜନାର ସୁଫଳ ପାଇବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ନିଜର ଜୀବନକୁ ପୂର୍ଣ୍ଣାଙ୍ଗ କରିପାରିବେ ବୋଲି ମତ ଦେଇଥିଲେ। ସମସ୍ତ ଭିନ୍ନକ୍ଷମ ବ୍ୟକ୍ତି ନିଜର ମନୋବଳକୁ ସୁଦୃଢ଼ କରି ସରକାରଙ୍କ ସମସ୍ତ ଯୋଜନାର ଫାଇଦା ନେବାକୁ ଆହ୍ୱାନ ଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ଭିନ୍ନକ୍ଷମଙ୍କ ଲାଗି ଉଦ୍ଦିଷ୍ଟ ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ ଓ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବସନ୍ତ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମଙ୍କ ଅଧିକାର ଅଧିନିୟମ ୨୦୧୬ର ବିଭିନ୍ନ ଦିଗକୁ ନିଜ ଅଭିଭାଷଣରେ ଆଲୋକପାତ କରିଥିଲେ। ଭିନ୍ନକ୍ଷମ ଅଧିକାର ଅଧିନିୟମ-୨୦୧୬ ସଂକ୍ରାନ୍ତରେ ମୁଖ୍ୟବକ୍ତା ରାମ କିଶୋର ଶର୍ମା ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଉପଖଣ୍ଡ ଓ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ, କନିଷ୍ଠ ସହାୟକ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ବ୍ଲକ ରିସୋର୍ସ ଟିଚର ଉପସ୍ଥିତ ଥିଲେ।

## ଜୁଆ ଆଡ୍ଡା ଉପରେ ଚଢ଼ାଉ
## ୧୨ ହଜାର ୨ ଶହ ଜବତ : ୮ ଗିରଫ



ଗୋପାଳପୁର,(ନିପ୍ର): ଗୋପାଳପୁର ପୁଲିସ ଗତକାଲି ରାତିରେ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ସେଠାରୁ ୧୨ ହଜାର ୨ ଶହ ଟଙ୍କା ଜବତ କରିବା ସହ ୮ ଜୁଆଡ଼ିଙ୍କୁ ଗିରଫ କରିଛି। ଗତ ରାତିରେ ଗୋପାଳପୁର ଥାନା ଅନ୍ତର୍ଗତ ସାନ କୁଶସ୍ଥଳୀ ଗ୍ରାମରେ ଏକ ଜୁଆ ଖେଳ ଚାଲିଥିବା ନେଇ କୌଣସି ସୂତ୍ରରୁ ଖବର ପାଇଁ ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ ଜୁଆଆଡ୍ଡା ଉପରେ ଚଢ଼ାଉ କରିଥିଲେ। ସେଠାରୁ ୧୨ ହଜାର ୨ ଶହ ଟଙ୍କା, ୪ଟି ମୋବାଇଲ, ୨ ବାଇକ, ୧ ପେକେଟ ତାସମୁଠା ଜବତ କରିବା ସହ ୮ ଜଣଙ୍କୁ ଗିରଫ କରିଥିଲେ। ପୁଲିସ କେସ ନମ୍ବର ୨୭୬/୨୪ ମାମଲା ରୁଜୁ କରି ସର୍ତ୍ତ ମୂଳକ ଜାମିନରେ ଛଡ଼ା ଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ତେରେସିଂହା ମାଁ ପାଟଖଣ୍ଡାଙ୍କ ବଳି ଯାତ୍ରା ସମ୍ପନ୍ନ



ଭବାନୀପାଟଣା,(ନିପ୍ର) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଐତିହାସିକ ଗ୍ରାମ ତେରେସିଂହା ଠାରେ ମାଁ ପାଟଖଣ୍ଡା, ବଳି ଯାତ୍ରା ସମ୍ପନ୍ନ ହୋଇଯାଇଛି। ଏହି ଯାତ୍ରାରେ ମା'ଙ୍କୁ ଦର୍ଶନ କରିବା ପାଇଁ ଆଖପାଖ ଅଞ୍ଚଳର ଶହଶହ ଭକ୍ତଙ୍କର ସମାଗମ ହୋଇଥିଲା। ଭକ୍ତ ମାନଙ୍କର ମାନସିକ ପୂରଣ ହୋଇ ଥିବାରୁ ଏଠାରେ ବୋଦା, କୁକୁଡ଼ା ବଳି ପଡ଼ିଥାନ୍ତି। ଏହି ଯାତ୍ରା ତେରେସିଂହା ସ୍କୁଲ ପଡ଼ିଆର ଗୋଟିଏ, ପୂର୍ବ ପାର୍ଶ୍ୱରେ ତେରେସିଂହା ଓ ଅପର ଦକ୍ଷିଣ ପାର୍ଶ୍ୱରେ ବେଲପଡ଼ାର ଯାତ୍ରା ହୋଇଥାଏ। ତେରେସିଂହା ଯାତ୍ରା ପୂର୍ବ ଖଳା ପଡ଼ିଆ ଓ ପଶ୍ଚିମ ରେ ବେଲପଡ଼ା ଯାତ୍ରା ଖଳାରେ ଶହ ଶହ ଭକ୍ତଙ୍କର ଭିଡ଼ ଦେଖିବାକୁ ମିଳିଥିଲା। ଏହି ଯାତ୍ରା କେଉଟ କୈବର୍ତ୍ତ ସମ୍ପ୍ରଦାୟର ହୋଇଥିଲେ ହେଁ ଏଥିରେ ବିଭିନ୍ନ ଜାତିର ଲୋକ ବାର ଦେହେଲିଆ ଭାବେ ରହିଥାନ୍ତି। ଯାତ୍ରାର ଆଠ ଦିନ ପୂର୍ବରୁ ଗୁଡ଼ି ପ୍ରବେଶ ହୋଇ ପ୍ରତି ଦିନ ସନ୍ଧ୍ୟାରେ ମା' ଙ୍କର ପୂଜା ହୋଇଥାଏ । ଯାତ୍ରାର ଏକ ଲୋକ ବିଶ୍ୱାସ ଆଜିବି ରହିଆସିଛି ଯେ, ଯାତ୍ରାର ପୂର୍ବ ରାତ୍ରୀ ପୂଜା ସ୍ଥାନରେ ଗୋରସ ରଖି ଦିଆଯାଇ ଥାଏ ଓ ସେହି ଗୋରସକୁ ରାତ୍ରୀରେ ବାଘ ଆସି ପିଇ ଯାଉଥିବା କୁହାଯାଏ। ତେରେସିଂହା ଯାତ୍ରାର ମୁଖ୍ୟ ପୂଜକ ଦାମୋଦର ନାଏକ, ବରୁଆ ବିବେକାନନ୍ଦ ନାଏକ ଓ ମିନକେତନ ନାଏକ, ଛତ୍ରିଆ ଗୋପାଳ ନାଏକ, ଯାତ୍ରା କମିଟି ସଭାପତି ରୁଦ୍ର ଭୋଇ, ସମ୍ପାଦକ ସୁବିନ୍ଦ୍ର ରଣା, ଧର୍ମ ରଣା, ଦୈତାରି ନାଏକ, ଜଗବନ୍ଧୁ ଭୋଇ, ଗୋପାଳ ବାଗ ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ। ସେହିପରି ବେଲପଡ଼ା ଯାତ୍ରା କମିଟି ପକ୍ଷରୁ ସଭାପତି ନିଳମଣି ଗହିର, ସଂପାଦକ କିଶୋର ଚନ୍ଦ୍ର ନାଏକ ଉପସଭାପତି ଯଗୋଳ କିଶୋର ନାଏକ ଦାମାଭୋଇ, ବିସମ୍ବର ଭୋଇ, ବରୁଆ ଅର୍ଜୁନ ନାଏକ, ପୂଜକ ପାଦୁକା ନାଏକ, ଗୁର ନାଏକ, ଶାନ୍ତି ଶୃଙ୍ଖଳା ଦାୟୀତ୍ୱରେ ସୁଶାନ୍ତ ମଲ୍ଲିକ ଦିଲିପ ଗହିର, ଅନିରୁଦ୍ଧ ନାଏକ ଅଞ୍ଚଳ ଶତାଧିକ ଶ୍ରଦ୍ଧାଳୁ ସହଯୋଗ କରିଥିଲେ ମଧ୍ୟ ଶାନ୍ତିଶୃଙ୍ଖଳା ସହ ପାଟଖଣ୍ଡା ଯାତ୍ରା ସମ୍ପର୍ନ୍ନ ହୋଇଯାଇଛି।

# ମାନସିକ ଅନଗ୍ରସରଙ୍କ ପାଇଁ ସଚେତନତା ଶିବିର



ଆଠଗଡ,(ନିପ୍ର): ଆଠଗଡ ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ମାନସିକ ଅନଗ୍ରସରଙ୍କ ପାଇଁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଦୋରଡସ୍ଥିତ ଡଃ ବ୍ରଜବିହାରୀ ମହାନ୍ତି ସ୍ମାରକୀ ମାନସିକ ଅନଗ୍ରସର ହିତକାରୀ ଟ୍ରଷ୍ଟଠାରେ ଆୟୋଜିତ ଏହି ଶିବିରକୁ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରାଜକୁମାର ଦାସ ଉଦଘାଟନ କରିବା ସହ ଏଥିରେ ଅଧ୍ୟକ୍ଷତା କରି ଉଦବୋଧନ ଦେଇଥିଲେ। ଏଡିଜେ ଶ୍ରୀ ଦାସ ମାନସିକ ଅନଗ୍ରସରଙ୍କୁ ହତାଦାର ନକରି ସେମାନଙ୍କ ଆଇନଗତ ଅଧିକାର ସମ୍ପର୍କରେ ଆଲୋକପାତ କରିବା ସହ ସେମାନଙ୍କୁ ଆଇନ ସେବା ସମିତି ମାଧ୍ୟମରେ କିପରି ମାଗଣାରେ ଆଇନ ସହାୟତା ମିଳିପାରିବ ସେ ବିଷୟରେ ବୁଝାଇଥିଲେ । ଏଥିରେ ସମ୍ମାନିତ ବକ୍ତା ଭାବେ ଆଇନଜୀବୀ ପ୍ରସନ୍ନ କୁମାର ରାଉତ ଓ ସୁପ୍ରଭା ଦୋରା ଯୋଗଦେଇ ମାନସିକ ଅନଗ୍ରସରଙ୍କୁ ସମସ୍ତ ପ୍ରକାରର ସହାୟତା ଓ ଚିକିତ୍ସା ବ୍ୟବସ୍ଥା କରାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି ସମସ୍ତେ ଉଦ୍ୟମ କରିବା ଦରକାର ବୋଲି ମତପ୍ରକାଶ କରିଥିଲେ ।

# ନୂଆପଡା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର

**ନୂଆପଡ଼ା,(ନି.ପ୍ର):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ସଭାପତିତ୍ୱରେ ନୂଆପଡ଼ା ଜିଲ୍ଲା ନୂଆପଡ଼ା ବ୍ଲକ ଖୁଟବନ ଭେରା ଗ୍ରାମରେ ଗ୍ରାମ ସ୍ତରୀୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି ସଭାରେ ଜିଲ୍ଲାପାଳ ମଧୁସୂଦନ ଦାସ ଅଧ୍ୟକ୍ଷତା କରି ଗ୍ରାମବାସୀମାନେ କାର୍ଯ୍ୟ ଅନ୍ୱେଷଣରେ ରାଜ୍ୟ ବାହାରକୁ ନଯିବାକୁ ଆହ୍ୱାନ



କରିଥିଲେ। ଅନୁଷ୍ଠିତ ସଭାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଡିଏଫ୍‌ଓ ଅଜିଜ ଖାନ, ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ୱୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଲିଡ ବ୍ୟାଙ୍କ ପ୍ରବନ୍ଧକ ସୀତାରାମ ମେହେର, ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର କୁମାର ବାର୍ଲା, ଜିଲ୍ଲା କୃଷି ଅଧିକାରୀ, ସ୍ଥାନୀୟ ସରପଞ୍ଚ କଜ୍ଜନା କୁଲଦୀପ ଯୋଗଦାନ କରି ସମସ୍ତଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅତିଥିମାନେ କହିଲେ ଯେ ନିଜ ଗ୍ରାମରେ ବିଭିନ୍ନ ସରକାରୀ କାର୍ଯ୍ୟ ନିର୍ବାହୀ ସଂସ୍ଥା ଦ୍ୱାରା ବର୍ତ୍ତମାନ ପ୍ରଚୁର କର୍ମ ଯୋଗାଣ ହୋଇପାରୁଛି ତେଣୁ ସମସ୍ତେ ଏହାର ସୁଯୋଗ ନିଅନ୍ତୁ। ଏଲ ଡ଼ି ଏମ ସିତାରାମ ମେହେର ବିଭିନ୍ନ ବ୍ୟାଙ୍କ ସହ ସଂଯୋଗ ସ୍ଥାପନ କରି ଆତ୍ମ ନିର୍ଭରଶୀଳ ଏବଂ ସ୍ୱାବଲମ୍ବୀ ହେବାକୁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଏଠାରେ ବିଡିଓ ଶରତ ଭୋଇ, ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ, ଜିଲ୍ଲାପରିଷଦ ସଦସ୍ୟ ଭାନୁପ୍ରତାପ ସିଂ ମାଝୀ, ସମିତି ସଭ୍ୟ ତାତୁରାମ ପାଣ୍ଡେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇ ଥିଲେ। ସରକାରଙ୍କ ପ୍ରଦତ୍ତ ବିଭିନ୍ନ ସୁବିଧା ସୁଯୋଗ ଉପରେ ଶ୍ରମିକମାନଙ୍କୁ ଅବଗତ କରାଇ ଜିଲ୍ଲାପାଳ କହିଲେ କି ଟିକିଏ ସଚେତନ ହେଲେ ଶ୍ରମିକମାନେ ନିଜ ନିଜ ଗ୍ରାମରେ ସମସ୍ତେ ସରକାରୀ ଶ୍ରମଭିତ୍ତିକ କାମ ପାଇ ପାରିବେ। ଏହା ସହ ବ୍ୟାଙ୍କ ସହାୟତାରେ ଜଣେ କୁଟୀର ଶିଳ୍ପ ସୃଷ୍ଟି କରି ନିଜେ ଉପକୃତ ହେବାସହ ଅନ୍ୟ ମାନଙ୍କୁ ମଧ୍ୟ କାମ ଯୋଗାଇ ଦେଇ ପାରିବ। ଏମିତିହେଲେ ପ୍ରବାସୀ ଶ୍ରମିକ ସମସ୍ୟାର ସମାଧାନ ହେବ ଏବଂ ସମସ୍ତେ ଖୁସିରେ ନିଜ ନିଜ ଘରେ ରହି କାମ ଧନ୍ଦା କରିପାରିବେ ବୋଲି ଜିଲ୍ଲା ପାଳ ଆଶା ପୋଷଣ କରିଛନ୍ତି।

# ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

**ସମ୍ବଲପୁର,(ନିପ୍ର):** ଆଞ୍ଚଳିକ ପ୍ରକୃତି ପରିବେଶ ସୁରକ୍ଷା ମଞ୍ଚ ଓ ନୀଳଚକ୍ର ଅନୁଷ୍ଠାନ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପୁଣ୍ୟ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ଶାସନ ଭାଲୁବାହାଲ ସ୍ଥିତ ଏକାମ୍ର ବିହାର ଠାରେ ସ୍ଥିତ ନୀଳଚକ୍ର ଅନୁଷ୍ଠାନର କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ କଳାରତ୍ନ ବଂଶୀଧର କର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସିତାଂଶୁ ଭୂଷଣ ତ୍ରିପାଠୀ, ସମ୍ମାନୀତ ଅତିଥି ରୂପେ ଶାସନ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ, ରମଣି ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଉତ୍କଳମଣିଙ୍କ ସ୍ମୃତିରେ ଏକ ଚାରାରୋପଣ କରାଯାଇଥିଲା। ଇଣ୍ଡିଆନ କମ୍ୟୁନିଟି ପୁଲିସର ୨ ଜଣ ସ୍ୱେଚ୍ଛାସେବୀ ବଂଶୀଧର କର ଓ ଜୟରାମ ପଧାନଙ୍କୁ ଶାସନ ଥାନା ପକ୍ଷରୁ ସମ୍ମାନୀତ କରାଯାଇଥିଲା। ବିଗତ ଦିନରେ ରାତ୍ରିକାଳିନ ପେଟ୍ରୋଲିଂରେ ଶାସନ ପୁଲିସକୁ ସହଯୋଗ ପାଇଁ ଇଣ୍ଡିଆନ କମ୍ୟୁନିଟି ପୁଲିସ କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରେ ଏକ ବାଇକ ରାଲି ରେ ଶାସନରୁ ବାହାରି ବରେଇପାଲି ଶିଳ୍ପାଞ୍ଚଳରେ ସ୍ଥିତ 'ସମାଜ' କାର୍ଯ୍ୟାଳୟକୁ ଯାଇ ଉତ୍କଳମଣି ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ବର୍ଷାରେ ଧୋଇଗଲା ପ୍ରଥମ ଦିନର ଖେଳ

ବେଙ୍ଗାଲୁରୁ, ୧୬।୧୦: ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟର ପ୍ରଥମ ଦିନର ଖେଳ ବର୍ଷାରେ ସଂପୂର୍ଣ୍ଣ ଭାବେ ଧୋଇ ହୋଇ ଯାଇଛି। ବେଙ୍ଗାଲୁରୁରେ ବୁଧବାର ପ୍ରବଳ ବର୍ଷା କାରଣରୁ ମ୍ୟାଚ୍ ଆରମ୍ଭ ହୋଇ ପାରିନାହିଁ। ଏପରିକି ମୁକାବିଲାରେ ଟସ୍ ବି ପଡ଼ି ପାରିନି। ତେଣୁ ଗୁରୁବାର ଦ୍ୱିତୀୟ ଦିନର ଖେଳକୁ ନେଇ ବିସିସିଆଇ ସମୟ ନିର୍ଦ୍ଧାରଣ କରିଛି। କେଉଁ ସମୟରେ ଟସ୍ ପଡ଼ିବ ଏହାର ସୂଚନା ଦେଇଛି ବୋର୍ଡ।

ଭାରତ ବନାମ ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ ବୁଧବାର ସକାଳ ୯ଟା ୩୦ରୁ ଆରମ୍ଭ ହେବାର ଥିଲା।ଏଥିପାଇଁ ସକାଳ ୯ଟାରେ ଟସ୍ ପଡ଼ିବାର ଥିଲା।ମାତ୍ର ବୁଧବାର ପ୍ରବଳ ବର୍ଷା ହେବାରୁ ଟସ୍ ବି ପଡ଼ି ପାରି ନ ଥିଲା।ଏବେ ବିସିସିଆଇ ମ୍ୟାଚ୍ ଓ ଟସ୍‌ର ନୂତନ ସମୟ ସ୍ଥିର କରିଛି।ଗୁରୁବାର ସକାଳ ୮ଟା ୪୫ରେ ଟସ୍ ପଡ଼ିବ ଏବଂ ମ୍ୟାଚ୍ ୯ଟା ୧୫ରେ ଆରମ୍ଭ ହେବ। ବେଙ୍ଗାଲୁରୁ ଟେଷ୍ଟର ଦ୍ୱିତୀୟ ଦିନ ସେସନର ସମୟ ମଧ୍ୟ ବଦଳିଛି। ଦିନର ପ୍ରଥମ ସେସନ ସକାଳ ୯ଟା ୧୫ରୁ ୧୧ଟା ୩୦ ପର୍ଯ୍ୟନ୍ତ ଖେଳାଯିବ। ଦ୍ୱିତୀୟ ସେସନ ମଧ୍ୟାହ୍ନ ୧୨ଟା ୧୦ରୁ ୨ଟା ୨୫ ପର୍ଯ୍ୟନ୍ତ ଚାଲିବ। ତୃତୀୟ ସେସନର ଖେଳ ୨ଟା ୪୫ରୁ ସନ୍ଧ୍ୟା ୪ଟା ୪୫ ପର୍ଯ୍ୟନ୍ତ ଚାଲିବ।

ଆଜି ଖେଳ ନ ହେବାରୁ ଓ ବର୍ଷା କାରଣରୁ ପଡ଼ିଆ ବହୁତ ଓଦା ରହିଥିବାରୁ ବିରାଟ କୋହଲି ଓ ଯଶସ୍ୱୀ ଜୟସ୍ୱାଲ ସମେତ ଅନେକ ଖେଳାଳି ଇନଡୋର ଅଭ୍ୟାସ୍ କରିଛନ୍ତି। ଏବେ ସଭିଙ୍କ ନଜର ଦ୍ୱିତୀୟ ଦିନ ଉପରେ ପାଣିପାଗ ବିଭାଗ ଅନୁଯାୟୀ, ପୁରା ମ୍ୟାଚ୍‌ରେ ୬୦ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ, ବେଙ୍ଗାଲୁରୁରେ ଭୀଷଣ ବର୍ଷା ଜାରି ରହିଛି ଅନେକ ଅଞ୍ଚଳରେ ଆଣ୍ଠୁଏ ଲେଖାଏଁ ପାଣି ଭରି ରହିଥିବା ବେଳେ ପରିସ୍ଥିତିକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ପ୍ରବଳ ବର୍ଷା କାରଣରୁ ବୁଧବାର ସ୍କୁଲ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।



# ରାଜ୍ୟ କନିଷ୍ଠ ବ୍ୟାଡ୍ମିଣ୍ଟନ୍: ଦିବ୍ୟମ୍, ସ୍ୱିଟିପ୍ରିୟାଙ୍କୁ ଦ୍ୱିମୁକୁଟ



ଭୁବନେଶ୍ୱର, ୧୬।୧୦(ମହାଭାରତ): ସ୍ଥାନୀୟ ପୋଖରୀପୁଟସ୍ଥିତ ମଲ୍ଟିପର୍ପୋଜ୍ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ନିଖିଳ ଓଡ଼ିଶା କନିଷ୍ଠ (୧୯ ବର୍ଷରୁ କମ୍) ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀରର ଦିବ୍ୟମ କେଜ୍ରୀଲ ଓ ସ୍ୱିଟିପ୍ରିୟା ପ୍ରଧାନ ଦୁଇଟି ଲେଖାଏଁ ବର୍ଗରେ ବିଜେତା ହୋଇ ଦ୍ୱିମୁକଟ ହାସଲ କରିଛନ୍ତି।ବାଳକ ବିଭାଗ ଏକକ ଫାଇନାଲ୍‌ରେ ଦିବ୍ୟମ ୨୧-୧୮, ୨୧-୮ରେ ବାଲେଶ୍ୱରର ଜ୍ୟୋତିସୂର୍ଯ୍ୟ ପରମାଣିକଙ୍କୁ ପରାସ୍ତ କରିଥିଲେ।

ଏହା ପରେ ଦିବ୍ୟମ ଯୁଗଳ ବର୍ଗ ଫାଇନାଲ୍‌ରେ ବାପୁନ ରାଉତଙ୍କୁ ସାଥି କରି ମୟୂରଭଞ୍ଜ ଯୋଡ଼ି ଶୁଭ୍ରକେତନ ମଲ୍ଲିକ ଓ ଶ୍ରୀୟାଂଶ ଜେନାଙ୍କୁ ୨୨-୨୪, ୨୧-୧୩, ୨୧-୧୪ରେ ପରାସ୍ତ କରିଥିଲେ। ବାଳିକା ଏକକ ଫାଇନାଲ୍‌ରେ ସୁନ୍ଦରଗଡ଼ର ଗୀତାଶ୍ରୀ ଖୋର୍ଦ୍ଧାର ଆଦ୍ୟା ପାଢ଼ୀଙ୍କୁ ୨୧-୭, ୨୧-୧୩ରେ ପରାସ୍ତ କରି ବିଜୟିନୀ ହୋଇଥିଲେ। ରାୟଗଡ଼ାର ସ୍ୱିଟିପ୍ରିୟା ପ୍ରଧାନ ବାଳିକା ଯୁଗଳ ଓ ମିଶ୍ରିତ ଯୁଗଳରେ ଟ୍ରଫି ଜିତି ଦ୍ୱିମୁକୁଟ ପାଇଥିଲେ। ଆଦ୍ୟା ପାଢ଼ୀଙ୍କୁ ସାଥି କରି ସ୍ୱିଟିପ୍ରିୟା ସମ୍ବଲପୁର-ଖୋର୍ଦ୍ଧା ଯୋଡ଼ି ଅଶ୍ୱିକା ମିଶ୍ର-ସିରିନ୍ ସିଦ୍ଦିକ୍‌ଙ୍କୁ ପରାସ୍ତ କରିଥିଲେ। ମିଶ୍ରିତ ଯୁଗଳରେ ଶୁଭ୍ରକେତନ ମଲ୍ଲିକ ଓ ସ୍ୱିଟିପ୍ରିୟା ପ୍ରଧାନ ୨୧-୧୧, ୨୧-୧୬ରେ ସାଇ କେଶବ ମୋଦୀ (ମୟୂରଭଞ୍ଜ) ଓ ସିରିନ୍ ସିଦ୍ଦିକ୍ (ଖୋର୍ଦ୍ଧା)ଙ୍କୁ ପରାସ୍ତ କରିଥିଲେ। ଏକକ ବିଜେତାଙ୍କୁ ୬,୦୦୦ ଟଙ୍କା ଏବଂ ଯୁଗଳ ବିଜେତା ଯୋଡ଼ିଙ୍କୁ ୭,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ମୋଟ ୧୦୩ ଖେଳାଳି ଅଂଶଗ୍ରହଣ କରିଥିବାବେଳେ ମୋଟ ୯୫,୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଅକ୍ଟୋବର ୧୯ ତାରିଖରୁ ସମାନ ଷ୍ଟାଡିୟମ୍‌ରେ ରାଜ୍ୟ ମିନି (୧୧ ବ୍ରଷରୁ କମ୍) ଏବଂ ଉପକନିଷ୍ଠ (୧୩ ବର୍ଷରୁ କମ୍) ପ୍ରତିଯୋଗିତା ଅନୁଷ୍ଠିତ ହେବ।

ସୋମବାର ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ଜନତା ପାର୍ଟିର ମୁଖପାତ୍ର ଯତିନ ମହାନ୍ତି, କ୍ରୀଡା ଓ ଯୁବସେବା ବିଭାଗର ଯୁଗ୍ମସଚିବ ଶୈଳେନ୍ଦ୍ର କୁମାର ଜେନା, ସ୍ୱରୂପ ନନ୍ଦନ ବେହେରା, ରାମଗୋବିନ୍ଦ ପରିଡ଼ା ଏବଂ ଧୀରାଜ ପଟ୍ଟନାୟକ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ବ୍ୟାଡମିଣ୍ଟନ୍ ସଂଘ ସଂପାଦକ ନିଳିନ କୁମାରଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତାକୁ ସାଂଗଠନିକ ସଂପାଦକ ପ୍ରଦୀପ କୁମାର ପଟ୍ଟନାୟକ, ସଂଯୋଜକ ଅଜିତ ମହାନ୍ତି, ଅବଦୁଲ ହାକିମ୍, ସୌଭାଗ୍ୟ ଜଗଦେବ ପ୍ରମୁଖ ପରିଚାଳନା କରିଥିଲେ।

# ମୁମ୍ବାଇ ଇଣ୍ଡିଆନ୍ସ ବୋଲିଂ କୋଚ୍ ହେଲେ ପାରସ

ମୁମ୍ବାଇ, ୧୬।୧୦: ଭାରତୀୟ ଜାତୀୟ ଟିମର ପୂର୍ବତନ ବୋଲିଂ କୋଚ୍ ପାରସ ମାହାମ୍ବ୍ରେଙ୍କୁ ମିଳିଛି ନୂଆ ଦାୟିତ୍ୱ। ତାଙ୍କୁ ଆଇପିଏଲର ଅନ୍ୟତମ ସଫଳ ଟିମ ମୁମ୍ବାଇ ଇଣ୍ଡିଆନ୍ସ ବୋଲିଂ କୋଚ ଭାବେ ନିଯୁକ୍ତି ଦେଇଛି। ପୂର୍ବରୁ ମୁମ୍ବାଇ ଲସିତ ମାଲିଙ୍ଗାଙ୍କୁ ମୁମ୍ବାଇର ବୋଲିଂ କୋଚ କରିଥିଲା ଏବେ ପାରସ ମଧ୍ୟ ମାଲିଙ୍ଗାଙ୍କ ସହ ସମାନ ଦାୟିତ୍ୱରେ ରହିବେ। ୫ଥର ଆଇପିଏଲ ଜିତିଥିବା ମୁମ୍ବାଇ ନିଯୁକ୍ତିକୁ ନିଶ୍ଚିତ କରିବା ସହ ଦୁଇ ଜଣ ଯାକ ସମାନ କ୍ଷମତାରେ ମୁଖ୍ୟ କୋଚ୍ ମାହେଲା ଜୟବର୍ଦ୍ଧନଙ୍କ ସହ ମିଶି କାମ କରିବେ ବୋଲି କହିଛି।



୫୪ ବର୍ଷୀୟ ପାରସ ଟି-୨୦ ବିଶ୍ୱକପ ବିଜେତା ଭାରତୀୟ ଟିମ ସହ ରହିଥିଲେ। ଜୁନ ମାସରେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା ଏବେ ତାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ନିଜ ପାଖକୁ ଆଣିଛି ପାରସ ପୂର୍ବରୁ ମଧ୍ୟ ମୁମ୍ବାଇ ଇଣ୍ଡିଆନ୍ସର ବୋଲିଂ କୋଚ ଥିଲେ। ୨୦୧୩ରେ ମୁମ୍ବାଇ ଆଇପିଏଲ ଜିତିବା ବେଳେ ଦଳର ବୋଲିଂ କୋଚ ଭାବେ ସେ ରହିଥିଲେ। ଏହାବାଦ ୨୦୧୦, ୨୦୧୧ ଓ ୨୦୧୩ରେ ଚମ୍ପିୟନ୍ସ ଲିଗ ଟି-୨୦ ବେଳେ ମଧ୍ୟ ସେ ମୁମ୍ବାଇ ଇଣ୍ଡିଆନ୍ସର ବୋଲିଂ କୋଚ ଥିଲେ ତେଣୁ ତାଙ୍କର ଘର ବାହୁଡ଼ା ହୋଇଛି। ସୋମବାର ମୁମ୍ବାଇ ଇଣ୍ଡିଆନ୍ସ ଜୟବର୍ଦ୍ଧେନଙ୍କୁ ପୁଣି ମୁଖ୍ୟ କୋଚ ଭାବେ ନିଯୁକ୍ତି ଦେଇଥିଲା। ୨୦୧୭ରୁ ୨୦୨୨ ମଧ୍ୟରେ ଜୟବର୍ଦ୍ଧେନଙ୍କ କୋଚିଂରେ ମୁମ୍ବାଇ ୩ଥର ଚମ୍ପିୟନ ହୋଇଥିଲା। ପାରସ ୧୯୯୨ରୁ ୨୦୦୩ ମଧ୍ୟରେ ମୁମ୍ବାଇ ପାଇଁ ଘରୋଇ କ୍ରିକେଟ ଖେଳିବା ସହ ୯୧ଟି ମ୍ୟାଚ୍‌ରେ ୨୮୪ଟି ୱିକେଟ ନେଇଥିଲେ। ତାଙ୍କ ପାଖରେ ଲେଭଲ ୩ କୋଚିଂ ଡିପ୍ଲୋମା ଡିଗ୍ରୀ ରହିଛି। ସେ ଏନସିଏରୁ ଏହି ଡିଗ୍ରୀ ପାଇଛନ୍ତି। ଘରୋଇ କ୍ରିକେଟରେ ସେ ବରୋଦା, ମହାରାଷ୍ଟ୍ର, ବିଦର୍ଭ ଓ ବେଙ୍ଗଲର କୋଚ ଦାୟିତ୍ୱରେ କାର୍ଯ୍ୟ କରି ସାରିଛନ୍ତି। ରାହୁଲ ଦ୍ରାବିଡଙ୍କ ସମୟରେ ସେ ଜାତୀୟ ଦଳର ବୋଲିଂ କୋଚ ହୋଇଥିଲେ।

## ସଞ୍ଚସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ

ଲାଞ୍ଜିଗଡ଼, ୧୬।୧୦: ଲାଞ୍ଜିଗଡ଼ ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୨୦୦୯ ମସିହାରେ ୬ରୁ ୧୨ ବର୍ଷ ଛାତ୍ରଛାତ୍ରୀଙ୍କୁ ନେଇ ଗାଁ କମିଟି ଅନୁସାରେ ବ୍ଲକରେ ଶିକ୍ଷା ଓ ସଂସ୍କୃତିକୁ ନେଇ ବ୍ଲକରେ ଦୁଇ ଗୋଟି ଲାଞ୍ଜିଗଡ଼ ଓ ବିଶ୍ୱନାଥ ପୁର ସଞ୍ଚ ଗଠନ କରାଯାଇଥିଲା ଏହି ସଞ୍ଚ ଅଧୀନରେ ୬୦ଟି ଏକକ ବିଦ୍ୟାଳୟ ରହିଥିବା ବେଳେ ସନ୍ଧ୍ୟା ଓ ସକାଳ ସମୟରେ ବନବାସୀଙ୍କୁ ୩ ଘଣ୍ଟା ଲେଖାଏଁ ଶିକ୍ଷା ପ୍ରଦାନ କରାଯାଇଛି। ଏହି ବିଦ୍ୟାଳୟଗୁଡିକୁ ନେଇ ଖେଳକୁଦ ପ୍ରତିଯୋଗିତାମାନେ ଅନୁଷ୍ଠିତ ହେଉଥିବା ବେଳେ ଆଜି ବ୍ଲକର ଚମ୍ପାଦେଇପୁର ପଂଚାୟତ ହରିହର ପୁର ଗାଁ ଖେଳ ପଡିଆ ଠାରେ ବିଶ୍ୱନାଥପୁର ସଞ୍ଚସ୍ତରୀୟ ଏକକ ବିଦ୍ୟାଳୟମାନଙ୍କୁ ନେଇ ଏକ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।

ବିଶ୍ୱନାଥପୁର ସଞ୍ଚ ସଂପାଦକ ରତ୍ନାକର ଦୋରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସଞ୍ଚ ଅଧୀନରେ ଥିବା ୩୦ ଗୋଟି ବିଦ୍ୟାଳୟର ୫୫ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଆର୍ଯ୍ୟ ଓ ଆର୍ଯ୍ୟା ଭାଇ ଭଉଣୀ ମାନେ ଏଥିରେ ଅଂଶଗ୍ରହଣ କରିଥିଲେ ପ୍ରତିଯୋଗିତାରେ ଲାଞ୍ଜିଗଡ଼ ସମାଜସେବୀ ଧର୍ମୁଅଗ୍ରାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ମାଧବାନନ୍ଦ ଗିରି ବାବା ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଅବସରରେ ପ୍ରାପ୍ତ ପ୍ରଧାନ ଶିକ୍ଷକ ହରେକୃଷ୍ଣ ଯୋଶୀ, ବ୍ଲକ ଆଦିବାସୀ ସଭାପତି ସୁକ୍ରୁ ମାଝୀ, ବିଶ୍ୱନାଥପୁର ସଞ୍ଚ ଉପ ସଭାପତି ରଘୁବିର ନାଗ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୧୦୦ମି ଦୌଡ, ୨୦୦ମି ଦୌଡ, ୪୦୦ମି ଦୌଡ , ଲମ୍ଫଡିଆଁ, ଉଚ୍ଚା ଡିଆଁ ପ୍ରଭୃତି ଖେଳ ଅନୁଷ୍ଠିତ ହୋଇଥିଲା ଏଥିରେ ଉତ୍ତୀର୍ଣ୍ଣ ୩୫ ଜଣ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

# ଜାତୀୟ ମହିଳା ଚେସ୍: ପଦ୍ମିନୀ ତୃତୀୟ, କିରଣ ଚତୁର୍ଥ

ଭୁବନେଶ୍ୱର, ୧୬।୧୦: ତାମିଲନାଡୁର କାରାଇକୁଡିସ୍ଥିତ ଚେଟିନାଡୁ ପବ୍ଲିକ ସ୍କୁଲ୍ ପରିସରରେ ଉଦ୍‌ଯାପିତ ୫୦ତମ ଜାତୀୟ ମହିଳା ଚେସ୍ ପ୍ରତିଯୋଗିତାରେ ଓଡ଼ିଶା ମହିଳା ଚେସ୍‌ର ଦୁଇ ତାରକା ଆଇଏମ୍ ପଦ୍ମିନୀ ରାଉତ ଏବଂ ଡବ୍ଲ୍ୟୁଜିଏମ୍ କିରଣ ମନୀଷା ମହାନ୍ତି ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଦଖଲ କରି ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ତାମିଲନାଡୁର ଯୁବ ତାରକା ଡବ୍ଲ୍ୟୁଜିଏମ୍ ପି ନନ୍ଧିଧା ନିଜ ପ୍ରଥମ ଜାତୀୟ ମୁକୁଟ ଜିତିବା ସହ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ହାତେଇଛନ୍ତି। ଆନ୍ଧ୍ରପ୍ରଦେଶର ପ୍ରିୟଙ୍କା ନୁତକୀ ଉପବିଜୟିନୀ ହୋଇ ୫.୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପାଇଛନ୍ତି। ୧୧ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ନନ୍ଧିଧା ୯ ପଏଣ୍ଟ ସହ ଶୀର୍ଷରେ ରହିଥିବାବେଳେ ନୁରକୀ, ପଦ୍ମିନୀ ଓ କିରଣ ସମାନ ୮.୫ ପଏଣ୍ଟ ସହ ମିଳିତ ଦ୍ୱିତୀୟରେ ରହିଥିଲେ। କିନ୍ତୁ ବୁକ୍‌ହୋଲଚ୍ ସ୍କୋରିଂରେ ପଦ୍ମିନୀ ଓ କିରଣଙ୍କୁ ନୁରକୀ ପଛରେ ପକାଇ ଦେଇଥିଲେ ପଦ୍ମିନୀଙ୍କୁ ୪.୫ ଲକ୍ଷ ଏବଂ କିରଣଙ୍କୁ ୩.୫ ଲକ୍ଷ ଟଙ୍କା ପୁରସ୍କାର ରାଶି ମିଳିଛି ଉଭୟ କିନ୍ତୁ ଓଡ଼ିଶାର ପ୍ରତିନିଧିତ୍ୱ କରି ନଥିଲେ ନିଜ ନିଜ ବୃତ୍ତିଗତ ସଂସ୍ଥା ପିଏସ୍‌ପିବି (ପଦ୍ମିନୀ) ଏବଂ ଏଲ୍‌ଆଇସି (କିରଣ) ପାଇଁ ଉଭୟ ଖେଳିଥିଲେ ୧୦ ଦିନିଆ। ଏହି ପ୍ରତିଯୋଗିତାରେ ୧୫୨ ପ୍ରମୁଖ ଖେଳାଳି ଅଂଶଗ୍ରହଣ କରିଥିଲେ। ଶୀର୍ଷ ୪ ଜଣ ଆସନ୍ତାବର୍ଷ ଜୁଲାଇରେ ଜର୍ଜିଆର ବାଟୁମିରେ ଅନୁଷ୍ଠିତ ହେବାକୁ ଥିବା ଫିଡେ ମହିଳା ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବା ସମ୍ଭାବନା ରହିଛି।



## ଚମକିଲେ ବାବରଙ୍କ ବଦଳ ଖେଳାଳି

ମୁଲତାନ, ୧୬।୧୦: ପ୍ରଥମ ଟେଷ୍ଟରେ ଇଂଲଣ୍ଡଠାରୁ ଅପ୍ରତ୍ୟାଶିତ ତଥା ଲଜ୍ଜାଜନକ ପରାଜୟ ବରଣ କରିଥିବା ପାକିସ୍ତାନ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଅପେକ୍ଷାକୃତ ଭଲ ବ୍ୟାଟିଂ କରିଛି। ବିଶେଷ କରି ତାରକା ଖେଳାଳି ବାବର ଆଜମଙ୍କ ସ୍ଥାନ ନେଇଥିବା ୨୯ ବର୍ଷୀୟ କାମରନ ଗୁଲାମ ଶତକୀୟ (୧୧୮) ପାଳି ଖେଳି ତାଙ୍କ ଅନୁପସ୍ଥିତିକୁ ଅନୁଭବ ହେବାକୁ ଦେଇ ନାହାନ୍ତି। ସେ ମଧ୍ୟ ଟେଷ୍ଟ୍ ପଦାର୍ପଣରେ ଶତକ ଅର୍ଜନ କରିବାରେ ଅବିଦ ଅଲ୍ଲୀ (୩୨ ବର୍ଷ)ଙ୍କ ପରେ ପାକିସ୍ତାନର ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ସେହିଭଳି ଚତୁର୍ଥ ସ୍ଥାନରେ ବ୍ୟାଟିଂ କରି ସଲିମ ମଲିକ (୧୯୮୨ ବନାମ ଶ୍ରୀଲଙ୍କା)ଙ୍କ ପରେ ପଦାର୍ପଣରେ ଶତକ ଅର୍ଜନ କରିବାରେ ଦ୍ୱିତୀୟ ପାକିସ୍ତାନୀ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। କାମରନଙ୍କ ସଫଳତା ପରେ କିନ୍ତୁ ଗତ ଦୁଇ ବର୍ଷ ହେବ ଅର୍ଦ୍ଧଶତକ ବି ଛୁଇଁ ନଥିବା ବାବର ଭୀଷଣ ଟ୍ରୋଲ୍‌ର ଶିକାର ହୋଇଛନ୍ତି। ଅନେକ ପାକିସ୍ତାନୀ ପ୍ରଶଂସକ ତାଙ୍କୁ ଗଲି କ୍ରିକେଟର୍ କହି ଚିଡ଼ାଇଛନ୍ତି।



## ଦୃଷ୍ଟିବାଧିତ ଟି-୨୦ ବିଶ୍ୱକପ୍ ଦଳରେ ୪ ଜଣ ଓଡ଼ିଆ



ବେଙ୍ଗାଲୁରୁ, ୧୬।୧୦(ଏଜେନ୍ସି): ପାକିସ୍ତାନରେ ଆସନ୍ତା ନଭେମ୍ବର-ଡିସେମ୍ବରରେ ୪ର୍ଥ ଦୃଷ୍ଟିବାଧିତ ଟି-୨୦ ବିଶ୍ୱକପ୍ କ୍ରିକେଟ୍‌ର ଆୟୋଜନ ହେବ ଏହା ପୂର୍ବରୁ କ୍ରିକେଟ୍ ଆସୋସିଏସନ୍ ଫର୍ ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ୍ ସଂଘ) ଟି-୨୦ ବିଶ୍ୱକପ୍ ପାଇଁ ୨୬ ଜଣିଆ ଦଳ ଘୋଷଣା କରିଛି। ଭାରତୀୟ ଟିମ୍‌ରେ ଓଡ଼ିଶାରୁ ୪ ଜଣ ଖେଳାଳି ସାମିଲ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ପାକିସ୍ତାନରେ ଆୟୋଜନ ହେଉଥିବାରୁ ଭାରତ ଯୋଗଦେବ ପି ନାହିଁ ତାହା ଯାଏଁ ସୁନିଶ୍ଚିତ ହୋଇପାରି ନାହିଁ। ଭାରତ ସରକାରଙ୍କ କ୍ରୀଡ଼ା ମନ୍ତ୍ରଳୟର ଏନ୍‌ଓସିକୁ ଦୃଷ୍ଟିବାଧିତ କ୍ରିକେଟ୍ ସଂଘ ଅପେକ୍ଷା କରିଛି। ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ୍ ସଂଘର ଘୋଷଣା ଅନୁସାରେ ଓଡ଼ିଶାରୁ ଦେବରାଜ ବେହେରା, ପଙ୍କଜ ଭୁଏ, ନକୁଳ ବଡ଼ନାୟକ ଓ ସୁଖରାମ ମାଝୀ ଟିମ୍‌ର ଅନ୍ୟ ଖେଳାଳିମାନେ ହେଲେ ଅଜୟ କୁମାର ରେଡ୍ଡୀ, ଗୁଦାପା ସନ୍ନାନିଗପା ଅରାକେରୀ, ମହାରାଜା ଶିବାସୁବ୍ରମଣ୍ୟନ୍, ନରେସଭାଇ ବାଲୁଭାଇ ତୁମ୍ଭଡା, ନିଲେଶ ଯାଦବ, ସଂଜୟ କୁମାର ଶାହ, ସେକତ ଅଲି, ପ୍ରବୀଣ କୁମାର ଶର୍ମା, ଜୀବିନ ପ୍ରକାଶ ମେଲେକୋଟ୍ଟାୟି, ଲୋକେଶ, ରାମବୀର ସିଂହ, ଇରଫାନ ଦିନ, ସୋନୁ ସିଂହ ରାତ, ଦୁର୍ଗା ରାଓ ତୋମ୍ପାକି, ସୁନୀଲ ରମେଶ, ରବିଅମିତି, ଧାନାଗର ଗୋପୁ, ଦିନେଶଭାଇ ରଥା, ଘେର ରେବାରି, ଗମ୍ଭୀର ସିଂହ ଚୋହାନ ଓ ନିଖିଲ ବାତୁଲା।

# ଦୁଇ ଦିନିଆ ଜିଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଉଦଯାପିତ

ସମ୍ବଲପୁର, ୧୬।୧୦: ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକର ଟାମ୍ପରଗଡ଼ ଗ୍ରାମପଞ୍ଚାୟତର ମହୁଲପାଲି ଖେଳପଡ଼ିଆ ଠାରେ ଚାଲିଥିବା ୨ ଦିନିଆ ଜିଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏଥିରେ ଜିଲାର ଯୁଯୋମୁରା, ମାନେଶ୍ୱର, ଜମନକିରା ବ୍ଲକର ୮ ଗୋଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ। ଏହାର ଫାଇନାଲ ମ୍ୟାଚଟି ଗୋଗୁଆପଡା ଓ ବରଗାଁ କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବରଗାଁ ଦଳ ବିଜୟୀ ଏବାସହ ପ୍ରତିଯୋଗିତାରେ ଚମ୍ପିଅନ ହୋଇଥିଲା ଏହାର ପୁରସ୍କାର ବିତରଣୀ ତଥା ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ଟାମ୍ପରଗଡ଼ ପଞ୍ଚାୟତର ସରପଞ୍ଚ କ୍ଷିରୋଦ ରାଉଳ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବିଜୟ କୁମାର ଧଳ, ଚିନ୍ତାମଣି ପ୍ରଧାନ, ଅରୁଣ ସାହୁ ପ୍ରମୁଖ ଯୋଗଦାନ କରିଥିଲେ।

# ୫ ଜଣଙ୍କୁ ରିଟେନ କରିବ ହାଇଦ୍ରାବାଦ

ନୂଆଦିଲ୍ଲୀ, ୧୬।୧୦: ଆଇପିଏଲର ମେଗା ଅକ୍ସନ ପୂର୍ବରୁ ସନରାଇଜର୍ସ ହାଇଦ୍ରାବାଦକୁ ନେଇ ବଡ଼ ଖବର ଆସିଛି। ଅକ୍ସନ ପୂର୍ବରୁ କେଉଁ ସବୁ ଖେଳାଳିଙ୍କୁ ହାଇଦ୍ରାବାଦ ମୋଟ ୭୫ କୋଟି ଟଙ୍କା ଦେଇ ରଖିବ, ତାର ରିପୋର୍ଟ ପ୍ରକାଶ ପାଇଛି।ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ହାଇଦ୍ରାବାଦ ୫ ଜଣଙ୍କ ଖେଳାଳିଙ୍କୁ ୭୫ କୋଟି ଟଙ୍କା ଖର୍ଚ୍ଚ କରି ନିଜ ସହ ରଖିବ। ଦକ୍ଷିଣ ଆଫ୍ରିକାର ଷ୍ଟାର ବ୍ୟାଟର ହେନରିଚ କ୍ଲାସେନଙ୍କୁ ରଖିବା ପାଇଁ ଦଳ ୨୩ କୋଟି ଟଙ୍କା ଟଙ୍କା ଖର୍ଚ୍ଚ କରିବ। ରିଟେନ ଖେଳାଳିଙ୍କ ତାଲିକାରେ କ୍ଲାସେନ ୧ନଂ ସ୍ଥାନରେ ରହିଛନ୍ତି।ତାଙ୍କ ପଛରକୁ ରହିଛନ୍ତି ଅଷ୍ଟ୍ରେଲିଆର ଷ୍ଟାର ଦ୍ରୁତ ବୋଲର ପାଟ କମିନ୍ସ। ଗତବର୍ଷ କମିନ୍ସଙ୍କୁ ଦଳ କିଣିବା ସହ ଅଧିନାୟକ କରିଥିଲା। ତେଣୁ ତାଙ୍କୁ ହାଇଦ୍ରାବାଦ ୧୮ କୋଟି ଟଙ୍କାରେ ରଖିବ।



ଏହାବାଦ ଭାରତର ଯୁବ ବ୍ୟାଟର ଅଭିଷେକ ଶର୍ମାଙ୍କୁ ଦଳ ରିଟେନ କରିବ। ତାଙ୍କ ଦାମ ରହିବ ୧୪ କୋଟି। ବିସ୍ଫୋରକ ଅଷ୍ଟ୍ରେଲୀୟ ବ୍ୟାଟର ଟ୍ରାଭିସ ହେଡଙ୍କୁ ୧୨ କୋଟି ଓ ଭାରତୀୟ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ହାଇଦ୍ରାବାଦ ୮ କୋଟି ଟଙ୍କା ବିନିମୟରେ ନିଜ ପାଖରେ ରଖିବ ବୋଲି ରିପୋର୍ଟରେ ଦାବି କରାଯାଇଛି। ଏହାର ଅର୍ଥ ୫ ଖେଳାଳିଙ୍କ ପାଇଁ ହାଇଦ୍ରାବାଦ ୭୫ କୋଟି ଟଙ୍କା ଖର୍ଚ୍ଚ କରିବ। ଏହାପରେ ବାକି ୪୫ କୋଟି ଟଙ୍କା ଧରି ଫ୍ରାଞ୍ଚାଇଜ ଅକ୍ସନରେ ବସିବ। ସେଠାରେ ମଧ୍ୟ ଦଳ କିଛି ନାମୀଦାମୀ ଖେଳାଳିଙ୍କୁ କିଣିବାକୁ ଯୋଜନା କରିଛି। ଅନ୍ୟପକ୍ଷରେ ଭାରତୀୟ ଟିମର ପୂର୍ବତନ ଖେଳାଳି ହେମାଙ୍ଗ ବାଦାନି ଦିଲ୍ଲୀ କ୍ୟାପିଟାଲ୍ସର କୋଚ ହେବା ଦୌଡ଼ରେ ସବୁଠାରୁ ଆଗରେ ରହିଛନ୍ତି। ସେହିପରି ଦିଲ୍ଲୀ କ୍ୟାପିଟାଲ୍ସର ସପୋର୍ଟ ଷ୍ଟାଫ ଭାବେ ପୂର୍ବତନ ଦ୍ରୁତ ବୋଲର ମୁନାଫ ପଟେଲ ମଧ୍ୟ ସାମିଲ ହୋଇପାରନ୍ତି।୨୦୧୮ରୁ ଦିଲ୍ଲୀର କୋଚ ଭାବେ ରିକି ପଣ୍ଟିଂ କାମ କରୁଥିଲେ। ହେଲେ ୨୦୨୪ ଆଇପିଏଲ ପରଠାରୁ ଦିଲ୍ଲୀ ତାଙ୍କ ସହ ସମ୍ପର୍କଛିନ୍ନ କରି ଦେଇଛି। ତେଣୁ ଏବେ ପୂର୍ବତନ ଭାରତୀୟ ଖେଳାଳିଙ୍କୁ କୋଚିଂ ଷ୍ଟାଫ ଭାବେ ଫ୍ରାଞ୍ଚାଇଜ ନେବାକୁ ଚାହୁଁଥିବା ଜଣାପଡ଼ିଛି। ସେହିପରି ଦିଲ୍ଲୀ କ୍ୟାପିଟାଲ୍ସ ଋଷଭ ପନ୍ତଙ୍କୁ ୧୮ କୋଟି, ଅକ୍ଷର ପଟେଲଙ୍କୁ ୧୪ କୋଟି ଓ କୁଲଦୀପ ଯାଦବଙ୍କୁ ୧୧ କୋଟି ଟଙ୍କା ଦେଇ ରିଟେନ କରିବ ୫ ଜଣ ଖେଳାଳିଙ୍କୁ ରଖିଲେ। ଦଳକୁ ୭୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ତେଣୁ ଦିଲ୍ଲୀ ନିଲାମ ବେଳେ ରାଇଟ ଟୁ ମ୍ୟାଚ କାର୍ଡ ବଦଳରେ ଟ୍ରିଷ୍ଟାନ ଷ୍ଟବ୍ସ ଓ ଜ୍ୟାକ ଫ୍ରେଜର ମ୍ୟାଗର୍କଙ୍କୁ ପୁଣି ନିଜ ପାଖକୁ ଆଣିପାରେ।

# ‘ଭାରତ ସମ୍ପର୍କରେ କଥା ହେବା ସଂପୂର୍ଣ୍ଣ ବ୍ୟାନ’

କରାଚୀ, ୧୬।୧୦: ପାକିସ୍ତାନ ଏ ଟିମର ଅଧିନାୟକ ମହମ୍ମଦ ହାରିସ ବଡ଼ ଖୁଲାସା କରିଛନ୍ତି। ଭାରତ ସମ୍ପର୍କରେ କଥାବାର୍ତ୍ତା ହେବା ସଂପୂର୍ଣ୍ଣ ରୂପେ ବ୍ୟାନ କରାଯାଇଥିବା ସେ ସୂଚନା ଦେଇଛନ୍ତି ଏସିସି ପୁରୁଷ ଟି-୨୦ ଏମର୍ଜିଂ ଟିମ ଏସିଆ। କପ ଆରମ୍ଭ ହେବାକୁ ଯାଉଥିବା ବେଳେ ପାକିସ୍ତାନ ଡ୍ରେସିଂ ରୁମରେ ଏପରି ଫତୱା ଜାରି କରାଯାଇଥିବା ହାରିସ କହିଛନ୍ତି।

ଅକ୍ଟୋବର ୧୯ରେ ପାକିସ୍ତାନ ଏ ତାର ପ୍ରଥମ ମ୍ୟାଚ୍‌ରେ ଭାରତ ବିପକ୍ଷରେ ଖେଳିବ। ଏହାପୂର୍ବରୁ ହାରିସ ଦେଇଥିବା ଗୋଟିଏ ସାକ୍ଷାତକାରର ଭିଡିଓ ଭାଇରାଲ ହେବାରେ ଲାଗିଛି।



ତାଙ୍କ କହିବା କଥା ଯେ ଚୀର ପ୍ରତିଦ୍ୱନ୍ଦ୍ୱୀ ଭାରତ ବିପକ୍ଷ ଯେତେବେଳେ ବି ପାକିସ୍ତାନ ଖେଳିବାକୁ ଯାଇଥାଏ ସେତେବେଳେ ଅତିରିକ୍ତ ଚାପ ରହିଥାଏ। ତେଣୁ ଖେଳାଳିଙ୍କ ଉପରେ ଅତିରିକ୍ତ ଚାପ ସୃଷ୍ଟି ନ କରିବାକୁ ନିଷ୍ପତ୍ତି ହୋଇଛି।

ସେ କହିଛନ୍ତି, ଆପଣଙ୍କୁ ଗୋଟିଏ କଥା କହୁଛି, ପ୍ରଥମଥର ପାଇଁ ଡ୍ରେସିଂ ରୁମରେ ଭାରତ ସମ୍ପର୍କରେ କଥାବାର୍ତ୍ତା କରିବା ଉପରେ ରୋକ ଲଗାଯାଇଛି। ଆମକୁ ଭାରତ ସମ୍ପର୍କରେ କଥା ହେବାକୁ ସଂପୂର୍ଣ୍ଣ ରୂପେ ମନା କରାଯାଇଛି। ଆମକୁ ଭାରତ ସମ୍ପର୍କରେ ଭାବିବାର ନାହିଁ। ଆମକୁ ଅନ୍ୟ ଟିମ ବିଷୟରେ ଭାବିବାର ଅଛି ମୁଁ ପାକିସ୍ତାନର ସିନିୟର ଟିମରେ ମଧ୍ୟ ଖେଳିଛି ଗତ ବିଶ୍ୱକପରେ ବି ମୁଁ ଖେଳିଥିଲି ଆପଣ ଭାରତ କଥା ଭାବିବା ମାତ୍ରେ ମୁଣ୍ଡ ଉପରେ ଅତିରିକ୍ତ ଚାପ ସୃଷ୍ଟି ହୋଇଯାଏ। ଆମକୁ ଅନ୍ୟ ଟିମକୁ ମଧ୍ୟ ସାମ୍ନା କରିବାକୁ ପଡ଼ିବ।ଆଗାମୀ ଏମର୍ଜିଂ ଏସିଆ। କପରେ ଭାରତର ନେତୃତ୍ୱ ତିଲକ ବର୍ମା ସମ୍ଭାଳିବେ। ଅଭିଷେକ ଶର୍ମା ତାଙ୍କର ଡେପୁଟି ରହିବେ। ସ୍କ୍ୱାଡରେ ରାହୁଲ ଚହର ମଧ୍ୟ ରହିଛନ୍ତି। ଏମାନଙ୍କ ବ୍ୟତୀତ ଆଇପିଏଲରେ ଦମ ଦେଖାଇଥିବା ପ୍ରଭସିମରନ ସିଂହ, ଅନୁଜ ରାତ, ଆୟୁସ ବଦୋନି, ରମଣଦୀପ ସିଂହ ଓ ନେହାଲ ୱାଢେରାଙ୍କ ଭଳି ବ୍ୟାଟର ଅଛନ୍ତି। ବୋଲିଂ ବିଭାଗରେ ବୈଭବ ଅରୋରା, ଆର ସାଇ କିଶୋର, ହୃତିକ ଶୋକେନ, ରଶିକ ସଲାମ ଓ ଆକିବ ଖାନ ରହିଛନ୍ତି। ଗ୍ରୁପ ବିରେ ଥିବା ଭାରତ ଅକ୍ଟୋବର ୧୯ରେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରୁ ଅଭିଯାନ ଆରମ୍ଭ କରିବେ। ଓମାନ କ୍ରିକେଟ ଏକାଡେମୀ ଗ୍ରାଉଣ୍ଡରେ ମ୍ୟାଚ ଖେଳାଯିବ। ଏହି ଗ୍ରୁପରେ ଓମାନ ଓ ୟୁଏଇ ମଧ୍ୟ ରହିଛନ୍ତି ଗ୍ରୁପ ଏ ଆଫଗାନିସ୍ତାନ, ବାଂଲାଦେଶ, ହଂକଂ ଓ ଶ୍ରୀଲଙ୍କା ଅଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ